

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୦୬ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 AUGUST 2022
Vol.No. 35 ■ No. 205 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ଦ୍ୱିତୀୟ ଦିନରେ ଚୀନ ସେନାର ସମରାଭ୍ୟାସ: ତାଇୱାନର ସମୁଦ୍ର ଉପକୂଳରେ ମିଜାଇଲ ମାଡ

ନୂଆଦିଲ୍ଲୀ, ୦୫/୦୮ : ଆମେରିକାର ବାଚସ୍ପତି ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ଚୀନ୍ ଓ ତାଇୱାନ ମଧ୍ୟରେ ବିବାଦ ଘନେଇବାରେ ଲାଗିଛି । ଚୀନ୍ ଲଗାତର ତାଇୱାନକୁ ନାଲି ଆଖି ଦେଖାଇ ଆସୁଛି । ଗୁରୁବାର ଚୀନର ପିଏଲଏ ତାଇୱାନ ଦ୍ୱୀପ ଚତୁଃପାଶ୍ୱର୍ରେ ଆରମ୍ଭ କରିଥିବା ବ୍ୟାପକ ସମରାଭ୍ୟାସରେ ଦୂରଗାମୀ ରକେଟ୍ କମାଣ ଓ ସାଧାରଣ ମିଜାଇଲ ନିକ୍ଷେପ କରୁଥିବା ଜଣାପଡ଼ିଛି । ଚୀନର ସାମ୍ନା କରିବା ପାଇଁ ତାଇୱାନ ଆମେରିକା ଦ୍ୱାରା ନିର୍ମିତ ଏଫ୍-୧୬ ଫାଇଟର୍ ଜେଟ୍ ଉପରେ ନିର୍ଭରଶୀଳ । ଏସବୁ ସତ୍ତ୍ୱେ ତାଇୱାନର ସମସ୍ୟା ଥମିବାର ନାଁ ନେଉନାହିଁ, କାରଣ ତାଇୱାନ



ଏବେ ଫାଇଟର୍ ଜେଟ୍ ପାଇଲଟଙ୍କ ଅଭାବ ଦେଖାଦେଇଛି । ଚୀନର ସମରାଭ୍ୟାସକୁ ନେଇ ତାଇୱାନର ପ୍ରତିରକ୍ଷା ମନ୍ତ୍ରାଳୟ କହିଛି ଯେ, ଚୀନର ୬୮ ବିମାନ ଓ ୧୩ଟି ଯୁଦ୍ଧ ବିମାନ ସୀମା ଅତିକ୍ରମ କରିସାରିଛି । ପରିସ୍ଥିତି ଉପରେ ଦୃଷ୍ଟି ରଖିବା ଲାଗି ତାଇୱାନ ଲଢ଼ୁଆ ବିମାନ ଓ ଯୁଦ୍ଧପୋତ ପଠାଇବା ସହ ଭୂମି ଉପରୁ ନିକ୍ଷେପ କରାଯାଉଛି । ଚୀନ ତାଇୱାନର ଉତର, ଦକ୍ଷିଣ-ପଶ୍ଚିମ ଓ ପୂର୍ବରେ ଲାଇଭ୍ ଡ୍ରିଲ ଆରମ୍ଭ କରିଦେଇଛି । ଦୁଇ ଦିନ ଭିତରେ ୧୦୦ରୁ ଅଧିକ ଯୁଦ୍ଧ ବିମାନ ଓ ୧୦ରୁ ଅଧିକ ଯୁଦ୍ଧ ଜାହାଜ ଲାଇଭ୍ ଫାୟାର ମିଲିଟାରୀ ଡ୍ରିଲରେ ଭାଗ ନେଇଛନ୍ତି । ଚୀନ୍ ପାଖରେ ଅତ୍ୟାଧୁନିକ ଅସ୍ତ୍ରର ଭଣ୍ଡାର ରହିଛି । ଚୀନ୍ ପାଖରେ ଜେ-୨୦ ଫାଇଟର୍ ଜେଟ୍ ରହିଛି । ଯାହା ଘଂଟାପ୍ରତି ୨୪ଶହ ୫୦ କିଲୋମିଟର ବେଗରେ ଗତି କରିପାରିବ । ସେହିପରି ଡିଏଫ୍-୧୭ ବାଲେଷ୍ଟିକ ମିଜାଇଲ୍ ଘଂଟାପ୍ରତି ୬ହଜାର କିଲୋମିଟର ବେଗରେ ଗତି କରିବ । ତେବେ ଏହାର ଆକ୍ରମଣାତ୍ମକ ଗତି ୧୮ଶହରୁ ୨୫ଶହ କିଲୋମିଟର ରହିଛି । ଏହାରି ଭିତରେ ତାଇୱାନ, ଚୀନର ଡ୍ରୋନକୁ ମୁକାବିଲା କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ତାଇୱାନ ପ୍ରତିରକ୍ଷା ମନ୍ତ୍ରାଳୟ ରିପୋର୍ଟ ମୁତାବକ, ପେଲୋସିଙ୍କ ଗସ୍ତକୁ ନେଇ ତୀବ୍ର ଉତେଜନା ଓ ଡ୍ରୋନ୍ ଖସାଇ ଦେବାକୁ ଉଦ୍ୟମ ଭିତରେ ବେଜିଂ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଛି । ଅନ୍ୟପକ୍ଷରେ ତାଇୱାନର ସାମରିକ ଶକ୍ତି ଓ ପ୍ରସ୍ତୁତି ସମ୍ପର୍କରେ ଡ୍ରୋନ ଗୁଡ଼ିକ ଗୁଇନ୍ଦା ସୂଚନା ଯୋଗାଡ଼ କରୁଥିବା କୁହାଯାଉଛି ।

# ଦିଲ୍ଲୀରେ ମୋଦୀଙ୍କୁ ଭେଟିଲେ ମମତା

ନୂଆଦିଲ୍ଲୀ, ୦୫/୦୮ : ନୂଆଦିଲ୍ଲୀରେ ମୋଦୀଙ୍କୁ ଭେଟିଛନ୍ତି ମମତା । ପଶ୍ଚିମବଙ୍ଗରେ ମମତାଙ୍କ ଏକଦା ଘନିଷ୍ଠ ସହଯୋଗୀ ଥିବା ପାର୍ଥ ଚାଟାର୍ଜୀଙ୍କୁ ଗିରଫ କରିଛି ଏବଂ ଶିକ୍ଷକ ନିଯୁକ୍ତି ସ୍କାମର ତଦନ୍ତ କରୁଛି । ଏହାକୁ ନେଇ ପଶ୍ଚିମବଙ୍ଗ ରାଜନୀତି ଉଠୁଥିବା ପଡୁଥିବା ବେଳେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଏପରି ରାଜନୈତିକ ହଲଚଲ ସମୟରେ ମୋଦୀ-ମମତାଙ୍କ ଏହି ଭେଟଘାଟକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଆଜି ଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ଜିଏସଟି, ଦରଦାମ ବୃଦ୍ଧି ସହ ବିଭିନ୍ନ ପ୍ରସଙ୍ଗରେ ଦିଦି ଆଲୋଚନା କରିଥିବା ସୂଚନା ମିଳିଛି । ଏହି ଅବସରରେ କେନ୍ଦ୍ରଠାରୁ ଜିଏସଟି ବାବଦକୁ ପଶ୍ଚିମବଙ୍ଗ ପାଇବାକୁ ଥିବା



ବକେୟା ଏକ ଲକ୍ଷ କୋଟି ଟଙ୍କା ତୁରନ୍ତ ଦେବା ପାଇଁ ମମତା ଦାବି କରିଥିବା ସୂଚନା ମିଳିଛି । ଏହାଛଡା ମନରେଗା, ପିଏମ୍ ଆବାସ ଯୋଜନା ଓ ପିଏମ୍ ସଡ଼କ ଯୋଜନାରେ ଅର୍ଥ ଯୋଗାଇବାକୁ ସେ ଦାବି କରିଥିବା ଚର୍ଚ୍ଚା ହେଉଛି । କାରଣ ଆଜି ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ମମତା । ଗତ ବର୍ଷ ନୀତି ଆୟୋଗର ବୈଠକରେ ଯୋଗଦେଇନଥିବା ମମତା ବାନାର୍ଜୀ ଆସନ୍ତା ରବିବାର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ନୀତି ଆୟୋଗର ବୈଠକରେ ସାମିଲ ହେବେ ବୋଲି ସୂଚନା ମିଳିଛି । ସେପଟେ ମୋଦୀ-ମମତାଙ୍କ ସାକ୍ଷାତ ପୂର୍ବରୁ ପଶ୍ଚିମବଙ୍ଗ ବିଜେପି ନେତା ଦିଲୀପ ଘୋଷଙ୍କ ବୟାନ ଚର୍ଚ୍ଚା ସୃଷ୍ଟି କରିଥିଲା । ଦିଲ୍ଲୀପ ଘୋଷ କହିଥିଲେ ମୋଦୀଙ୍କୁ ଭେଟି ସବୁ କିଛି ଠିକ୍ ହୋଇଗଲା ବୋଲି ଲୋକଙ୍କୁ ଦେଖାଇବାକୁ ଚେଷ୍ଟା କରନ୍ତି ମମତା । ତେଣୁ ଏ ଦିଗରେ କେନ୍ଦ୍ର ସରକାର ଧ୍ୟାନ ଦେବା ଉଚିତ । ଅନ୍ୟପଟେ ଏହା ମଧ୍ୟ ଚର୍ଚ୍ଚା ହେଉଛି ଦିଲ୍ଲୀରେ ତୃଣମୂଳ କଂଗ୍ରେସର ସଂସଦୀୟ ଦଳର ବୈଠକରେ ▶▶ପୃଷ୍ଠା ୭

## ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କ୍ରୀଡ଼ା ଶିକ୍ଷକଙ୍କ ଘର ସମେତ ଅନେକ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ



ଭୁବନେଶ୍ୱର,୦୫/୦୮ (ନି.ପ୍ର): ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଦିନ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଏକ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ଘର ସମେତ ଅନେକ ସ୍ଥାନରେ ଚଢ଼ାଉ ଚାଲିଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବ୍ରହ୍ମପୁର ପାତ୍ରପୁର ବ୍ଲକ ଜୟନ୍ତପୁର ଦିବ୍ୟସିଂହ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦନାର୍ଦ୍ଦନ ସାହୁଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି । ତାଙ୍କର ବ୍ରହ୍ମପୁର ଅନନ୍ତ ନଗର ସ୍ଥିତ ବାସଭବନ ସହ ଅନେକ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରୁଛି । ଚଢାଉ କାର୍ଯ୍ୟ ଜାରୀ ରହିଥିବାରୁ ସବିଶେଷ ତଥ୍ୟ ମିଳି ପାରି ନାହିଁ ।

# କଂଗ୍ରେସର ଦେଶବ୍ୟାପି ପ୍ରତିବାଦ

ନୂଆଦିଲ୍ଲୀ, ୦୫/୦୮ : ଦରଦାମ ବୃଦ୍ଧି, ବେରୋଜଗାରୀ, ଜିଏସଟି ପ୍ରତିବାଦରେ ଆଜି ଦେଶବ୍ୟାପି ପ୍ରତିବାଦ କରିଛି କଂଗ୍ରେସ । ଦିଲ୍ଲୀରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ପ୍ରତିବାଦର ମଂଗ ଧରିଥିଲେ । କଳା ପୋଷାକ ପିନ୍ଧି କେନ୍ଦ୍ର ସରକାର ବିରୋଧରେ ବିକ୍ଷୋଭ କରିଥିଲେ । କେବଳ ଦିଲ୍ଲୀ ନୁହେଁ ଓଡିଶା ସମେତ ବିଭିନ୍ନ ରାଜ୍ୟରେ ମଧ ପ୍ରତିବାଦ କରିଛନ୍ତି କଂଗ୍ରେସ ନେତା ଓ କର୍ମୀ । ଦରଦାମ ବୃଦ୍ଧି, ବେରୋଜଗାରୀ, ଜିଏସଟିକୁ ନେଇ ସାରାଦେଶରେ କଂଗ୍ରେସ କେନ୍ଦ୍ର ସରକାର ବିରୋଧରେ ଏମିତି ଶକ୍ତି ପଦର୍ଶନ କରିଛି । କଂଗ୍ରେସ ନେତାମାନେ କଳାପୋଷାକ ପିନ୍ଧି ପ୍ରତିବାଦ କରି ସେମାନେ ଏବେ ବି ଲଢ଼ିବାକୁ ସକ୍ଷମ ବୋଲି ସନ୍ଦେଶ ଦେଇଛନ୍ତି । ଦୀର୍ଘ ଦିନ ପରେ କଂଗ୍ରେସ ଅଧକ୍ଷା



ସୋନିଆ ଗାନ୍ଧୀ ପୁଣି ଥରେ ପ୍ରତିବାଦ ଯାତ୍ରାରେ ସାମିଲ ହୋଇଛନ୍ତି । ଆଉ କେନ୍ଦ୍ର ସରକାର ବିରୋଧରେ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି । ପ୍ରତିବାଦରେ କଳା ପୋଷାକ ପିନ୍ଧି ପଦଯାତ୍ରା କରିଛନ୍ତି ଉଭୟ ଲୋକସଭା ଓ ରାଜ୍ୟସଭାର କଂଗ୍ରେସ ସାଂସଦ । ସାଂସଦ ରାହୁଲ ଗାନ୍ଧୀ କଳା ପୋଷାକ ପିନ୍ଧି ପଦଯାତ୍ରାର ମଂଗ ଧରିଥିଲେ । ପୋଲିସ ଅଟକାଇବା ସତ୍ତ୍ୱେ ବି ଆଗକୁ ମାଡି ଚାଲିଥିଲେ ରାହୁଲ ଓ ତାଙ୍କ ଟିମ୍ । ପୋଲିସ ଅଟକାଇବାରୁ ମୁର୍ହାମୁହିଁ ହୋଇଥିଲେ । ତାପରେ ପୋଲିସ ସେମାନଙ୍କ ଅଟକ ରଖିଥିଲା । ଯାହାକୁ ନିନ୍ଦା କରିଛନ୍ତି ରାହୁଲ । କଂଗ୍ରେସ ନେତା ଓ କର୍ମୀଙ୍କ ପଦଯାତ୍ରା ମଂଗ ଧରିଥିଲେ ପ୍ରିୟଙ୍କା ଗାନ୍ଧୀ । ଦିଲ୍ଲୀ ସ୍ଥିତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରିୟଙ୍କା ବାହାରିବା ପରେ ରାସ୍ତାକୁ ▶▶ପୃଷ୍ଠା ୭

## ୨୪ ଘଂଟା ମଧ୍ୟରେ ୧୧ ଜିଲ୍ଲାରେ ବର୍ଷା ସମ୍ଭାବନା : ୟେଲୋୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୫/୦୮ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ରାଜ୍ୟର ୧୧ଟି ଜିଲ୍ଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା, ପବନ ହେବାର ସମ୍ଭାବନା ରହିଛି ବୋଲି ଆଜି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । କେନ୍ଦ୍ର ପକ୍ଷରୁ କୁହାଯାଇଛି ଏହି ୧୧ଟି ଜିଲ୍ଲା ପାଇଁ ୟେଲୋ ୱାର୍ନିଂଗ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଂଜାମ, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରପଡ଼ା ଓ ଭଦ୍ରକ । ଏହି ଜିଲ୍ଲା ମାନଙ୍କରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା, ପବନ ହେବାର ସମ୍ଭାବନା ରହିଛି । କାଳବୈଶାଖୀ ସମୟରେ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ କାଳବୈଶାଖୀ ସମୟରେ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି ।

# ୧୪ ଦିନ ପାଇଁ ଜେଲ ହାଜତକୁ ଗଲେ ପାର୍ଥ ଚାଟାର୍ଜୀ ଓ ଅର୍ପିତା ମୁଖାର୍ଜୀ

କୋଲକାତା, ୦୫/୦୮ : ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଓ ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀଙ୍କୁ ଆସନ୍ତା ୧୪ ଦିନ ପାଇଁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଉଭୟଙ୍କୁ ଶିକ୍ଷକ ନିଯୁକ୍ତି ଦୁର୍ନୀତି ଘଟଣାରେ ଇଡି ଗିରଫ କରିବା ପରେ ପ୍ରାୟ ୮ ଦିନ କାଳ ରିମାଣ୍ଡରେ ନେଇ ଜେରା କରିଥିଲା । ଆଜି ରିମାଣ୍ଡ ଅବଧି ଶେଷ ହେବାରୁ ସେମାନଙ୍କୁ ୧୪ ଦିନ ପାଇଁ ଜେଲକୁ ପଠାଇ ଦିଆଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ ହେବ । ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଉଭୟଙ୍କୁ କୋର୍ଟରେ ହାଜର କରିବା ପରେ ଆଉ ୧୪ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲେ । ଇଡି କହିଥିଲା ଯେ ଘଟଣାରରେ ତଦନ୍ତ ବେଳେ ଅନେକ ନୂଆ ତଥ୍ୟ ମିଳିଛି । ଏସବୁ ବିଷୟରେ ଅଧିକ ଜେରାର



ଆବଶ୍ୟକତା ରହିଛି । ତେବେ ପିଏମଏଲଏ କୋର୍ଟର ସ୍ୱତନ୍ତ୍ର ବିଚାରପତି ଜୀବନ କୁମାର ସାଧୁ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ । ଏଥିସହ ପାର୍ଥ ଓ ଅର୍ପିତାଙ୍କୁ ୧୪ ଦିନ ପାଇଁ ଜେଲ ହାଜତକୁ ପଠାଇ ଦେଇଥିଲେ । ପାର୍ଥ ଓ ଅର୍ପିତାଙ୍କୁ ଜୁଲାଇ ୨୩ ତାରିଖରୁ ଇଡି ନିଜ ହେପାଜତରେ ରଖିଥିଲା । ବେଆଇନ ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଇଡି ଜାଣିବାକୁ ପାଇଛି । ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ଅର୍ପିତାଙ୍କର ଦୁଇଟି ଘରୁ ନଗଦ ୫୦ କୋଟି ଟଙ୍କା ଓ ବିପୁଳ ପରିମାଣର ସୁନା ଅଳଙ୍କାର ଜବତ ହୋଇଥିଲା । ଏହାପରେ ହିଁ ପ୍ରଥମେ ପାର୍ଥ ଓ ପରେ ଅର୍ପିତାଙ୍କୁ ଗିରଫ କରାଯାଇଥିଲା । ଆଜିର ଶୁଣାଣି ବେଳେ ପାର୍ଥଙ୍କ ଓକିଲ ଜାମିନ ପାଇଁ ଆବେଦନ କରିଥିଲେ । ହେଲେ କୋର୍ଟ ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି ।

# ପୁଣି ଝଟକା ଦେଲା ରିଜର୍ଭ ବ୍ୟାଙ୍କ : ୫୦ ବେସିସ୍ ପଏଣ୍ଟ ବଢ଼ାଇଲା ରେପୋ ରେଟ୍

ନୂଆଦିଲ୍ଲୀ, ୦୫/୦୮ : ପୁଣି ବଢିବ ଗୃହରଣ, ଇଏମଆଇ । ଦରଦାମ ବୃଦ୍ଧିକୁ ଟ୍ରାକକୁ ଆଣିବା ପାଇଁ ଲଗାତର ତୃତୀୟ ଥର ପାଇଁ ରେପୋ ରେଟ୍ ବଢାଇଛି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ । ୫୦ ପ୍ରତିଶତ ରେପୋ ରେଟ ବୃଦ୍ଧି ପରେ ଏହା ୫.୪ ପ୍ରତିଶତରେ ପହଞ୍ଚିଛି । ଚଳିତ ଆର୍ଥିକ ବର୍ଷରେ ୩ ଥରରେ ୧.୪ ପ୍ରତିଶତ ସୁଧହାର ବଢ଼ାଇଛି ରିଜର୍ଭ ବ୍ୟାଙ୍କ । ସାରା ବିଶ୍ୱରେ ମୁଦ୍ରାସ୍ଫୀତି



ଚିନ୍ତାଜନକ ଥିବା ବେଳେ ଭାରତରେ ସ୍ଥିତି ସୁଧାରିବାକୁ ଅଣ୍ଟା ଭିଡିଛି କେନ୍ଦ୍ରୀୟ ବ୍ୟାଙ୍କ । ଦରଦାମ ବୃଦ୍ଧି ବା ମୁଦ୍ରାସ୍ଫୀତି ରୋକିବା ପାଇଁ ପୁଣିଥରେ ସୁଧହାର ବଢ଼ାଇଛି ରିଜର୍ଭ ବ୍ୟାଙ୍କ । ▶▶ପୃଷ୍ଠା ୭

# ସିବିଆଇ କାର୍ଯ୍ୟାଳୟରେ ମହିମା ମିଶ୍ରଙ୍କୁ ଜେରା

ଭୁବନେଶ୍ୱର,୦୫/୦୮ (ନି.ପ୍ର): ୨୫ ଲକ୍ଷ ଟଙ୍କା ଲାଞ୍ଚ ଦେବା ମାମଲାରେ ଶିଳ୍ପପତି ମହିମା ମିଶ୍ର ଓ ପୁଅ ଚନ୍ଦନ ମିଶ୍ରଙ୍କୁ ଗତକାଲି ସିବିଆଇ ଘଣ୍ଟା ଘଣ୍ଟା କାଳ ଜେରା କରିଥିବା ବେଳେ ଆଜି ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି ମହିମା ମିଶ୍ର । ଭୁବନେଶ୍ୱରସ୍ଥିତ ସିବିଆାଇ ଅଫିସରେ ସେ ଆଜି ହାଜର ହୋଇଛନ୍ତି । ଏହାବାଦ ଏହି ଘଟଣାରେ ସିବିଆଇ ୪ ଜଣଙ୍କୁ ଗିରଫ କରିଛି । ଗିରଫ ୪ ଜଣ ହେଲେ ପାରାଦୀପ ପୋର୍ଟ ଚିଫ୍ ମେକାନିକାଲ ଇଂଜିନିୟର ସରୋଜ ଦାସ , ଠିକାଦାର ସୁମନ୍ତ ରାଉତ, କେସିଟି ଗ୍ରୁପ ପୋର୍ଟ ଅପରେସନ ମ୍ୟାନେଜର ଶଙ୍ଖଶୁଭ୍ର ମିତ୍ର ଓ ଓଏସସ୍ଏଲ୍ ଅପରେସନ ଡିଜିଏମ୍ ସୂର୍ଯ୍ୟ ନାରାୟଣ ସାହୁ । ଗିରଫ ୪ ଜଣଙ୍କୁ ମେଡିକାଲ ଯାଞ୍ଚ ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି । ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମହିମା ମିଶ୍ର କହିଛନ୍ତି, ସିବିଆଇ ମୋତେ ନୋଟିସ କରିଥିଲା, ତେଣୁ ଆସିଛି । ତେବେ କାହିଁକି ଡାକିଛି ମୁଁ ଜାଣିନି । ଆଇନ ଉପରେ ଶତ ପ୍ରତିଶତ ଭରସା ଅଛି ବୋଲି ମଧ କହିଛନ୍ତି ମହିମା ମିଶ୍ର । ମହିମା ମିଶ୍ରଙ୍କୁ ଆଜି ସିବିଆଇ କାର୍ଯ୍ୟାଳୟରେ ପଚରାଉଚରା କରାଯାଉଥିବା ବେଳେ ତାଙ୍କ ପୁଅ ଚନ୍ଦନ ମିଶ୍ର ମଧ ସକାଳେ ଏହି କାର୍ଯ୍ୟାଳୟରେ ପହଞ୍ଚିଥିଲେ ବୋଲି ସୂଚନା ମିଳୁଛି ।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା କଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୦୫/୦୮ : ୨୦୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସମୟସୀମା ବୃଦ୍ଧି କରାଯାଇଛି । ଏହି ପରିପ୍ରେକ୍ଷୀରେ ଆବାସ ପ୍ଲସ ୱିଣ୍ଡୋ ଖୋଲାଯାଇ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆବାସ ପ୍ଲସ ୱିଣ୍ଡୋ ଖୋଲାଯାଇ ରୁରାଲ ହାଉସିଂ ପୋର୍ଟାଲରୁ ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟକୁ ସ୍ୱଚ୍ଛ ଏବଂ ପାରଦର୍ଶୀ



ଭାବରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ପରମାନେଟ୍ ୱେଟିଂ ଲିଷ୍ଟକୁ ସ୍ଥାନାନ୍ତର କରାଯାଉ ଏବଂ ଓଡ଼ିଶାକୁ ସୁଯୋଗ ଦିଆଯାଉ ବୋଲି ଧର୍ମେନ୍ଦ୍ର ପତ୍ରରେ ଉଲ୍ଲେଖ କରିଛନ୍ତି । ଏହା ସହ କିପରି ଭାବରେ ଜଣେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି । ଦେଶର ଗରିବ, ମହିଳା, ଦିବ୍ୟାଙ୍ଗ, ଏସସି, ଏସଟି, ଓବିସି, ସଂଖ୍ୟାଲଘୁ ଏବଂ ଆର୍ଥିକ ଦୁର୍ବଳ ଦୃଷ୍ଟିରୁ ପଛୁଆ ଲୋକଙ୍କୁ ପକ୍କା ଘର ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନା କରାଯାଇଛି । ଏହି ଯୋଜନା ଅନ୍ତର୍ଗତ ୨.୯୫ କୋଟି ଗୃହ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଅତିରିକ୍ତ ୧.୨୫ ଲକ୍ଷ କୋଟି ଟଙ୍କାର ବଜେଟ୍ ଅନୁଦାନ ସହ ୨୦୨୪ ପର୍ଯ୍ୟନ୍ତ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି । ବର୍ତ୍ତମାନ ଦେଶରେ ୧.୯ କୋଟି ଘର ନିର୍ମାଣ କରାଯାଇଛି । ସେହିପରି ଓଡ଼ିଶାରେ ପ୍ରାୟ ୨୭ ଲକ୍ଷ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ଅଛନ୍ତି । ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଚୂଡ଼ାନ୍ତ ଆବାସ ପ୍ଲସ ତାଲିକାରେ ୮ ଲକ୍ଷ ୧୭ ହଜାର ୫୧୩ ଘର ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ ସରକାର ଶାସକ ଦଳର ଭୋଟ୍ ହାର ଅଧିକ ଥିବା ଜିଲ୍ଲାରେ ଜାଣିଶୁଣି ଅଧିକ ଘର ପ୍ରଦାନ କରିଥିଲେ । ତଥ୍ୟରୁ ଜଣାପଡୁଛି ଯେ ଏହି ୮ ଲକ୍ଷ ୧୭ ହଜାର ୫୧୩ ଘର ମଧ୍ୟରୁ ଦକ୍ଷିଣ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ▶▶ପୃଷ୍ଠା ୭

# ପ୍ରତିଶୋଧର ନିଆଁରେ ଉଜୁଡ଼ିଗଲା ପରିବାର

ଭୁବନେଶ୍ୱର,୦୫/୦୮ (ନି.ପ୍ର): କ୍ଷଣିକ ରାଗ ପାଇଁ ପ୍ରତିଶୋଧ ପରାୟଣ ହୋଇ ମାଆ, ଝିଅଙ୍କ ଉପରେ ଗାଡି ଚଢାଇ ହତ୍ୟା କରିବା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଦିନକ ପୂର୍ବରୁ ହସଖୁସିରେ ଚାଲିଥିବା ଜୀବନରେ ହଠାତ ସବୁକିଛି ଓଲଟ ପାଲଟ ହୋଇଯିବ ଏହା ଥିଲା କଳ୍ପନାର ବାହାରେ । ସୋନାଲି ଥିଲେ ଭାରି ସାହାସୀ । ଅନ୍ୟାୟ ହେଉଥଇବା ଦେଖିଲେ ମୁହଁ ଫିଟାଉଥିବା ସୋନାଲିଙ୍କୁ ଯେ ଏଥିପାଇଁ ଜୀବନ ହରିବାକୁ ପଡ଼ିବ, ଏହାକୁ ଗ୍ରହଣ କରିପାରୁନାହାନ୍ତି ତାଙ୍କ ଭଉଣୀ ଏବଂ ଅଭିଯୁକ୍ତକୁ ଫାଶୀ ଖୁଣ୍ଟରେ ଝୁଲାଇ ଦେବାକୁ ଦାବି କରିଛନ୍ତି ।



୨ ଅଗଷ୍ଟ ୨୦୨୨ । ମାତ୍ର ଗୋଟିଏ ଦିନ ପୂର୍ବରୁ କେନ୍ଦ୍ରାପଡ଼ା ଜମ୍ମୁ ଅଞ୍ଚଳରେ ପରିବାର ସହ ଖୁସି ମନାଉଥିଲେ ମାଆ ଶ୍ରୀତିକା, ଝିଅ ସୋନାଲି ଚକ୍ରବର୍ତ୍ତୀ । ସାନଝିଅ ମୋନାଲିସା ମଧ ସେମାନଙ୍କ ସହ ଥିଲେ । କେହି କେବେ ଭାବିନଥିଲେ ମାତ୍ର ୨୪ ଘଣ୍ଟା ପରେ ସେମାନଙ୍କ ଜୀବନରେ ଛାଇଯିବ କଳାବାଦଲ । ଉଜୁଡ଼ି ଯିବ ପରିବାର, ମୁହଁରୁ ହସ ଲିଭିଯିବ, ଆଖିରୁ କେବଳ ▶▶ପୃଷ୍ଠା ୭

# କାଳିମେଳା ମିନି ଷ୍ଟାଡିୟମ ଜମି ବିକ୍ରି ପ୍ରତିବାଦରେ କାଳିମେଳା ବନ୍ଦ ଡାକରା

ମାଲକାନଗିରି,୫/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ତହସିଲ କାର୍ଯ୍ୟାଳୟ ପାଚେରୀକୁ ଲାଗି ରହିଥିବା କାଳିମେଳା ମୌଜା ର ଜମି କିଣାବିକା ଯୋଗୁଁ ବଳିପଡିଲା କାଳିମେଳା ମିନି ଷ୍ଟାଡିୟମ । ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକପ୍ରତିନିଧି ଯଥା କାଳିମେଳା ସମିତି ଅଧକ୍ଷା ସୁବାସିନି ସୋଡି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାଳିମେଳା ଜିଲ୍ଲା ପରିଷଦ ଜୋନ୍-୨ର ସଭ୍ୟା ମମତା ପଡିଆମି, କାଳିମେଳା ଗ୍ରାମପଂଚାୟତର ସରପଂଚ ପୃଥ୍ୱୀରାଜ ମାଝୀ ଓ ସମିତି ସଭ୍ୟା ଚମ୍ପା ମଲ୍ଲିକ ସମେତ ଅନ୍ୟ ମାନେ କାଳିମେଳା ତହସିଲ ଠାରୁ ଆରମ୍ଭ କରି ସଚିବ ରାଜସ୍ୱ ବିଭାଗ ଓଡ଼ିଶା ପର୍ଯ୍ୟନ୍ତ ଲିଖିତରେ ଅଭିଯୋଗ କରିଛନ୍ତି । ଉକ୍ତ ଜମି ଗୁଗଲ ମ୍ୟାପରେ ଷ୍ଟାଡିୟମ ବୋଲି ସ୍ପଷ୍ଟ ଚିହ୍ନିତ ହେଉଥିବା ବେଳେ ଏଠାରେ ସରକାରୀ କିମ୍ବା ବେସରକାରୀ କୌଣସି କାର୍ଯ୍ୟକ୍ରମ, ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକ୍ରମ, ସ୍ଥାନୀୟ କିମ୍ବାଆନ୍ତଃ ରାଜ୍ୟ କ୍ରିଡ଼ା ଉତ୍ସବ, ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ହେଲିକପ୍ଟର ଅବତରଣ ଭଳି ଅନେକ କାମପାଇଁ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବ୍ୟବହାର ?ହେଉଅଛି । ଏବଂ ଏହାର ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ବ୍ୟୟରେ ଏଠାରେ ଦର୍ଶକ ଗ୍ୟାଲେରୀ, ଖେଳାଳି ଆଶ୍ରୟ ଘର, ଗେଟ୍, ସଭାମଂଚ,ଫ୍ଲାଗ ପୋଷ୍ଟ ଇତ୍ୟାଦି ନିର୍ମାଣ କରାଯାଇଛି । ଏସବୁ ନିର୍ମାଣ ସମୟରେ ଉକ୍ତ ଜମି ଏମପିଭି-୭୫ ଗ୍ରାମର ମନୋରଞ୍ଜନ ରାୟଙ୍କ ଜମି, ଯାହାର ଖାତା ନଂ ୬୫୦/୧୬୩୦,ପ୍ଲଟ ନଂ ୩୦୦୩ ଓ ଏରିଆ ହେ. ୦.୫୨୬୦ ଏବଂ ବିମଳ ବିଶ୍ୱାସଙ୍କ ବାପାଙ୍କ ନାମରେ ଥିବା ଜମି,ଯାହାର ଖାତା ନଂ ୬୫୦/୧୬୨୯,ପ୍ଲଟ ନଂ ୩୦୦୪ ଓ ଏରିଆ ହେ. ୦.୫୮୦୦ ରହିଥିବା ଜଣାପଡିଛି । ତେବେ ମନୋରଞ୍ଜନ ରାୟଙ୍କ ଜମିକୁ ଏମଭି-୧ ଗ୍ରାମର ରାମ ପ୍ରସାଦ ଭଦ୍ର ଏବଂ ବିମଳ ବିଶ୍ୱାସଙ୍କ ଜମିକୁ ଏମଭି-୪୫ ଗ୍ରାମର ଆନନ୍ଦ ମାଲାକାର କ୍ରୟ କରିଥିଲେ । କାଳିମେଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗତ ୩୧.୫.୨୦୨୨ ତାରିଖ ଦିନ ଦୁଇ କ୍ରେତା ପଟ୍ଟା ପାଇଥିଲେ । ପରବର୍ତ୍ତୀ ସମୟରେ ଗତ ୧.୮.୨୦୨୨ ତାରିଖ ଦିନ ସୁପରଭାଇଜର ରାମକୃଷ୍ଣ ପଟ୍ଟନାୟକ ସମେତ ଅନ୍ୟ କର୍ମଚାରୀ ଉକ୍ତ ଜମିକୁ ଡିମାରକେସନ କରି ଦୁଇ କ୍ରେତା ଙ୍କୁ ଜମିର ଏରିଆ ଚିହ୍ନଟ କରାଇଥିବା ଜଣାପଡିଛି । ସେହି ଦିନ ହିଁ ଉଭୟ କ୍ରେତା ନିଜ ନିଜ ଜମିରେ ଚାଷ କରିବା ଆରମ୍ଭ କରିଥିଲେ । ଯାହାଫଳରେ ମିନି ଷ୍ଟାଡିୟମର ଚଟାଣ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲା । ଖବର ପାଇ କାଳିମେଳାର ପୁରୁଣା ଭୈରବୀ ଯୁବକ ସଂଘର କାର୍ଯ୍ୟକର୍ତ୍ତା ଏବଂ ସର୍ବସାଧାରଣ ବହୁସଂଖ୍ୟାରେ ଘଟଣା ସ୍ଥଳରେ ପହଂଚି ମିନି ଷ୍ଟାଡିୟମ ଦଖଲକୁ ବିରୋଧ କରିଥିଲେ । ଅପରପକ୍ଷରେ ବ୍ୟକ୍ତିଗତ ଜମିରେ ପ୍ରଶାସନ ମିନି ଷ୍ଟାଡିୟମର ଉନ୍ନତିକରଣ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇଅଛି । ପଟ୍ଟାଦାର ଙ୍କୁ କାଳିମେଳା ତହସିଲ ପକ୍ଷରୁ ପଟ୍ଟା ଆବେଦନ ରଦ୍ଦ କରାଯାଇଥିଲା, ପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଅପିଲ କରି ଯୋଗ୍ୟ ବିବେଚିତ ହୋଇଥିଲେ ବୋଲି କାଳିମେଳା ତହସିଲଦାର ଦୁର୍ଗା ପ୍ରସାଦ ଦୋରା କହିଛନ୍ତି । ବର୍ତ୍ତମାନ କାଳିମେଳା ରେ ଆଉ ଖେଳ ପଡିଆ ନାହିଁ। କାରଣ ଷ୍ଟାଡିୟମ ବିକ୍ରି ହୋଇଯାଇଛି । ଜମି କିଣିଥିବା ଲୋକ ମାନେ ବର୍ତ୍ତମାନ ଏହି ଷ୍ଟାଡିୟମ ରେ ଟ୍ରାକ୍ଟର ଲଗାଇ ଚାଷ କରିଛନ୍ତି ଓ ଷ୍ଟାଡିୟମ ର ଖେଳ ପଡିଆ ହଳ ଲଗାଇ ଖୋଳିଦେଇଛନ୍ତି । ଯାହାର ପ୍ରତିବାଦରେ ଆଜି କାଳିମେଳା ଭୈରବୀ ଯୁବକ ସଂଘ, ଗ୍ରାମବାସୀ, ସମାଜ ସେବୀ ଓ ଅଂଚଳ ର ଲୋକ ମାନେ ଆଜି କାଳିମେଳା ସଦର ର ଦୋକାନ ବଜାର ସହିତ ଆଜିର ଗୁରୁବାର ସାପ୍ତାହିକ ହାଟ ମଧ ବନ୍ଦ କରାଇଛନ୍ତି। ଏ ନେଇ କାଳିମେଳା ଛକ ନିକଟରେ ଟେଂଟ ମାରି ଧାରଣାରେ ବସିଛନ୍ତି। ଘଟଣା ଘଟିବାର ଆଜି ଚାରିଦିନବିତିଯାଇଛି ତଥାପି ସମାଧାନ ର ବାଟ। ଖୋଲି ନାହିଁ। ଯଦି ସମସ୍ୟା ର ସମାଧାନ ନ ହୁଏ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

# ଜିଲ୍ଲା ବାଲ୍ୟବିବାହ ନିରାକରଣ ଟାସ୍କଫୋର୍ସ କମିଟି ବୈଠକ

ବଲାଙ୍ଗୀର,୫/୦୮ (ନି.ପ୍ର): ଜିଲ୍ଲାରେ ବାଲ୍ୟ ବିବାହ ତଥା କିଶୋରୀମାତୃତ୍ୱ କୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉଦେଶ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଆବୋଲୀ ସୁନିଲ ନରୱଣେ ଙ୍କ ଅଧକ୍ଷତାରେ ବିଦ୍ୟାଳୟ ବାହାରେ ଥିବା ଜିଲ୍ଲାର ସମସ୍ତ କିଶୋରୀ /ଝିଅ ଙ୍କୁ ପୁନର୍ବାର ସ୍କୁଲ କୁ ଫେରାଇ ଆଣି ଶିକ୍ଷା ପ୍ରଦାନ କରାଯିବା ଉପରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲପାଳ ସୁବର୍ଣ୍ଣପୁର ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲପାଳ ଚଳିତ ଶିକ୍ଷା ବର୍ଷରେ ଜିଲ୍ଲାର କୌଣସି ଗୋଟିଏ ମଧ ଝିଅ ଯେପରି ସ୍କୁଲ ର ବାହାରେ ନ ରହିବେ ସେଥିପ୍ରତି ସମସ୍ତ ସମ୍ପୃକ୍ତ ବିଭାଗ ଗୁଡିକୁ ଯତ୍ନବାନ ହୋଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ଯଦି କୌଣସି ଝିଅ ନିର୍ଦ୍ଦିଷ୍ଟ ବୟସ ପୂର୍ବରୁ ବାହାହେଇ କିମ୍ବା ଅନ୍ୟ କୌଣସି କାରଣରୁ ପାଠ ଛାଡିଛନ୍ତି ଅଥବା ଗାଁ ର ବାହାରକୁ ଚାଲିଯାଇଛନ୍ତି ତାଙ୍କର ସମସ୍ତ ତଥ୍ୟ ଖୋଜି କି ବାହାର କରି ସେମାନଙ୍କୁ ପୁନଃ ସ୍କୁଲରେ ପଢିବା ନିମନ୍ତେ ଉତ୍ସାହିତ କରିବା ଉପରେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ସମୀକ୍ଷା ବୈଠକ ତଥ୍ୟ ଅନୁଯାୟୀ ସମୁଦାୟ ଡ୍ରପ ଆଉଟ ଛାତ୍ର ଛାତ୍ରୀ ଙ୍କ ସଂଖ୍ୟା ୨୭୦୧ ରହିଥିବା ବେଳେ ତନ୍ମଧ୍ୟରୁ ଅଦ୍ୟାବଧି ୧୫୨୮ ଜଣ ବିଭିନ୍ନ ସ୍କୁଲ ଓ ଆଇ ଟି ଆଇ ରେ ନାମ ଲେଖାଇ ଶିକ୍ଷା ଗ୍ରହଣ ପୂର୍ବକ ପୁନଃ ଶିକ୍ଷା କ୍ଷେତ୍ର କୁ ପ୍ରତ୍ୟାବର୍ତନ କରିଛନ୍ତି ଏବେ ସ୍କୁଲ ବାହାରେ ଥିବା ଛାତ୍ର ଛାତ୍ରୀ ଙ୍କ ସଂଖ୍ୟା ୧୧୭୩ ରହିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକୁ ଅଧିକ ବ୍ୟବସ୍ଥିତ ଓ ସୁନିର୍ଣ୍ଣିତ କରିବା ନିମନ୍ତେ ସମସ୍ତ ବିଇଓ ୨୦୨୦-୨୧,୨୦୨୧-୨୨ ରେ ବିଦ୍ୟାଳୟ ଆସୁନଥିବା ୧୫ ରୁ ୧୮ ବର୍ଷ ର ଝିଅଙ୍କ ତାଲିକା ଅନୁଯାୟୀ ସମସ୍ତେ ଯେପରି ପୁନଃ ଶିକ୍ଷା କ୍ଷେତ୍ରକୁ ପ୍ରତ୍ୟାବର୍ତନ କରିବେ ସେଥିପ୍ରତି ଆନ୍ତରିକ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ବିଦ୍ୟାଳୟ ବାହାରେ ଥିବା କିଶୋରୀ ର ବାହାଘର ହୁଏ କିମ୍ବା କିଶୋରୀ ମାତୃତ୍ୱ ହୁଏ ଅଥବା ଅଧାରୁ ପାଠ ଛାଡିଥାଏ ତେବେ ସମ୍ପୃକ୍ତ ଅଂଚଳରେ ଥିବା ସ୍କୁଲ ର ପ୍ରଧାନ ଶିକ୍ଷକ, ସି ଆର ସି ସି, ସି ଡି ପି ଓ ସୁପରଭାଇଜର ସେମାନଙ୍କ ଘରକୁ ଯାଇ ପରାମର୍ଶ କରି ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ନିମନ୍ତେ ପ୍ରଯତ୍ନ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବି ଇ ଓ ତଥା ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କ ଆନ୍ତରିକଉଦ୍ୟମ ହେତୁ ସ୍କୁଲ ବାହାରେ ଥିବା ଛାତ୍ର ଛାତ୍ରୀ ତଥା ବାହାଘର ପରେ ମଧ ପୁନର୍ବାର ବିଦ୍ୟାଳୟରେ ପାଠପଢା ଜାରି ରଖିଛନ୍ତି ଯାହା ପ୍ରଶଂସନୀୟ ବୋଲି ଜିଲ୍ଲପାଳ କହିଛନ୍ତି, ଏହି କାର୍ଯ୍ୟକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଗମ୍ଭୀରତାର ସହ ନେଇ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଛନ୍ତି । ବୈଠକରେ ଆଇ ଟି ଆଇ ପ୍ରିନ୍ସିପାଲ ଅନୁଷ୍ଠାନ ରେ ଛାତ୍ର ଛାତ୍ରୀ ଙ୍କ ନାମ ଲେଖାଇବା ସମ୍ବନ୍ଧରେ ବିଷଦ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ବାଲ୍ୟ ବିବାହ ପରାମର୍ଶ ଦାତା ଏକ୍ୱନଏଡ଼ ରାକେଶ ପ୍ରଧାନ ଜିଲ୍ଲାରେ ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱ ଉପରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ବୈଠକରେ ବିଭିନ୍ନ ବ୍ଲକ ସ୍ତରରେ ଡ୍ରପ ଆଉଟ ରହିଥିବା ଛାତ୍ର ଛାତ୍ରୀ ଙ୍କ ତଥ୍ୟ ଉପସ୍ଥିତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ପଚାରି ବୁଝିବା ସହ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତ।

# ୧୨୫ କେଜି ଗଞ୍ଜେଇ ଜବତ : ୨ ଗିରଫ

ଖୋର୍ଦ୍ଧା,୫/୦୮ (ନି.ପ୍ର): ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୨୫କେଜି ଭର୍ତି ଗଞ୍ଜେଇ ଜବତ କରିଛି । ଏପରିକି ଗଞ୍ଜେଇ ଚାଲାଣ କରୁଥିବା ଦୁଇ ଚାଲାଣକାରୀଙ୍କୁ ଗିରଫ କରିଛି । ଅବକାରୀ ବିଭାଗ ସୂଚନା ଅନୁଯାୟୀ ଗୁରୁବାର ଗଜପତି ଜିଲ୍ଲାରୁ ଓଡ଼ି୨୫ଜି୪୫୩୬ନମ୍ବର ବିଶିଷ୍ଟ ଏକ ମହିନ୍ଦ୍ର ମିନି ଟ୍ରକରେ ୧୨୫କେଜି ଗଞ୍ଜେଇ ଭର୍ତି କରି ଭୁବନେଶ୍ୱର ଆସୁଥିବା ସମୟରେ ଅବକାରୀ ବିଭାଗ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା । ତେବେ ଉକ୍ତ ଗଞ୍ଜେଇ ଭର୍ତି ଗାଡିକୁ ଧରିବା ପାଇଁ ଏକ ଟିମ ଛତ୍ରମା ଗାଁ ରାସ୍ତା ରେ ଯାଉଥିବା ସମୟରେ ଅବକାରୀ ବିଭାଗ ଟିମ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ସମୟରେ ମହିନ୍ଦ୍ର ଟ୍ରକ ରୁ ୧୨୫କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଛି ।

## ମରଣାନ୍ତକ ଆକ୍ରମଣ ମାମଲାରେ ବାପ ପୁଅ ଅଦାଲତ ଚାଲାଣ

କୋରେଇ,୫/୦୮ (ନି.ପ୍ର): ବାକି ଟଙ୍କା ମଗାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତ ବାପ ଓ ପୁଅକୁ ଗିରଫ କରି ଅଦାଲତ ଚାଲାଣ କରିଛି ପାଣିକୋଇଲି ପୁଲିସ । ପ୍ରକାଶଯେ ଗୋଲେଇପୁର (କେଳା ଗଡିଆ) ଗ୍ରାମର ଶ୍ରୀଧର ମଳିକଙ୍କ ସ୍ତ୍ରୀ ଜାନକୀ ମଳିକଙ୍କ ଅଭିଯୋଗ ମୁତାବକ ଗତ ୨ ତାରିଖ ୫ଟା ସମୟରେ ଶଗଡି ଗ୍ରାମର କାଲୋ ବେଗଙ୍କ ପୁଅ ଜହିରା ବେଗ(୫୦) ଓ ଜହିରା ବେଗଙ୍କ ପୁଅ ଗୋରା ବେଗ(୨୪) ତାଙ୍କ ଘରକୁ ଆସି ମାଟି ପଇସା ମାଗିବାକୁ କେନ୍ଦ୍ର କରି ଅଶ୍ଳୀଳ ଭାଷରେ ଗାଳିଗୁଲଜ କରିଥିଲେ । ଏମିତିକି ଜାତିଆଣା ଅକ୍ଷେପ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପୂର୍ବରୁ ମାଟି ପକା ଟଙ୍କା ଜହିରାର ଭାଗୁଆଳି ଅପତରିଆ ବେଗ ନେଇ ଯାଇଥିବା କଥା ଜାନକୀ କହିଥିଲେ । ପରେ ରାତ୍ରୀ ପ୍ରାୟ ୧୦ଟା ସମୟରେ ଶ୍ରୀଧର ଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କୁ ଅଟକାଇ ଜହିରା ଓ ଗୋରା ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଦ୍ୱାରା ଶ୍ରୀଧର ହାତ ଭାଙ୍ଗିବା ସହ ସେ କ୍ଷତାକ୍ତ ହୋଇଥିଲେ । ଏବେ ସେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଜାନକୀଙ୍କ ଅଭିଯୋଗ କ୍ରମେ ଏନେଇ ପୁଲିସ ଏକ ମାମଲା ୧୭୫/୨୨ ରୁଜୁ କରି ଦଫା ୨୯୪, ୩୨୩, ୩୨୫, ୫୦୬, ୩୪ ଆଇପିସି ଓ ଏସି/ଏସଟି ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି ।

# ୧୭ ଗୋଟି ମହିଳା ସଂୟ ସହାୟକ ଗୋଷ୍ଠିଙ୍କୁ ସ୍ୱାବଲମ୍ବୀ ପାଇଁ ୪୮ଲକ୍ଷ ଟଙ୍କାର ଋଣ ପ୍ରଦାନ

ମାଲକାନଗିରି,୫/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଡି.ଆର.ଡି.ଏ କାର୍ଯ୍ୟାଳୟରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୭ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଙ୍କୁ ଚୟନ କରି ମୋଟ ୪୮ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି । ମହିଳାଙ୍କ ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଥିବା ବେଳେ ସ୍ୱଂୟ ସହାୟକ ଗୋଷ୍ଠି ମାନଙ୍କୁ ବିଭିନ୍ନ ଆର୍ଥିକ ସହାୟତା ଏବଂ ସ୍ୱଳ୍ପ ସୁଦ୍ଧରେ ଋଣ ପ୍ରଦାନ କରୁଛନ୍ତି । ଫଳରେ ଅନେକ ମହିଳା ବର୍ତ୍ତମାନ ସ୍ୱାବଲମ୍ବୀ ହୋଇ ପାରିଥିବା ସହ ନିଜ ଘରର ଆର୍ଥିକ ସ୍ଥିତିକୁ ସୁଦୃଢ ମଧ କରିଛନ୍ତି । ଏହି କ୍ରମରେ ମାଲକାନଗିରି ଜିଲ୍ଲାରେ ମଧ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ମାଧମରେ ଋଣ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୋଟ ୧୭ ଗୋଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠି ଙ୍କୁ ଡି.ଆର.ଡି.ଏ କାର୍ଯ୍ୟାଳୟ ପରିସରରେ ସ୍ୱାବଲମ୍ବୀ ହେବା ନିମନ୍ତେ ଋଣ ପ୍ରଦାନ କରାଯାଇଛି । ଇଣ୍ଡିଆ ବ୍ୟାଙ୍କ ମାଲକାନଗିରି ଶାଖା ପକ୍ଷରୁ ମୋଟ ୪୮ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିବା ବେଳେ ଏହାକୁ ବିନିମୟ କରି ମହିଳା ମାନେ ଯେଭଳି ରୂପେ ରୋଜଗାରକ୍ଷମ ହୋଇ ପାରିବେ ସେ ନେଇ ସେମାନଙ୍କ ସହ ଆଲୋଚନା କରାଯାଇଛି । ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଏମ.ଭି - ୮୫ ଗ୍ରାମର ଶାନ୍ତି ମାତା ସ୍ୱୟଂ ସହାୟକ ଗୋଷ୍ଠିକୁ ସର୍ବାଧିକ ୧୦ ଲକ୍ଷ ଟଙ୍କାର ଋଣ ଏକ ସି ଲେଇ କେନ୍ଦ୍ର କରିବା ପାଇଁ ପ୍ରଦାନ କରାଯାଇଛି । ଏହି ଅବସରରେ ମାଲକାନଗିରି ପି.ଡି.ଡି. ଆର.ଡି.ଏ ବାଳ ମୁକୁନ୍ଦ ଭୂୟାଁ , ଓ.ଏଲ.ଏମ ଅଧୁକାରୀ ପବିତ୍ର ମୋହନ ବାରାହା , ବ୍ୟାଙ୍କ ପରିଚାଳକ ଓ ମିଶନ୍ ଶକ୍ତିର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ । ଆର୍ଥିକ ସହାୟତା ପାଇଁ ଏହି ମହିଳାସ୍ୱୟଂ ସହାୟକା ଗୋଷ୍ଠି ର ସଦସ୍ୟ ମାନେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ନୂରା ପ୍ରକାଶିତ

ବଲାଙ୍ଗିର ,୫/୦୮ (ନି.ପ୍ର): ଯେଉଁ ସମୟରେ ପୃଥିବୀର ଅନେକ ଭାଷା ଲୋପ ପାଇ ବସୁଛି, ସେହି ସମୟରେ ଦିନକୁ ଦିନ ଆହୁରି ଉଦଭାସିତ ହେଉଛି କୋଶଲୀ ସମ୍ବଲପୁରୀ ଭାଷା । କବି ଲେଖକମାନେ ଅଂଚଳର ସଂସ୍କୃତି ପରମ୍ପରା ଐତିହ୍ୟକୁ ନେଇ ସୃଷ୍ଟି କରିଚାଲିଛନ୍ତି ସାହିତ୍ୟ, ଉପଭାଷାର ଶିକୁଳିକୁ ଛିଣ୍ଡାଇ ସମ୍ବିଧାନର ଅଷ୍ଟମ ସୂଚୀରେ ଭାଷାକୁ ସାମିଲ କରିବାର ଦାବି ଓ ପ୍ରଚେଷ୍ଟା ଜୋର୍ ଧରିଛି । ଭାଷାର ମାଧୁର୍ଯ୍ୟ ଏବେ ଖାଲି ଦେଶରେ ନୁହଁ ବିଦେଶରେ ମଧ୍ୟ ଲୋକଙ୍କୁ ଆକର୍ଷିତ କଲାଣି । ଆଉ ଏ ଭିତରେ ଯୁବ କବି ସୁଜିତ କୁମାର ସତପଥିଙ୍କ କବିତା ସଂକଳନ 'ନୂରା' କେନ୍ଦ୍ର ସାହିତ୍ୟ ଅକାଦେମୀ, ନୂଆଦିଲ୍ଲୀର ଲାଙ୍ଗୁଏଜ୍ ଡେଭେଲପମେଂଟ ବୋର୍ଡ ଦ୍ୱାରା ଅନୁମୋଦିତ ହୋଇ ପ୍ରକାଶିତ ହୋଇସାରିଛି ଏବଂ ଆଉ ଗୋଟେ ପାଦ ଆଗେଇଛି ଭାଷାର ସ୍ୱୀକୃତିର । ଚଳନ୍ତି ସମୟର ଆଶ୍ୱାସନା ସହ ହଜିଯାଇଥିବା ସମୟର ପ୍ରତିଶୃତିକୁ ମାନବିକତା ଓ ମନସ୍ତାତ୍ତ୍ୱିକ ଦୃଷ୍ଟିରେ ଖୋଜି ପ୍ରକାଶିତ କରୁଥିବା ଏଇ ସଂକଳନଟି ଭାଷା ସାହିତ୍ୟରେ ଗୋଟେ ମାଇଲଖୁଂଟ ହେବାର ଦୃଢ ଆଶା ପୋଷଣ ତଥା ଆଲୋଚନା କରୁଛନ୍ତି ଅଂଚଳର ବୁଦ୍ଧିଜୀବୀ, କବି ଓ ଲେଖକମାନେ । ପ୍ରକାଶିତ ଥାଉ କି ପୂର୍ବରୁ କବି ସୁଜିତଙ୍କର କେନ୍ଦ୍ର ସାହିତ୍ୟ ଅକାଦମୀର ନବୋଦୟ ଯୋଜନା - ୨୦୧୫ ରେ ମନୋନୀତ ଓ ପ୍ରକାଶିତ 'ଇଚ୍ଛାଭାଟି' ସହ, 'ଚତୁର୍ଥ ପୁରୁଷ', 'ଶବ୍ଦରେ ଶବ୍ଦରେ', 'ଛୁଟିଦେବା ସମୟକୁ' ଆଦି କବିତା ସଂକଳନ ଓ 'କବି ସଂଜୟ କୁମାର ମିଶ୍ରଙ୍କ କବିତା : ଦୀପ୍ତି ଓ ଦିଗନ୍ତ ' ଆଲୋଚନା ପୁସ୍ତକଟି ବେଶ୍ ପାଠକୀୟ ସ୍ୱୀକୃତି ପାଇସାରିଛି ।

# ଗଙ୍ଗାଧର ଜୟନ୍ତୀ ପାଇଁ ସିନାପାଲିରେ ପ୍ରସ୍ତୁତି ବୈଠକ

ନୂଆପଡ଼ା,୫/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ସଭା ଗୁରୁବାର ଅନୁଷ୍ଠିତ ହୋଇଛି । ସମିତିର ସଭାପତି ଯୁବ ଲେଖକ ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗାମୀ ଶ୍ରାବଣ ପୂର୍ଣ୍ଣିମା ଦିନ ହେବାକୁ ଥିବା କବିଙ୍କ ଜୟନ୍ତୀ ପାଇଁ ବିଶଦ ଆଲୋଚନା କରାଯାଇଥିଲା । ଚଳିତବର୍ଷ ଜୟନ୍ତୀ ସଭାରେ ଅତିଥି ଭାବରେ ମଂତ୍ରୀ ରାଜେଂଦ୍ର ପ୍ରସାଦ ଢୋଲକିଆ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବକ୍ତା ପ୍ରଫେସର ବବୃବାହନ ମହାପାତ୍ର, କ୍ରାନ୍ତିକବି ହରିଲାଲ ସାହୁ ପ୍ରମୁଖ ଯୋଗଦେବାକୁ ଥିବା ବେଳେ ଦିନବେଳା କବିତା ଆସର, ଆଲୋଚନା ଏବଂ ସଂଧ୍ୟାରେ ସାରସ୍ୱତ ସଭା ଅନୁଷ୍ଠିତ ହେବ । ପ୍ରସ୍ତୁତି ସଭାକୁ ସମିତିର ସଂପାଦକ ତରୁଣ କୁମାର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିର ଉପଦେଷ୍ଟା ଡମ୍ବରୁଧର ମେହେର, ଚିନ୍ତାମଣି ସାହୁ,ଲମ୍ବୋଦର ମେହେର, ତୁଳସୀରାମ ମେହେର, ମୁରଳୀଧର ସା, ନବୀନଚଂଦ୍ର ମେହେରଙ୍କ ସହ ବିଜୟ କୁମାର ଯୋଷୀ, ରୂପେଶ ଚଂଦ୍ର ମେହେର, ଧୃବଚରଣ ପଧାନ, ଲଳିତ କୁମାର ସୁନାରୀ, ରୋହିତ ମେହେର,ଲୋଚନ ମେହେର, ସତ୍ୟବ୍ରତ ଗହୀର, ପ୍ରେମାନନ୍ଦ ମେହେର, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ନୀଳାଂଚଳ ମେହେର, ମୋହନ ଚରଣ ଦାସ, ନରେଶ କୁମାର ମାଝୀ, ଆଲୋକ କୁମାର ମେହେରେ, ସାନୁର୍ଯ୍ୟ ମେହେର,କମଲଜିତ ବୈକାର, ଖଗେଶ୍ୱର ମେହେର, ଗୌତମ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ଶିବପ୍ରସାଦ ମେହେର ଧନ୍ୟବାଦ ଦେଇଥିଲେ ।

# ବୀରମହାରାଜପୁର ବିଜେଡିର କର୍ମୀ ସମ୍ମିଳନୀ

ସୁବର୍ଣ୍ଣପୁର,୫/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ମୈତ୍ରୀ ସଦନ ଠାରେ ବିଜୁ ଜନତା ଦଳ ର କର୍ମୀ ସମ୍ମିଳନୀ ଶୟମ୍ଭୁ ନାଥ ଖଣ୍ଡଗିରି ଙ୍କ ସଭାପତିତ୍ୱ ରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ବ୍ଲକ ଉପାଧକ୍ଷ ଯୁବନେତା ନାରାୟଣ ଲୁହା ଙ୍କ ଆହ୍ୱାନ କ୍ରମେ ପନ୍ଦର ଗୋଟି ଗ୍ରାମପଂଚାୟତ ର ପ୍ରମୁଖ କର୍ମୀ ମାନେ ଯୋଗଦେଇ ସଂଗଠନ କୁ ସୁଦୃଢ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ଉପରେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ । ଦେଉଳି - ବାଉଁସୁଣୀ ମହାନଦୀ ପୋଲ ନିର୍ମାଣ, ଏନ. ଏ. ସି ଘୋଷଣା, ମେଗା ଜଳସେଚନ କାର୍ଯ୍ୟକାରିତା, ମହାନଦୀ ରୁ ସ୍ୱଚ୍ଛ ପାନୀୟ ଜଳ ପାଇଁ ରାଜ୍ୟ ସରକାର ଙ୍କ ଆର୍ଥିକ ସହାୟତା ପ୍ରଦାନ, ବସଷ୍ଟାଣ୍ଡ ନିର୍ମାଣ, ଡାକ୍ତରଖାନା ନୂତନ ବିଲଡିଂ ପାଇଁ ବିଧାୟକ ପଦ୍ମନାଭ ବେହେରା ଙ୍କ କାର୍ଯ୍ୟ କୁ ବୈଠକ ରେ ପ୍ରଶଂସା କରାଯାଇଥିଲା । ଉକ୍ତ ବୈଠକ ରେ ପୂର୍ବତନ ବ୍ଲକ ଅଧକ୍ଷ ରଂଜିତ କୁମାର ରଥ, କିଶୋର କୁମାର ହୋତା, ଶ୍ରୀନିବାସ ଚାନ୍ଦ, ସତ୍ୟଞ୍ଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ଯତୀନ ପାଣିଗ୍ରାହୀ, ମଧୁ ସୁଦନ ପଣ୍ଡା, ଲଳିତ ପାତ୍ର,ସ୍ୱିତୀ ପଣ୍ଡା, ପିତାମ୍ବର ସାହୁ,ଶୈଳେନ୍ଦ୍ର ବାଦୀ, ଲକ୍ଷ୍ମୀ ନାରାୟଣ ପୁରୋହିତ, ମହେନ୍ଦ୍ର ଜଗଦଲା, କୃଷ୍ଣ ଚନ୍ଦ୍ର ମେହେର, ଦୟାନିଧି ମେହେର, ସୁରୁ ନାରାୟଣ ମହାକୁର, ସପନ କୁମାର ପଧାନ ଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ । ଶେଷରେ ନାରାୟଣ ଲୁହା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ଲଟି ରାସ୍ତାର ନାଳକୁ ଭାଙ୍ଗିଲା ପୌର ପରିଷଦ

ଜୟପୁର,୫/୦୮ (ନି.ପ୍ର): ଜୟପୁର ପୌର ପରିଷଦର ବିନା ଅନୁମତିରେ ପ୍ଲଟି କରିଥିବାରୁ ଶ୍ରୀରାମ ନଗର ୪ର୍ଥ ଲାଇନରେ ରହିଥିବା ଶହେରୁ ଅଧିକ ଘରେ ବର୍ଷା ପାଣି ପଶୁଥିଲା । ଏନେଇ ସାଧାରଣ ଲୋକଙ୍କ ଦାବି ଓ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାଇ ଜୟପୁର ପୌର ପରିଷଦ ତରଫରୁ ଆଜି ଉଚ୍ଛେଦ କରାଯାଇଛି । ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତରେ ଉଚ୍ଛେଦ କରାଯାଇଛି । ପ୍ଲଟି ବ୍ୟବସାୟିର ନାଳକୁ ଭାଙ୍ଗାଯାଇ ପରିଷଦ ନିଜେ ନାଳ କରିଛି । ଏଠାରେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ ।

# ଶେଷ ହେଲା ମାଓବାଦୀଙ୍କ ଶହୀଦ ସପ୍ତାହ, ବସ୍ ଚଳାଚଳ ସ୍ୱାଭାବିକ

ଜୟପୁର,୫/୦୮ (ନି.ପ୍ର): ମାଓବାଦୀଙ୍କ ଶହୀଦ ସପ୍ତାହ ଶେଷ ହୋଇଛି । ସ୍ୱାଭାବିକ ହେଲା ବସ ଚଳା ଚଳ । ସୁରକ୍ଷା ଦୃଷ୍ଟି କୋଣରୁ ଜୟପୁର- ମାଲକାନଗିରି ସରକାରି ବସ୍ ସେବା ସଂପୁର୍ଣ୍ଣ ଠପ୍ ହୋଇଥିବା ବେଳେ ଆଜି ଠାରୁ ଚଳ ପ୍ରଚଳ ହୋଇଛି । ଅବିଭକ୍ତ କୋରାପୁଟ ଜିଲାରେ ୩୪ ରୁ ଅଧିକ ସରକାରୀ ବସ ଚଳା ଚଳ କୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି । ୨୭ ତାରିଖ ରାତ୍ରରୁ ଠାରୁ ସରକାରୀ ବସ୍ ଚଳା ଚଳ ପ୍ରଭାବିତ ହୋଇଥିଲା । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିଲା । ଜୟପୁର ଜୁନର ପାଖା ପାଖି ୧୨ଟି ରୁଟରେ ବିଜନଗରମ ଜୋନରୁ ୩ଟି ରୁଟରେ ବସ ଚଳାଚଳ ସମ୍ପୁର୍ଣ୍ଣ ବନ୍ଦ କରାଯାଇଥିଲା । ୨୮ ତାରିଖ ଠାରୁ ମାଓବାଦୀ ଙ୍କ ଶହୀଦ ସପ୍ତାହ ଆରମ୍ଭ ହୋଇଥିବାରୁ ସୁରକ୍ଷା ଦୃଷ୍ଟି ରୁ ସରକାରୀ ବସ ବନ୍ଦ କରାଯାଇଥିଲା । ଏହି ସପ୍ତାହରେ ମାଓବାଦିମାନେ ଯେପରି କିଛି କାଣ୍ଡ ନଘଟାଇ ପାରନ୍ତି ସେଥି ଯୋଗୁଁ ଜିଲା ପୋଲିସ ତରଫରୁ ସୁରକ୍ଷା ବାହିନି ଦ୍ୱାରା କଡା ସୁରକ୍ଷା କରାଯାଇଥିବା ବେଳେ ସୁରକ୍ଷା ଦୃଷ୍ଟି କୋଣରୁ ବସ୍ ଚଳା ଚଳ ବନ୍ଦ ରଖାଯାଇଥିଲା । ମାଲକାନଗିରି ଜିଲା ରୁଟ୍ରେ ୨୦ଟି ସରକାରୀ ବସ୍ ବନ୍ଦ ରଖାଯାଇ ଥିବା ବେଳେ ପାରଳାଖେମୁଣ୍ଡି- ଫୁଲବାଣି ରୁଟ୍ରେ ୪ଟି ବସ୍ ବନ୍ଦ କରାଯାଇଛି । କୋଟିଆ ରୁଟରେ ୨ଟି ପାବତିପୁରମ ଗୋଟିଏ, କାଶିପୁର ଦୁଇଟି, ଭଦ୍ରାଚଳମ ଦୁଇଟି ,ଗୁଣୁପୁର ଦୁଇଟି ଓ ଭାୟା ରାୟଗଡା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱରକୁ ଯାଉଥିବା ୮ଟି ବସକୁ ସଂମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବିଭାଗ ସୁତ୍ରରୁ ଜଣାଯାଇଛି । ମାଲକାନଗିରି ଜିଲା ମୋଟୁ ଠାରୁ ବିଶାଖାପାଟଣା ଦୁଇଟି ସେହିପରି ଉକ୍ତ ଜିଲାରୁ ଆନ୍ଧ୍ର ଯାଉଥିବା ୬ଟି ବସ ବନ୍ଦ କରାଯାଇଛି । ବ୍ରହ୍ମପୁର, ଭୁବନେଶ୍ୱର ଠାରୁ କୋରାପୁଟ-ମାଲକାନଗିର ପାଇଁ ଆସୁଥିବା ୧୫ଟି ବସ, ଭବନାପାଟଣାରୁ-ମୋଟୁ ଦୁଇଟି ବସ ବନ୍ଦ ରହିଛି । ଇନ୍ଦ୍ରାବତୀ- ଚିତ୍ରକୋଣ୍ଡା ରୁଟ୍ରେ ୨ଟି, କାଶିପୁର ଭାୟା ଦଶମନ୍ତପୁର ରୁଟୁରେ ୨ଟି, ଭବାନିପାଟଣା- ମାଲକାନଗିରି, ନିଳାଦ୍ରିନଗର, ଫୁଲବାଣି ରୁଟରେ ମଧରେ ଏପରି ଭାବେ ୩୫ରୁଟ୍ରେ ୪୦ ରୁ ଅଧିକ ସରକାରୀ ଗାଡି ବନ୍ଦ ହୋଇଥିଲା ।

# କେନ୍ଦୁଝରର ଜିଲ୍ଲାରେ କାଜୁ ବୃକ୍ଷରୋପଣ ନାମରେ କୋଟି କୋଟି ଟଙ୍କା ଚଳୁ: ଶ୍ରମିକଙ୍କର ମଜୁରୀକୁ ମଧ୍ୟ ଖାଇଗଲେ

କେନ୍ଦୁଝର,୫/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ କାଜୁ ବୃକ୍ଷ ରୋପଣ ନାମରେ ଏକ ବଡ ଧରଣର ଘୋଟାଲା ଏବେ ସାମ୍ନାକୁ ଆସିଛି । ସ୍ୱଷ୍ଟ ଦିବାଲୋକରେ ସମସ୍ତଙ୍କ ଆଖିରେ ଆଙ୍ଗୁଠି କାଜୁ ବୃକ୍ଷ ରୋପଣ ନାମରେ କୋଟି କୋଟି ଟଙ୍କା ଚଳୁ କରିଦିଆଗଲା । ଏପରି କି ଶ୍ରମିକ ମାନଙ୍କର ମାସ ମାସର ମଜୁରୀ ଟଙ୍କା ନଦେଇ ତାହାକୁ ମଧ୍ୟ ଚଳୁ କରିଦିଆ ଗଲା । ସବୁଠାରୁ ରହସ୍ୟପୁର୍ଣ୍ଣ ଘଟଣା ହେଉଛି ଯେ ବାରମ୍ବାର ଅଭିଯୋଗ ସତ୍ୱେ ସବୁ କିଛି ଜାଣି ସୁଦ୍ଧା ପ୍ରଶାସନ ନୀରବ ରହିଛି । ଯାହା କି ସ୍ୱଭାବିକ ଭାବେ ସମସ୍ତଙ୍କୁ ତାଜୁବ କରିଛି । ଗତ ଦୁଇ ରୁ ତିନି ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ ଶହ ଶହ ଚାଷୀଙ୍କର ହଜାର ହଜାର ହେକ୍ଟର ଜମିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ କଲମୀ କାଜୁ ବୃକ୍ଷ ରୋପଣ କରାଗଲା । କର୍ମଚାରୀ ଓ ଅଧିକାରୀ ମାନେ କଲମୀ କାଜୁ ବୃକ୍ଷ ରୋପଣ କରିବା ପରେ ସେମାନଙ୍କ କାର୍ଯ୍ୟ ଯେପରି ସରିଗଲା । ତାପରେ ସେମାନେ ଦିନେ ହେଲେ ବୃକ୍ଷ ରୋପଣ ଅବସ୍ଥାକୁ ଦୃଷ୍ଟି ନିପକ୍ଷେ କରିବାକୁ ଇଚ୍ଛା ପ୍ରକାଶ କଲେନାହିଁ । ହୁଏ ତ ଏହା ଅନ୍ତରାଳେ କିଛି ଅସାଧୁ କର୍ମଚାରୀଙ୍କର ପକେଟ ଗରମ କରିବାର ନିଶା ମୁଖ୍ୟ ଭୁମିକା ଗ୍ରହଣ କଲା । ଯେଉଁଥି ପାଇଁ ଏବେ ପ୍ରାୟତଃ କୌଣସି ଗୋଟିଏ ହେଲେ ଜମିରେ କାଜୁ ବୃକ୍ଷର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳୁନାହିଁ । ଏହି ପରିପ୍ରେକ୍ଷିରେ ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ସଦର ବ୍ଲକର ଗୋବର୍ଦ୍ଧନ ପଂଚାୟତର ସେଣ୍ଡକାପ ମୁଣ୍ଡୁଳୀ ସାହୀକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ । ଏହି ସେଣ୍ଡକାପ ମୁଣ୍ଡଳୀ ସାହୀର ଚାଷୀଙ୍କର କହିବାନୁସାରେ ସେମାନେ ସେମାନଙ୍କ ଜମିରେ ବିଭିନ୍ନ କିଶମର ଚାଷ କରି ଦୁଇ ପଇସା ରୋଜଗାର କରିବା ସହ ବେଶ ଭଲରେ ଚଳୁଥିଲେ । ହେଲେ ଉଦ୍ୟାନ ବିଭାଗର କେତେକ କର୍ମଚାରୀ ସେମାନଙ୍କ ନିକଟରେ ପହଂଚି ସେମାନଙ୍କୁ ସୁନେଲି ସ୍ୱପ୍ନ ଦେଖାଇ ଥିଲେ । କହିଥିଲେ ଯେ ସେମାନେ ଚାଷରୁ ଯେଉଁ ପାଇସା ପାଉଛନ୍ତି କାଜୁ ଗଛ ଲଗାଇଲେ ତା ଠାରୁ ଢେର ଅଦିକା ପଇସା ପାଇବେ । ସେମାନେ କହିଥିଲେ ଯେ ସେମାନଙ୍କ ଜମିରେ ସେମାନେ କାଜୁ ଗଛ ଲଗାଇବା ସହ ୩ ବର୍ଷ ପର୍ଯ୍ୟନ୍ତ ଜଗା ରଖା ମଧ୍ୟ କରିବେ । ଏବଂ ଫଳ ଆସିବା ସମୟରେ ସେମାନେ ଚାଷୀମାନଙ୍କୁ ତାହା ହସ୍ତାନ୍ତର କରିବେ । ଫଳରେ ସେହି କାଜୁ ସବୁ ବିକ୍ରୀ କରି ଚାଷୀମାନେ ବହୁତ ଲାଭବାନ ହେଲେ । ଫଳରେ ସେମାନଙ୍କ କର୍ମଚାରୀ ମାନଙ୍କ କଥାକୁ ବିଶ୍ୱାସ କରି ଜମି ସବୁ ସେମାନଙ୍କ ହାତକୁ ଟେକିଦେଲେ । ଫଳରେ କେବଳ ମୁଣ୍ଡଲୀ ସାହାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ବାର ଜଣ ଚାଷୀ ତାଙ୍କର ସମୁଦାୟ ଆଠ ହେକ୍ଟର ଜମିରେ ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାଜୁ ବୃକ୍ଷ ରୋପଣ ହେଲା । ଶ୍ରମିକ କାଜୁ ଲଗାଇଲେ ଓ ବାଡ ବୁଜିବା ଆଦି କାମରେ ନିୟୋଜିତ ହେଲେ । କାଜୁ ଗଛ ଲଗାଇବା କାମ ସରିବା ପରେ ବାବୁମାନେ ମାରିଲେ ଛୁ । ଏପରିକି ଶ୍ରମିକମାନଙ୍କର ପ୍ରାପ୍ୟ ଦେଲେ ନାହିଁ । ସେପଟେ ଗଛ ଲଗାଇବା ପରେ ସେଥିରେ ପାଣି ଦିଆଗଲା ନାହିଁ , ଜଗାରଖା କାମ କିମ୍ବା ସାର, ଔଷଧ ଆଦି ଦିଆଗଲା ନାହିଁ । ଗଛରେ ଉଇ ଲାଗିଲା । ଆଉ ଯାହା ଗଛ ଥିଲା ସେଥିରେ ଗାଇ ଛେଳି ପଶି ଖାଇଗଲେ ।

# ଔଷଧୀୟ ବୃକ୍ଷଲତା

ବାଡ଼ି ବଗିଚାରେ ତୁଳସୀ, ଥାଲକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂଜୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୁର୍ସୁଙ୍ଗ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ। ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି। ମାତ୍ର ଔଷଧୀୟ ଗୁଣରେ ଭରପୁର। ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ। ଅନେକ ଉପକାର ମିଳିବ। ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ। ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ। ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଖୁଂଟକୁ ଲଗାଇ ପୋତନ୍ତୁ। ଏହାଦ୍ୱାରା ସେଗୁଡ଼ିକ ସହଜରେ ବଢ଼ିପାରିବେ। ସଜନା, ପସାରୁଣି, ପୋଦିନା, ବ୍ରାହ୍ମୀ ଆଦିର ଡାଳ ପୋତିଦିଅନ୍ତୁ, ଅଙ୍କୁରିତ ହେବ। ସେହିପରି ତୁଳସୀ, ନିମ୍ବ, ଡାଳିମ୍ବ, ଅଁଳା ଆଦିର ଉତ୍ତମ କିସମ ମଂଜି କିଂବା ଚାରା ଲଗାନ୍ତୁ।



# ଘରେ ଔଷଧ ଖାଇବା ପୂର୍ବରୁ....

- ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।
- ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ ।

ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ

ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ବର୍ଷାଦିନେ ସତର୍କତା



ବର୍ଷାଦିନରେ ବିଭିନ୍ନ ପ୍ରକାର ରୋଗ ହେବା ଏକ ସାଧାରଣ କଥା; କିନ୍ତୁ ତା ଠାରୁ ବଡ଼ ହେଉଛି ବିଭିନ୍ନ ପ୍ରକାର ଚର୍ମରୋଗ । ବିଶେଷ କରି ପାଣି ଲାଗିବା ଯୋଗୁଁ ପାଦରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ । ଯେପରି କି ପାଦ ଓଦା ହୋଇ ଦୁଇ ଆଙ୍ଗୁଠି ମଝିରେ ଫଙ୍ଗାଲ୍ ଇନ୍‌ଫେକ୍‌ସନ୍, ନଖ କୋଣରେ ପାଣି ପଶି ଫୁଲିବା ମଇଳା ପାଣି ଲାଗି କୁଣ୍ଡାଇ ହେବା । ସେଥିପାଇଁ ଆମକୁ ସତର୍କ ହେବା ସହିତ ଏହି ଦିନରେ ଅଧିକ ଯତ୍ନ ନେବାକୁ ପଡ଼ିଥାଏ । ବାହାରୁ କୁଆଡ଼େ ଘରକୁ ଆସିଲେ ସାବୁନରେ ଗୋଡ଼ ହାତ ଭଲଭାବରେ ଧୋଇ ନିଅନ୍ତୁ । ପାଦକୁ ପୋଛି ଶୁଖାଇବା ପରେ ପାଉଡ଼ର ପକାଇ ପାରନ୍ତି । ବର୍ଷା ଦିନେ ଖାଲିପାଦରେ କେବେ ବି ବାହାରେ ପାଦ ରଖନ୍ତୁ ନାହିଁ । ନଚେତ୍ ଘା’ ହୋଇଯିବ । ବର୍ଷାଦିନେ ମୋଜା ପ୍ରତିଦିନ ବଦଳାନ୍ତୁ । ଯଦି ପାରିବେ ଏହି ଋତୁରେ ପେଡିକିୟୋର କରିବା ଆହୁରି ଭଲ ।

# ପରଦାକୁ ଆସିଲା ‘ମିଶନ୍ ମଙ୍ଗଲ’ର ଟିଜର

ଜଗନ ଶକ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ବହୁ ପ୍ରତୀକ୍ଷିତ ଫିଲ୍ମ ‘ମିଶନ୍ ମଙ୍ଗଲ’ର ଟିଜର ରିଲିଜ୍ ହୋଇଛି । ଟିଜରରେ ଅକ୍ଷର କୁମାର ଏବଂ ବିଦ୍ୟା ବାଲାନ୍ ଜବରଦସ୍ତ ଅଭିନୟ କରିଛନ୍ତି । ଏଥିରେ ପ୍ରମୁଖ ବୈଜ୍ଞାନିକମାନଙ୍କ ହୃଦୟସ୍ପର୍ଶୀ କାହାଣୀ ରହିବା ସହିତ କିଛି ସମର୍ପିତ ମହିଳାଙ୍କ କଥା ବର୍ଣ୍ଣନା କରାଯାଇଛି । ଯେଉଁମାନେ ପରିବାର ଏବଂ ଚାକିରିର ଦାୟିତ୍ୱ ସତ୍ତ୍ୱେ ବି କିପରି ସଫଳତା ପାଇଛନ୍ତି, ତାହା ହିଁ ଏଥିରେ କୁହାଯାଇଛି । ପୁରା ଟିଜରରେ ଦେଶପ୍ରେମର କଥା କୁହାଯାଇଛି । ଏହାର ଯୁଗ୍ମ ନିର୍ଦ୍ଦେଶକ ଅଛନ୍ତି ଜଗନ ଶକ୍ତି । ମଙ୍ଗଳଯାନ ପ୍ରକଳ୍ପ ଉପରେ ଆଧାରିତ ଏହି ଫିଲ୍ମଟି ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି । ଏହି ଦିନ ମଧ୍ୟ ଇସ୍ରୋର ପ୍ରତିଷ୍ଠା ଦିବସ । ଏଥିରେ ବିଦ୍ୟା ବାଲାନ୍, ଅକ୍ଷୟ କୁମା, ତାପସୀ ପନ୍ନୁ, ସୋନାକ୍ଷୀ ସିହ୍ନା, ନିତ୍ୟା ମେନନ୍ ପ୍ରମୁଖ ବଳିଷ୍ଠ ଅଭିନୟ କରିଛନ୍ତି ।

# ବେବି ଫୁଡ୍ ନବଜାତ ସ୍ୱାସ୍ଥ୍ୟ ପାଇଁ ହୋଇପାରେ କ୍ଷତିକାରକ: ଡବ୍ଲ୍ୟୁଏଚ୍‌ଓ



ଜାତିସଂଘର ଏକ ରିପୋର୍ଟକୁ ଯଦି ଗ୍ରହଣ କରାଯାଏ ତେବେ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ବେବି ଫୁଡ୍ ନବଜାତ ଶିଶୁର ସ୍ୱାସ୍ଥ୍ୟପାଇଁଢ କ୍ଷତିକାରକ ଅଟେ । କାରଣ ଏଥିରେ ଚିନିର ମାତ୍ରା ଅଧିକ ରହୁଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏକ ନିୟମାବଳୀ ମଧ ଜାରି କରିଛି । ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ନଭେମ୍ବର ୨୦୧୭ରୁ ଜାନୁଆରୀ ୨୦୧୮ ମଧରେ ଅଷ୍ଟ୍ରିୟା, ବୁଲଗେରିଆ, ଇସ୍ରାଏଲ, ହଙ୍ଗେରି ଆଦି ଦେଶର ୫୦୦ରୁ ଅଧିକ ଦୋକାନରେ ବିକ୍ରି ହେଉଥିବା ୮ ହଜାରରୁ ଅଧିକ ବେବି ଫୁଡ୍ (ଶିଶୁ ଖାଦ୍ୟ)ର ଯାଞ୍ଚ କରାଯାଇଥିଲା । ପରେ ରିପୋର୍ଟରେ କୁହାଯାଇଛି ଯେ, ୮ ହଜାର




ଉତ୍ପାଦ ମଧରୁ ଅଧାରୁ ଅଧିକ ଉତ୍ପାଦରେ ୩୦% କ୍ୟାଲେରି ସୁଗର ଥିଲ । ବେଳେ ପାଖାପାଖି ଏକ ତୃତୀୟାଂଶ ଉତ୍ପାଦରେ ଚିନି ମାତ୍ରା ଅଧିକ ଥିବା ଜଣାପଡ଼ିଛି । ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି ଯେ, ଫଳ ପନିପରିବାରେ ପ୍ରାକୃତିକ ଭାବେ ଚିନି ମହଜୁଦ ରହିଥାଏ । ଏହା ପିଲାଙ୍କ ଖାଦ୍ୟରେ ସାମିଲ କରାଯାଇପାରେ । ମାତ୍ର ବଜାରରେ ବିକ୍ରି ହେଉଥିବା ଶିଶୁ ଖାଦ୍ୟରେ ଚିନି ମାତ୍ରା ଅଧିକ ପରିମାଣର ରହୁଥିବାରୁ ଏହା ଶରୀର ପାଇଁ କ୍ଷତିକାରକ ଅଟେ । ଏହି ଖାଦ୍ୟ ଖାଇବା ଦ୍ୱାରା ଶିଶୁଙ୍କ ଓଜନ ବଢ଼ିବା ସହ ଦାନ୍ତରେ କ୍ୟାଭିଟିଜ ସମସ୍ୟା ସୃଷ୍ଟି ହୋଇଥାଏ । ନିୟମାବଳୀର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପିଲାମାନଙ୍କୁ ଅଧିକ ମାତ୍ରାର ଚିନି ସେବନ ଠାରୁ ଦୂରେଇ ରଖିବା ନିହାତି ଜରୁରୀ । ଜୀବନର ପ୍ରାରମ୍ଭରୁ ଯଦି ଅଧିକ ମାତ୍ରାର ମିଠା ଖାଦ୍ୟ ସେମାନଙ୍କୁ ଦିଆଯାଏ ତେବେ ବଡ଼ ହେଲେ ଏହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ, ସେମାନଙ୍କୁ ଅନ୍ୟ ପୋଷକ ତତ୍ୱ ଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ଇଚ୍ଛା ହୋଇନଥାଏ । ଏହା ଶିଶୁର ଅଭିବୃଦ୍ଧି, ବିକାଶରେ ମଧ ବାଧକ ସାଜିଥାଏ । ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଶିଶୁ ଖାଦ୍ୟରେ ଅଧିକ ମାତ୍ରାରେ ଚିନି ରହୁଛି, ସେହି ଖାଦ୍ୟକୁ ନିର୍ଣ୍ଣିତ କରିବା ନିହାତି ଆବଶ୍ୟକ ।

# ବ୍ରଣ ଦୂର କରିବ ମହୁ

ସାଧାରରତଃ ବର୍ଷା ଦିନେ ତ୍ୱଚା ଜନିତ ବିଭିନ୍ନ ସମସ୍ୟା ଦେଖାଯାଇଥାଏ । ବର୍ଷା ଦିନେ ହେଉଥିବା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତ୍ୱଚା ବିଷେଶଜ୍ଞଙ୍କ ପରାମର୍ଶ ନେଇ ମଧ ଏଥିରେ ବିଫଳ ହୁଅନ୍ତି । ଯଦି ସଠିକ୍ ସମୟରେ ଘରୋଇ ଉପଚାର କରାଯାଏ, ତେବେ ଏଥିରୁ ମୁକ୍ତି ମିଳିବା ସମ୍ଭବ ହେବ । ଏ ସମୟରେ ବ୍ରଣ ଭଳି ସମସ୍ୟା ତ୍ୱଚାରେ ଉପୁଜିଥାଏ । ଆମ ନିକଟରେ ହିଁ ଏହାର ଉପାୟ ଲୁଚି ରହିଛି । ରୋଷେଇରେ ବ୍ୟବହାର ଆସୁଥିବା ମହୁ ହେଉଛି ବ୍ରଣ ଦୂର କରିବାର ଉତ୍କୃଷ୍ଟ ଉପାୟ । ମହୁ ଭଳି ଏକ ଚମତ୍କାରୀ ଉପାଦାନ ମାଧ୍ୟମରେ ଏହାକୁ ଦୂର କରିବା ସମ୍ଭବପର । ମହୁରେ ଥିବା ଜୀବାଣୁ ପ୍ରତିରୋଧକ ତତ୍ତ୍ୱ ତ୍ୱଚାର ଜୀବାଣୁକୁ ନଷ୍ଟ କରିବାରେ ବେଶ ସହାୟକ ହୋଇଥାଏ । ଏହା ଶରୀର ପାଇଁ ଉପକାରୀ ହେବା ସହ ଶରୀରରେ ରକ୍ତକୁ ବିଶୁଦ୍ଧ କରିଥାଏ । ପ୍ରଦତ୍ତ କିଛି ସରଳ ଉପଚାର ମାଧ୍ୟମରେ ଆପଣ ବ୍ରଣରୁ ମୁକ୍ତି ପାଇପାରିବେ ।




**ମହୁ ଓ ବେକିଂ ସୋଡ଼ା:**
ଗୋଟିଏ ଚାମଚ ବେକିଂ ସୋଡ଼ାକୁ ଦୁଇଚାମଚ ମହୁରେ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ ତ୍ୱଚାରେ ଗୋଲାକାର ଭାବେ ମସାଜ କରନ୍ତୁ । ଏହାର ୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ୩ରୁ ୫ ଦିନ ମଧରେ ଥରେ ଏହିପରି କରିଲେ ତ୍ୱଚାରୁ ବ୍ରଣ ଦୂର ହୋଇଯିବ ।

**ମହୁ ଓ ହଳଦୀ:**
ମହୁ ଓ ହଳଦୀରେ ପ୍ରଚୁର ପରିମାଣରେ ପ୍ରାକୃତିକ ତତ୍ତ୍ୱ ଭରି ରହିଛି । ଏକ ଚାମଚ ମହୁରେ ଅଳ୍ପ ହଳଦୀ ମିଶି ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହାକୁ ୩୦ ମିନିଟ୍ ପାଇଁ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ ରଖନ୍ତୁ । ଏହା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହାକୁ ସପ୍ତାହରେ ଥରେ ନିଶ୍ଚୟ ବ୍ୟବହାର କରନ୍ତୁ ।

**ମହୁ ଏବଂ ସେଓର ସିରକା:**
ଗୋଟିଏ ଚାମଚ ପାଣିରେ, ଦୁଇ ଚାମଚ ମହୁ ଏବଂ କିଛି ମାତ୍ରାର ସେଓର ସିରକାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତୁଳା ସହାୟତାରେ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ କିଛି ସମୟ ପାଇଁ ସମାଜ କରନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା ପରେ ସେଓର ସିରକାକୁ ଟୋନର ଭଳି ବ୍ୟବହାର କରନ୍ତୁ ।

**ମହୁ ଏବଂ ଗ୍ରୀନ୍ ଟି :**
ଏଥିପାଇଁ ଆପଣଙ୍କୁ ଅଳ୍ପ ମାତ୍ରା ମହୁ, ୨ କପ୍ ଉଷୁମ ପାଣି ଏବଂ ଗୋଟିଏ ଗ୍ରୀନ୍‌ଟି ବ୍ୟାଗ୍‌ରେ ଆବଶ୍ୟକ ହେବ । ଏହି ଗରମ ପାଣିରେ ଗ୍ରୀନ୍‌ଟି ବ୍ୟାଗଟିକୁ କିଛି ସମୟ ପାଇଁ ବୁଡ଼ାଇ ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଅଳ୍ପ ଗ୍ରୀନ୍ ଟି ପାଣିକୁ ଅଲଗା ରଖି ଦିଅନ୍ତୁ ଏବଂ ବଳକା ପାଣିରେ ମହୁକୁ ଗୋଳାଇ ଲେପ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଅଳ୍ପ ରଖିଥିବା ଗ୍ରୀନ୍ ଟି ପାଣିକୁ ତ୍ୱଚାରେ ପୋଛି ଦିଅନ୍ତୁ । ଏହାପରେ ପ୍ରସ୍ତୁତ ପେଷ୍ଟକୁ ମୁଁହରେ ୨୦ ମିନିଟ ପାଇଁ ରଖି ପରେ ଧୋଇ ଦିଅନ୍ତୁ ।






**ମହୁ ଓ ଲେମ୍ବୁ:**
ଏକ ଚାମଚ ମହୁ, ଅଳ୍ପ ଚିନି, ଅଧ ଚାମଚ ଲେମ୍ବୁ ରସ ଏବଂ ଲେମ୍ବୁ ଜେଷ୍ଟ(ଲେମ୍ବୁର ଚୋପାକୁ ଶୁଖାଇ ଗୁଣ୍ଡ ପ୍ରସ୍ତୁତ କରାଯାଇଥାଏ)କୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁଁହରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

# ପ୍ଲାଷ୍ଟିକ୍ ବ୍ୟାଗରେ ଭର୍ତ୍ତି କରି ପିଲାଙ୍କୁ ନଦୀ ପାର୍ କରନ୍ତି ପରିବାର ଲୋକେ



ଶୁଖିଲା ପୋଷାକରେ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ଭିଏତ୍‌ନାମର ହୁଓଇ ଗ୍ରାମର ଲୋକେ ଯେଉଁ କାର୍ଯ୍ୟ କରନ୍ତି ତାହା ବୋଧହୁଏ ବିଶ୍ୱର କେଉଁଠାରେ ମଧ ଦେଖିବାକୁ ମିଳୁନଥିବ । ଏଠାକାର ପିଲାମାନେ ବର୍ଷାଦିନେ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର୍ ହୋଇ ସ୍କୁଲ ଯାଇଥାନ୍ତି । ଗ୍ରାମରୁ ସ୍କୁଲକୁ ଯିବା ପାଇଁ ନଦୀ ପାର୍ ହେବାକୁ ପଡ଼ିଥାଏ । ବର୍ଷାଦିନେ କାଠ ତିଆରି ପୋଲ ଭାଙ୍ଗି ଯାଇଥିବାରୁ ପ୍ଲାଷ୍ଟିକ୍ ବ୍ୟାଗରେ ପିଲାମାନଙ୍କୁ ଭର୍ତ୍ତି କରି ପରିବାର ଲୋକେ ନଦୀରେ ପହଁରି ପହଁରି ସ୍କୁଲ ଛାଡ଼ିଥାନ୍ତି । ସ୍କୁଲରେ ପହଞ୍ଚିଲା ବେଳକୁ ଯେପରି ପିଲାଙ୍କ ଡ୍ରେସ୍ ଓଦା ହୋଇନଥିବ ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେଇଥାନ୍ତି ସେମାନେ । ଗାଁ ମୁଖିଆଙ୍କ କହିବା ଅନୁସାରେ ଏହି କାମ ଅତି ବିପଦପୂର୍ଣ୍ଣ । ହେଲେ ଆମ ନିକଟରେ ଆଉ କୌଣସି ବାଟ ନାହିଁ । ଏୟାର ଟାଇଟ୍ ପଲିଥିନ୍ କାରଣରୁ ପିଲାମାନଙ୍କ ପାଇଁ ଅନେକ ସମୟରେ ଅକ୍ସିଜେନ୍ କମ୍ କାରଣରୁ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଆମେ ଏହି ସମସ୍ୟା ନେଇ ଅନେକ ଥର ସରକାରଙ୍କୁ ଅବଗତ କରାଇଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବାରୁ ଏପରି ଅସୁବିଧା ଆମକୁ ଏବଂ ଆମ ପିଲାମାନଙ୍କୁ ଭୋଗିବାକୁ ପଡୁଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସେନା କଳି...

ଶିବସେନା ଦଳ ଭିତରେ ଲାଗିଥିବା ଗୋଷ୍ଠୀ ବିବାଦ ମହାରାଷ୍ଟ୍ରରେ ନେତୃତ୍ୱ ପରିବର୍ତ୍ତନ ସହ ଶେଷ ହୋଇନାହିଁ । ବରଂ ଦିନକୁ ଦିନ ଏହା ଅଧିକ ଜଟିଳ ହେବାରେ ଲାଗିଛି । ଉଦ୍ଧବ ଠାକରେଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଏକନାଥ ସିନ୍ଦେ ଗୋଷ୍ଠୀ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ଘଟାଇବାକୁ ସକ୍ଷମ ହେବାପରେ ଏବେ ଦଳ ଓ ଦଳୀୟ ସଂକେତ(ଧନୁ ଓ ତୀର)କୁ ନେଇ ଭିଡ଼ା ଓଟରା ଚାଲିଛି । ଏହି ମାମଲା ଯାଇ ପହଞ୍ଚିଛି ନିର୍ବାଚନ ଆୟୋଗ ଏବଂ ସୁପ୍ରିମ କୋର୍ଟରେ । ଏହି ମାମଲାର ଶୁଣାଣି ଏବେ ପ୍ରଧାନ ବିଚାରପତି ଜଷ୍ଟିସ ଏନ. ଭି. ରମନ୍ନାଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ କରୁଛନ୍ତି । ଗୁରୁବାର ଦିନ ଏହାର ଶୁଣାଣି ପରେ ଏହି ମାମଲାକୁ ଆସନ୍ତା ଆଠ ତାରିଖ, ସୋମବାର ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି । ତେବେ ସେ ପର୍ଯ୍ୟନ୍ତ ଦଳୀୟ ସଂକେତ ପ୍ରଦାନକୁ ନେଇ କୌଣସି ପ୍ରକାର ଫଇସଲା ନଶୁଣାଇବା ସକାଶେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଇତିପୂର୍ବରୁ ଦଳୀୟ ବିଧାୟକମାନଙ୍କୁ ଉଭୟ ବିରୋଧୀ ଗୋଷ୍ଠୀଙ୍କ ପକ୍ଷରୁ ଅଯୋଗ୍ୟ ଘୋଷଣା କରିବା ସଂପର୍କରେ କୌଣସି ନିଷ୍ପତ୍ତି ନନେବା ଏବଂ ଏହାର ଯଥାସ୍ଥିତି କାଏମ ରଖିବା ସକାଶେ ଖଣ୍ଡପୀଠ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏକନାଥ ସିନ୍ଦୁ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାରେ ସକ୍ଷମ ହେବାପରେ ଏବେ ଦଳକୁ ନିୟନ୍ତ୍ରଣ କରିବା ସକାଶେ ବ୍ୟଗ୍ର। ବିଶେଷକରି ଆଗକୁ ହେବାକୁ ଥିବା ବୃହତ୍ ମୁମ୍ବାଇ ମହାନଗର ନିଗମ (ବିଏମସି) ନିର୍ବାଚନ ପୂର୍ବରୁ ଦଳକୁ ନିଜ ଅକ୍ତିଆରକୁ ଆଣିବା ଲାଗି ମୁଖ୍ୟମନ୍ତ୍ରୀ ସିନ୍ଦେ ଆଗ୍ରହୀ । ତେଣୁ ତାଙ୍କ ଗୋଷ୍ଠୀ ହିଁ ପ୍ରକୃତ ଶିବସେନା ଓ ତାଙ୍କୁ ଦଳୀୟ ସଂକେତ ଧନୁ ଓ ତୀର ମିଳୁ ବୋଲି ଦାବି କରାଯାଇଛି । କିନ୍ତୁ ଏହାକୁ ବିରୋଧ କରି ଉଦ୍ଧବ ଠାକରେ ଗୋଷ୍ଠୀ ଦ୍ୱାରସ୍ଥ ହୋଇଛନ୍ତି ସୁପ୍ରିମ କୋର୍ଟରେ । ଯେହେତୁ ଶିବସେନାର ଗୋଷ୍ଠୀ କନ୍ଦଳ ପଛରେ ଦଳ ଭାଗ ଭାଗ ହେବା (ବିଭାଜନ), ମିଶ୍ରଣ, ନିର୍ବାଚିତ ବିଧାୟକ, ସାଂସଦମାନଙ୍କ ଦଳ ତ୍ୟାଗ ଓ ସଦସ୍ୟ ପଦରୁ ଅଯୋଗ୍ୟ ଘୋଷଣା କରାଯିବା ଭଳି ପ୍ରଶ୍ନ ନିହିତ। ଏହାର ବିଶେଷ ସାମ୍ବିଧାନିକ ତର୍ଜମା ଆବଶ୍ୟକ ବୋଲି ଖଣ୍ଡପୀଠ ଉପଲବ୍ଧ କରନ୍ତି। ତେଣୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି । ଖଣ୍ଡପୀଠ ଚାହିଁଲେ ମାମଲାକୁ ଏକ ବୃହତ୍ତର ସାମ୍ବିଧାନିକ ବେଞ୍ଚକୁ ମଧ୍ୟ ପଠାଇ ପାରନ୍ତି । ଏଭଳି ଆଶଙ୍କା ଉଭୟଙ୍କ ପାଇଁ କାଳକ୍ଷେପଣ ନୀତି ସାବ୍ୟସ୍ତ ହୋଇପାରେ । କିନ୍ତୁ ଯେହେତୁ ଏଥିରେ ସାମ୍ବିଧାନିକ ପ୍ରଶ୍ନ ନିହିତ, ତରବରିଆ ଭାବେ ଖଣ୍ଡପୀଠ କୌଣସି ରାୟ ଶୁଣାଇବାକୁ ନାରାଜ । ସିନ୍ଦେ ଗୋଷ୍ଠୀର ବିଧାୟକମାନେ ବିଦ୍ରୋହ କରିଥିଲେ ସୁଦ୍ଧା ସେମାନେ ଦଳ ଛାଡ଼ି ନାହାଁନ୍ତି କିମ୍ବା ଅନ୍ୟ କୌଣସି ନୂଆ ଦଳ ଗଠନ କରିନାହାଁନ୍ତି, ଅଥବା ଅନ୍ୟ ଦଳରେ ସାମିଲ ହୋଇନାହାଁନ୍ତି । ତେଣୁ କେଉଁ ଯୁକ୍ତିରେ ସେମାନେ ଦଳ ଓ ଦଳୀୟ ସଂକେତ ପାଇବାକୁ ହକ୍‌ଦାର ହେବେ ତାହା ତର୍ଜମା କରିବା ନିର୍ବାଚନ ଆୟୋଗ ଏବଂ ସର୍ବୋପରି ନ୍ୟାୟାଳୟର ଦାୟିତ୍ୱ ପାଲଟିଛି । ବିଧାନସଭା ଠାରୁ ସଂସଦ ପର୍ଯ୍ୟନ୍ତ ଶିବସେନାରେ ଏବେ ବିଭାଜନ ରେଖା ଟଣା ସରିଛି । ଶିବ ସେନା ଦଳରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହେବା ଦିନଠାରୁ ଅଦ୍ୟାବଧି ଦଳର ସାଂସଦ ଏବଂ ବିଧାୟକ ଏବଂ ସାଂସଦମାନେ କେଉଁଠି ଗୋଷ୍ଠୀ ସହିତ ଅଛନ୍ତି ତାହା ସ୍ପଷ୍ଟ ହୋଇଛି । କିନ୍ତୁ ଦଳର ତଳ ସ୍ତରରେ ନେତା ଓ କର୍ମୀଙ୍କ ମଧ୍ୟରେ ତୀବ୍ର ବିବାଦ ଲାଗିରହିଛି । ସେମାନେ କେଉଁ ଦଳ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବେ ତାହା ସ୍ପଷ୍ଟ ହେଉନାହିଁ । ମୁଖ୍ୟମନ୍ତ୍ରୀ ପଦରୁ ଉଦ୍ଧବ ଠାକରେ ବିଦାୟ ନେବାପରେ କିଛି ଦଳୀୟ କର୍ମୀ ଅନୁଗତ୍ୟ ବଦଳାଇ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପଟକୁ ଆଉଜିଛନ୍ତି । କିନ୍ତୁ ଯେଉଁମାନେ ଆନୁଗତ୍ୟ ବଦଳାଇନାହାନ୍ତି ସେମାନଙ୍କ ସ୍ଥିତି ଦୋଳୟମାନ ଅବସ୍ଥାରେ ରହିଛି । ସେମାନେ ନା ଉଦ୍ଧବ ଗୋଷ୍ଠୀର ବୋଲି ଦାବି କରିପାରୁଛନ୍ତି ନା ସିନ୍ଦେ ଗୋଷ୍ଠୀ ସେମାନଙ୍କୁ ଗ୍ରହଣ କରୁଛନ୍ତି । ଏହା କେବଳ ମୁମ୍ବାଇ ନଗରୀରେ ନୁହେଁ, ସମଗ୍ର ରାଜ୍ୟରେ ଏଭଳି ସ୍ଥିତି ପରିଲକ୍ଷିତ ହୋଇଛି । କେଉଁ ଗୋଷ୍ଠୀ ହାତରେ ଦଳର ନିୟନ୍ତ୍ରଣ ରହିବ ଏବଂ କାହା ହାତକୁ ଦଳୀୟ ସଂକେତ ଯିବ ତାହା ସ୍ଥିର ହୋଇଗଲେ ପୁଣି ଥରେ ଉଭୟ ଗୋଷ୍ଠୀ ଦଳକୁ ସଜାଡ଼ିବା ପାଇଁ ପ୍ରୟାସ କରିବେ। ଶିବ ସେନାର ସମଗ୍ର ମହାରାଷ୍ଟ୍ରରେ ଏକ ସୁଦୃଢ଼ ଭିତ୍ତି ରହିଛି । ତେଣୁ ଦଳକୁ ହାତେଇବା ନିମନ୍ତେ ଦୁଇ ଗୋଷ୍ଠୀ ନିର୍ବାଚନ ଆୟୋଗ ଏବଂ ଅଦାଲତଙ୍କ ଦ୍ୱାରସ୍ଥ ହେବା ସ୍ୱାଭାବିକ । ଦଳୀୟ ସଂକେତକୁ ହାତେଇ ଉଭୟ ଗୋଷ୍ଠୀ ବିଏମସି ନିର୍ବାଚନ ଲଢ଼ିବାକୁ ପ୍ରୟାସ କରିବା ସ୍ୱାଭାବିକ । ଉଦ୍ଧବଙ୍କ ହାତରୁ ଦଳ ଓ ସଂକେତକୁ ନେଇ ତାଙ୍କୁ ଶକ୍ତିହୀନ କରିବା ଲାଗି ସିନ୍ଦେ ଗୋଷ୍ଠୀ ଉଦ୍ୟମ କରୁଥିବା ବେଳେ ଦଳ ଓ ସଂକେତକୁ ପାଥେୟ କରି ପୁଣି ଥରେ ଶିବସେନାକୁ ନୂଆ ରୂପରେ ଠିଆ କରିବା ଲାଗି ଉଦ୍ଧବ ଠାକରେ ବ୍ୟଗ୍ର। ତେଣୁ ପରସ୍ପର ବିରୁଦ୍ଧରେ ବିଷୋଦ୍ଗାର ଠାରୁ ଆକ୍ଷେପ ଅଭିଯୋଗ ଜାରି ରହିଛି । ଏହା ଯେ ଶିବସେନାକୁ ଦୁର୍ବଳ କରିବ ଏବଂ ତାହାଦ୍ୱାରା ଉଭୟ ଗୋଷ୍ଠୀଙ୍କୁ କ୍ଷତି ସହ୍ୟ କରିବାକୁ ପଡ଼ିବ ସେଥିରେ ଦ୍ୱିମତ ଥାଇପାରେ । ତଥାପି କ୍ଷମତା ମୋହ ଓ ଦଳୀୟ ନିୟନ୍ତ୍ରଣ ଆଶାରେ ଉଭୟ ଗୋଷ୍ଠୀ ଅଦାଲତର ରାୟକୁ ଅପେକ୍ଷାରତ ।

# ଆଣବିକ ଶକ୍ତି ଓ ବିପନ୍ନ ପୃଥିବୀ



**ବୈଷ୍ଣବ ମେହେର**

ମଣିଷ ସମାଜର ଯେତିକି ବିକାଶ ହେଉଛି, ସେତିକି ବିନାଶ ଆଡ଼କୁ ମଧ୍ୟ ଯାଉଛି । ନିଜର ସୁରକ୍ଷା ଆଳରେ ମଣିଷ ନିଜକୁ ହିଁ ଧ୍ୱଂସର ସ୍ତୁପ ଉପରେ ଠିଆ କରେଇଛି । ସାଧାରଣ ଗାଁ ଗଣ୍ଡା ଠୁଁ ଆରମ୍ଭ କରି ବିଶ୍ୱସ୍ତର ଯାଏଁ ନିଜର ପତିଆରା ଦେଖାଇବା ପାଇଁ ମଣିଷ ହିଁ ଜୀବଜଗତକୁ ନଷ୍ଟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ମଣିଷ ନିର୍ମିତ ଅପାର ଶକ୍ତି ସଂପନ୍ନ ବିନାଶକାରୀ ଅସ୍ତ୍ରଶସ୍ତ୍ର ଏବେ ବିଶ୍ୱ ଧ୍ୱଂସର ସବୁଠାରୁ ବଡ଼ କାରଣ ହେବ ବୋଲି ଧୀରେଧୀରେ ଆଶଙ୍କା ବଳବତ୍ତର ହେବାରେ ଲାଗିଛି । ୧୯୪୫ ମସିହାରେ ଆମେରିକାର ଏଭଳି ଅସ୍ତ୍ର ପ୍ରୟୋଗର ଭୟାବହତାକୁ ସାରା ବିଶ୍ୱ ଦେଖି ସାରିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ବେଳେ ଅଗଷ୍ଟ ମାସ ୬ ତାରିଖ ସକାଳ ୮.୧୫ ମି.ରେ ଜାପାନର ହିରୋସିମା ସହର ଉପରେ ଏକ ପରମାଣୁ ବୋମା ପକାଗଲା । ଆମେରିକା ଦ୍ୱାରା ପକାଯାଇଥିବା ଏହି ପରମାଣୁ ବୋମାର ନାମ ସିନା ଥିଲା 'ଲିଟିଲ୍ ବମ' ତେବେ ଏହାର ଭୟଙ୍କର ପ୍ରଭାବରେ ନିଆଁର ଝଡ଼ ମାଡ଼ି ଆସି ସଦା ବ୍ୟସ୍ତ ସହର ହିରୋସିମାର ୧୩ ବର୍ଗ କିଲୋମିଟର ଅଂଚଳକୁ ସଂପୂର୍ଣ୍ଣ ଦୋହଲାଇ ଦେଇଥିଲା । ନିମିଷକ ମଧ୍ୟରେ ପୁରା ସହର ପାଉଁଶ ହୋଇଯାଇ ପ୍ରାୟ ୧,୨୯୦୦୦ ଲୋକଙ୍କ ଜୀବନ ଚାଲିଯାଇଥିଲା । ସେତିକିରେ ଆମେରିକୀୟ ପରମାଣୁ ବୋମାର ଧ୍ୱଂସ ଲୀଳା ଶେଷ ନହୋଇ, ଏହି ଘଟଣାର ମାତ୍ର ତିନିଦିନ ପରେ ଅର୍ଥାତ ଅଗଷ୍ଟ ୯ ତାରିଖ ପୂର୍ବାହ୍ନ ୧୧.୦୨ମି. ରେ ଜାପାନର ନାକାସାକି ସହର ଉପରେ ଦଶ ହଜାର ପାଉଣ୍ଡ ଓଜନ ବିଶିଷ୍ଟ 'ଫ୍ୟାଟ ମ୍ୟାନ' ନାମକ ଦ୍ୱିତୀୟ ଆମେରିକୀୟ ପରମାଣୁ ବୋମା ପଡ଼ି ପ୍ରାୟ ୨,୨୬୦୦୦ ଜାପାନୀଙ୍କ ଜୀବନ ନେଇଗଲା । ଉଭୟ ବୋମାର ପ୍ରଭାବରେ ଲକ୍ଷଲକ୍ଷ ସାଧାରଣ ଲୋକ ବିକଳାଙ୍ଗ ହୋଇଯାଇ ଥିଲେ ଏବଂ ଘଟଣାର ୭୭ ବର୍ଷ ପରେ ମଧ୍ୟ ଏହାର ବିଷାକ୍ତ ପ୍ରଭାବ ଏଯାଏଁ ସେଠାକାର ଅଧିବାସୀଙ୍କୁ ଭୋଗୀବାକୁ ପଡୁଛି । ପରମାଣୁ ବୋମା ଆକ୍ରମଣର ଭୟାବହତାକୁ ଦେଖି ଦେଖି ସେଦିନ ସମଗ୍ର ବିଶ୍ୱ ତଟସ୍ଥ ହୋଇଯାଇଥିବା ବେଳେ ଏତେ ବର୍ଷ ପରେ ମଧ୍ୟ ବିଶ୍ୱବାସୀ ଏହାକୁ ଭୁଲି ପାରିନାହାନ୍ତି ।

ଅଣୁ ଅସ୍ତ୍ରଶସ୍ତ୍ର ଚୁକ୍ତି ଥାଇ ମଧ୍ୟ ଅନେକ ଦେଶ ବର୍ତ୍ତମାନ ପରମାଣୁ ଶକ୍ତି ସମ୍ପନ୍ନ ହୋଇ ଉଭା ହୋଇଛନ୍ତି । ଯାହା ସାଂପ୍ରତିକ ବିଶ୍ୱ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଛି । ରାସାୟନିକ ଓ ବାଇଲୋଜିକାଲ୍ (ଜୈବିକ) ଯୁଦ୍ଧ ମଧ୍ୟ ବର୍ତ୍ତମାନର ଅନ୍ୟ ଏକ ଆହ୍ୱାନ ବୋଲି ଧରା ଗଲାଣି । ଏହା ଦ୍ୱାରା ଏକ ମହାମାରୀର ବଂଶାନୁକ୍ରମ ପରିବର୍ତ୍ତନ କରି ଅନ୍ୟ ଏକ ମାରାତ୍ମକ ରୋଗର ସୃଷ୍ଟି କରାଯାଇ ଏହାର ଭାଇରସକୁ ଛଡ଼ାଯାଇପାରେ । ଗତ ଦୁଇ ବର୍ଷ ହେଲା ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା କରୋନା ଭାଇରସକୁ ଜୈବିକ ଆକ୍ରମଣର ଏକ ଉଦାହରଣ ବୋଲି କେତେକ କହୁଛନ୍ତି । ଆନ୍ତର୍ଜାତୀୟ ନେତୃବର୍ଗଙ୍କ ଚାପ ଓ ନାଟୋ ଦେଶର ବାରମ୍ବାର ଚେତାବନୀ ସତ୍ତ୍ୱେ ଋଷିଆ ଓ ୟୁକ୍ରେନ୍ ମଧ୍ୟରେ ଦୀର୍ଘଦିନ ହେଲା ଚାଲିଥିବା ଯୁଦ୍ଧ ଏବେ ବିଶ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି । ବେଖାତିର ମନୋବୃତ୍ତି ପୋଷଣ କରୁଥିବା ଋଷିଆ ଏହି ଯୁଦ୍ଧରେ ଅନ୍ୟ କେଉଁ ଦେଶ ମୁଣ୍ଡ ପୁରାଇଲେ ତା'ର ପରିସ୍ଥିତି ଭୟଙ୍କର ହେବ ବୋଲି ଓଲଟା ଚେତାବନୀ ଶୁଣାଇଛି । ପୁନଶ୍ଚ ନିକଟରେ ତାଇୱାନକୁ ନେଇ ବିଶ୍ୱର ଦୁଇ ମହାଶକ୍ତି ଚୀନ ଓ ଆମେରିକା ମଧ୍ୟରେ ତୀବ୍ର ଉତ୍ତେଜନା ସ୍ଥିତି ଆରମ୍ଭ ହେବା ବିଶ୍ୱ ସମୁଦାୟକୁ ବିଚଳିତ କରୁଛି । ତାଇୱାନର ସ୍ୱାଧୀନତା ଓ ଗଣତଂତ୍ରର ସୁରକ୍ଷା ନିମନ୍ତେ ଆମେରିକା ବଦ୍ଧପରିକର ବୋଲି ଘୋଷଣା କରିବା ସହ ଆମେରିକା ସଂସଦର ଅଧ୍ୟକ୍ଷ ନାନ୍ସି ପେଲୋସିଙ୍କ ବୁଧବାର ତାଇୱାନ ଗସ୍ତ ବେଜିଂ ଓ ୱାସିଂଟନ ମଧ୍ୟରେ ଉତ୍ତେଜନା ବୃଦ୍ଧି ଘଟାଇଛି । ଅପରପକ୍ଷେ ଚୀନର ଯୁଦ୍ଧପୋତ ଗୁଡ଼ିକ ତାଇୱାନକୁ ପୂରା ଘେରାବନ୍ଦୀରେ ରଖିଥିବା ବେଳେ ଚୀନର ୨୭ଟି ଯୁଦ୍ଧବିମାନ ତାଇୱାନ ବାୟୁ ପ୍ରତିରକ୍ଷା ଜୋନରେ ପ୍ରବେଶ କରିଥିବା କୁହାଯାଉଛି । ଗୋଟିଏ ପଟେ ଋଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଶେଷ ହେବାର ନାଁ ନେଉ ନଥିବା ବେଳେ ତାଇୱାନକୁ ନେଇ ଚୀନ ଓ ଆମେରିକା ଭଳି ଦୁଇ ଆଣବିକ ମହାଶକ୍ତିର ଆସନ୍ନ ଯୁଦ୍ଧସ୍ଥିତି ମାନବ ସମାଜ ପାଇଁ ଘୋର ବିପତ୍ତିକୁ ଆମଂତ୍ରଣ କରୁଛି ବୋଲି କୁହାଯାଇପାରେ ।

ସଂପ୍ରତି ବିଶ୍ୱର ମାତ୍ର ନଅଟି ଦେଶ ପାଖରେ ପରମାଣୁ ବୋମା ରହିଥିବା ଜଣାଯାଏ । ତଥ୍ୟ ଅନୁସାରେ ୧୯୪୫ ମସିହା ଠାରୁ ୨୦୨୧ ମଧ୍ୟରେ ବିଶ୍ୱର ବିଭିନ୍ନ ଦେଶ ମାନଙ୍କ ଦ୍ୱାରା ପ୍ରାୟ ୧ଲକ୍ଷ ୨୫ହଜାର ବୋମା ପ୍ରସ୍ତୁତ କରାଯାଇଛି । କିନ୍ତୁ ସେଥି ମଧ୍ୟରୁ ଅଧିକାଂଶ ବୋମା ନିଷ୍କ୍ରିୟ ହୋଇ ଯାଇଛି । ଏବଂ ଆଜିର ଦିନରେ କେବଳ ନଅଟି ଦେଶ ଆମେରିକା, ଋଷିଆ, ଫ୍ରାନ୍ସ, ଉତ୍ତରକୋରିଆ, ଭାରତ, ପାକିସ୍ତାନ, ଇଂଲଣ୍ଡ, ଚୀନ ଓ ଇସ୍ରାଏଲ୍ ପାଖରେ ମୋଟ ୧୩ ହଜାର ୪ ଶହ ବୋମା ମହଜୁଦ ଥିବା ଅନୁମାନ କରାଯାଏ । ତେବେ ୧୯୪୫ରେ ଆମେରିକା ନିକ୍ଷେପ କରିଥିବା ପରମାଣୁ ବୋମା ଅପେକ୍ଷା ଆଧୁନିକ ଆଣବିକ ଅସ୍ତ୍ର ଅନେକ ଗୁଣରେ ଶକ୍ତିଶାଳୀ ଓ ମାରାତ୍ମକ ବୋଲି କୁହାଯାଉଛି । ବର୍ତ୍ତମାନ ପରମାଣୁ ଆକ୍ରମଣର ଅତ୍ୟାଧୁନିକ ପ୍ରଣାଳୀର ବିକାଶ ଘଟିଥିବାରୁ ଏବେ ଅନେକ ଉପାୟରେ ପରମାଣୁ ଆକ୍ରମଣ କରାଯାଇ ପାରିବାର ସୁଯୋଗ ମଧ୍ୟ ରହିଛି ।

ଆମେ କାହାଠୁଁ କମ ନହୁଁ ନ୍ୟାୟରେ ଦେଶଦେଶ ମଧ୍ୟରେ ଯୁଦ୍ଧ ଭିଆଇବାର କୁତ୍ସିତ ମାନସିକତା କେବଳ ନିଜ ପ୍ରତିପକ୍ଷକୁ କ୍ଷତି ପହଂଚାଇବ ତାହା ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ସାଂଘାତିକ ସ୍ଥିତି ସୃଷ୍ଟି କରିବା ନିସନ୍ଦେହ । ଏବେ କେବଳ ହିରୋସିମା କିମ୍ବା ନାକାସାକି ଭଳି ନିର୍ଦ୍ଦିଷ୍ଟ ସହର ନୁହେଁ, ବରଂ ଗୋଟିଏ ପରମାଣୁ ବୋମା ପଡ଼ିଲେ ନିମିଷକେ ପୂରା ବିଶ୍ୱ ଧ୍ୱଂସ ହୋଇଯାଇପାରେ । ତେଣୁ ଆଣବିକ ଅସ୍ତ୍ର ତିଆରି କଟକଣାକୁ କଡ଼ାକଡ଼ି କରିବା ସହ ଆଣବିକ ବିସ୍ଫୋରଣର ପୁନରାବୃତ୍ତି ରୋକିବା କ୍ଷେତ୍ରରେ ବିଶ୍ୱମାନବ ସମାଜର ଏକତ୍ରୀକରଣ ନିହାତି ଜରୁରି ମନେ ହୁଏ ।


ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫


# ସ୍ୱାଧୀନତା ସଂଗ୍ରାମର ପିତାମହ- ତିଳକ



**ଅକ୍ଷୟ କୁମାର ରାଉତ**

(ପୂର୍ବ ପ୍ରକାଶିତ ଉତ୍ତାରୁ...)
କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହି କରାଯାଏ। ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟ ବାଦି କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ। ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ। ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ। ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

୧୯୦୮ରେ ପୁନାର ଏକ ଜନ ସଭାରେ ମଦ୍ୟପାନ ବିରୁଧରେ ସେ ସ୍ୱର ଉତୋଳନ କରିଥିଲେ। ଗୋଖଲେ ଓ ଭଣ୍ଡାର କର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟର ମଦ ଦୋକାନ ଆଗରେ ଆନ୍ଦୋଳନ କଲେ। ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁ ବରଣ କରିଥିଲେ। କେଶରୀ ପତ୍ରିକାରେ "ଦେଶ୍‌କା ଦୁର୍ଭାଗ୍ୟ" ଲେଖା ପାଇଁ ରାଷ୍ଟ୍ର ଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ ଦୁଇ ଅଭିଯୋଗ ପାଇଁ ତିନି ବର୍ଷ ଜେଲ୍ ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଅର୍ଥ ଦଣ୍ଡ। ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଶ ଏବଂ ସଶ୍ରମ ଜେଲ୍ ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା। ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ। ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ। ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦ ପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତ ବ୍ୟକ୍ତ କରିଥିଲେ। ଦାଦାସାହେବ ଖାପର୍ଦ୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତିପାଇଁ ଆବେଦନ କରିଥିଲେ। ଆବେଦନ ନାମଞ୍ଜୁର ହୋଇଗଲା। ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ ଘ ୧୨ ଫୁଟକାଠରେ ତିଆରି ଘରେ ରହୁଥିଲେ। ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣ ରହୁଥିଲେ। କୁଲକର୍ଣ୍ଣ ଅସୁସ୍ଥ ହେଲେ ତିଳକ ତାଙ୍କ ସେବା କରିଥିଲେ। ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣା ମୂଳକ କୃତି "ଦି ଓରିୟନ" ଥିଲା। ମାଣ୍ଡୋଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକ ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ। ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତିୟ ଦଳକୁ ପୁନର୍ଜିବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦ୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ। ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌ ଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା । ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢ଼ିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୂଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ ତିଳକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦେଶ୍ୱରେ ସରକାର ମଣେଟଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନକୁ ଗତିଶୀଳ କରିବା ଉଦେଶ୍ୟରେ ଭାରତବ୍ୟାପାର ମନ୍ତ୍ରୀ ମଣ୍ଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍‌ସ ଫୋର୍ଡ୍ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଣେଟଗୁ-ଚେମ୍‌ସ ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହାଦେବ, ଆମେ ସ୍ୱୀକାର କରିବା ଏବଂ ଯାହାନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତର ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ବାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚେୟତା ଭେଲେଣ୍ଟାଇନ ଚିରୋଲଙ୍କ ଆପିତିଜନଙ୍କ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ୱେ ତିଳକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକ ବର୍ଷରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରିରଖିଲେ। ଆମେରିକା ରଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ। ୧୯୧୯ ଫେବୃୟାରୀ ୨୫ ରେତିଳକ 'କେକସ୍ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୟପୂର୍ଣ୍ଣଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧରାତ୍ରି ୧୨ଟା ୪୦ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବୟେ ଚୌପାଠୀ ଶ୍ମଶାନ ଅଭିମୁଖେନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ । ତିଳକ ଥିଲେ ନବଭାରତର ନିର୍ମାତା । ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ। (ସମାପ୍ତ)


ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫





## ଜାତୀୟତା

**ସୁନନ୍ଦା ମହାନ୍ତି**

ଜାତୀୟତା ଏକ ସୂକ୍ଷ୍ମ ସଚେତନ
କେବେ ବନ୍ଦେ ମାତରଂରେ ସ୍ୱନ
କେବେ ଦେଶର
ପରିସ୍ଥିତି ଆବେଗମାନ
କେବେ କେବେ
ତ୍ରିରଙ୍ଗାପତାକାକୁ ସମ୍ମାନ
ଏହା ପଦ୍ମ ମଞ୍ଜିଠୁ ଗୌରବ ଗରିଆନ
କିଏ ଚାଷୀ କିଏ ସୈନିକ ଶିକ୍ଷକ ଓକିଲ
ଯିଏ ହେଉ ଯେଉଁ କର୍ମବୀର
ବିଶ୍ୱର ଆହ୍ୱାନ
ଶାନ୍ତି ଓ ସଂହତି ହେଉ
ପତାକା ପରି ଗରିୟାନ
ଅଗଷ୍ଟପନ୍ଦର ତ ମନେ ପକାଇବା ଦିନ
ଜାତୀୟତା ନାମେ କିଏ ଲେଖେ
କିଏ ଦେଖେ
ସୁଚରିତ୍ର ବୀରପୁତ୍ରଙ୍କର
ପତାକାରେ ଫୋଟୋ ମାନ
ଯେ ଯେମିତି ବୁଝିଲା
କହିଲା ନିଜ ସ୍ୱାଭିମାନ
ଜାତୀୟତାବାଦୀ ପ୍ରୀତି
ପତାକାର ସୁ ସମ୍ମାନ
ପତାକାର ଟେକ ରଖି ବଢ଼ାଇବା
ଜାତି ଦେଶ ପ୍ରେମ
ପୃଷ୍ଠା କଳେବର ବୃଦ୍ଧି କରି ଅଭିଧାନ
ଜୟ ଭାରତର ଧ୍ୱନି ପ୍ରକମ୍ପମାନ
ସେଇ ଶିହରଣ ଆଣୁ ଜାଗରଣ
ସ୍ୱଦେଶ ବନ୍ଦନ।


ସାକ୍ଷୀଗୋପାଳ
ପୁରୀ
ମୋ: ୭୦୦୮୯୪୨୨୧୫


## ମା

**ଶ୍ରୀମତୀ କଲ୍ୟାଣୀ ପଣ୍ଡା**

ଜ୍ୟୋତିର୍ମୟୀ ତୁମେ ସୃଷ୍ଟି ଅନନ୍ୟ
ଅପୂର୍ବ ଶୋଭାମୟୀ,
ବିଶ୍ୱ ନିୟନ୍ତାଙ୍କ ନିହାଣମୂନର
ଶ୍ରେଷ୍ଠ କୀର୍ତ୍ତି କାଳଜୟୀ.. ।

ଉଚ୍ଚକୋଟୀର ଚିତ୍ରକର ସେ
କଳାକାର ପୁଣି କବି,
ନିଶିଥନିଜନେ ନିରଳସେ ବସି
ଆଙ୍କିଛନ୍ତି ତୁମ ଛବି..... ।

ପ୍ରେମ କରୁଣାର ମନ୍ଦାକିନୀ ଧାରା
ଓଠରୁ ତୁମର ଝରେ,
ବେଦନାସିକ୍ତ ଯାତନାକ୍ଲିଷ୍ଟ
ହୃଦୟେ ଅମୃତ ଢାଳେ... ।

ସ୍ନେହସିକ୍ତ ତୁମ ପ୍ରତିଟି ସ୍ପନ୍ଦନ
ପ୍ରାଣ ପ୍ରାଚୁର୍ଯ୍ୟରେ ଭରା,
ଅତୁଳନୀୟ ସେ ତ୍ୟାଗ, ସମର୍ପଣ
ଅନବଦ୍ୟ କୀର୍ତ୍ତି କଳା... ।

ତୁମରି ପଣତ କାନିର ପରଶେ
ଲିଭିଯାଏ ଦୁଃଖ କ୍ଲେଶ,
ଆସୁ ଯେତେ ପଥେ ଝଡ଼ ଓ ଝଞ୍ଜା
ତୁମେ ହିଁ ଶାନ୍ତିର ଉତ୍ସ... ।

କଳ୍ପନାଠୁ ବଳି ଅନୁପମ ତୁମେ
କୋମଳ ଫୁଲଠୁ ବଳି,
କୋଇଲିର ମଧୁ କଣ୍ଠରେ ଦିଏ
ଶତ ମୂର୍ଚ୍ଛନା ଢାଳି.... ।

ଆକାଶଠୁ ବଳି ବିଶାଳ ହୃଦୟ
ଭାବ ପ୍ରବଣତା ପୂର୍ଣ୍ଣ,
ସାଗରଠୁ ବଳି ଗଭୀର ଆବେଗ
କପଟ ଛଳନା ଶୂନ୍ୟ... ।

ଉତ୍କର୍ଷତାର ପ୍ରତୀକ ଯେ ତୁମେ
ନିଃସ୍ୱାର୍ଥ ତୁମରି ସେବା,
ସାରସ୍ୱତ ତୁମ ଚିନ୍ତା ଚେତନା
କି ଉପମା ସତେ ଦେବା... ।

ରୁଗ୍ଣ ଶେଯରେ ଶୁଷ୍କ ଓଠରେ
ତୁମରି ମୃଦୁଳ ସ୍ପର୍ଶ,
ପଲ୍ଲବିତ କରେ ନୂତନ ଜୀବନ
ଭରି ଉଲ୍ଲାସ ହର୍ଷ... ।

ସନ୍ତାନ ସୁଖରେ ସନ୍ତାନ ଦୁଃଖରେ
ତୁମେ ହସ ତୁମେ କାନ୍ଦ,
ପର ଆପଣାର ସଂକୀର୍ଣ୍ଣତା ଭୁଲି
ଏକତା ରଜ୍ଜୁରେ ବାନ୍ଧ... ।

ବନ୍ଦନୀୟା ତୁମେ ଚିର ନମସ୍ୟା
ପୂଜାସ୍ପଦା ପୁଣ୍ୟଶୀଳା
ଜନ୍ମ ଜନ୍ମାନ୍ତରେ ତୁମରି ସନ୍ତାନ
ହେବି ମୁଁ ସୃଜନଶୀଳା.. ।


ଇଂରାଜୀ ଅଧାପିକା
ଡି. ଏ. ଭି ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର


## ଶିବ ହିଁ ଈଶ୍ୱର

**ଶ୍ରୀରୂପା ମଞ୍ଜରୀ ସେନ୍**

ତୁମେ ଶିବ, ତୁମେ 'ଈଶ୍ୱର'
ତୁମେ ବ୍ରହ୍ମା, ତୁମେ ମହେଶ୍ୱର
ତୁମେ ସତ୍ୟ, ତୁମେ ସୁନ୍ଦର ।

ତୁମେ ଚିର ମଙ୍ଗଳ ମୟ
ତୁମେ ହିଁ ମହା ମୃତ୍ୟୁଞ୍ଜୟ,
ଶ୍ରାବଣ ମାସ ଟି ତୁମ ର ଅତି ପ୍ରିୟ ।

ଏହି ମାସ ସହିତ ତୁମ
ସମ୍ପର୍କ ଅତି ନିବିଡ଼,
ଏହା ବର୍ଷର ଚତୁର୍ଥ ମାସ,
ଗତି, ଦକ୍ଷିଣାୟନ,
ଶ୍ରାବଣ ମାସରେ ହୋଇ ଥିଲା,
ସମୁଦ୍ର ମନ୍ଥନ ।

ସମୁଦ୍ରରୁ ବାହାରି ଥିବା,
ହଳା ହଳ ବିଷକୁ,
ତୁମେ କରିଥିଲ ପାନ,
ରକ୍ଷା କରି ଥିଲ
ତୁମ ସୃଷ୍ଟିର, ସୁନ୍ଦର ବିଶ୍ୱକୁ ।

ବିଷକୁ ନିଜ ଭିତରେ
ଉଦରସ୍ଥ ନ କରି, ରଖିଲ
କଣ୍ଠରେ, ହେଲ, 'ନୀଳକଣ୍ଠ' ।

ତୁମେ ହୋଇଗଲ, ନିଦ୍ରା ବିଭୂତ,
ଦେବତା ମାନେ ହେଲେ ଚିନ୍ତିତ,
ଅଜସ୍ର ପବିତ୍ର ଗଙ୍ଗା ଜଳରେ
ତୁମକୁ କଲେ ଅଭିଷିକ୍ତ ।

ସେହି ଗଙ୍ଗା ଜଳ, ଗଙ୍ଗାର ଧାରା ହୋଇ
ତୁମ ମସ୍ତିଷ୍କ ରୁ ହେଲା ପ୍ରବାହିତ,
ତୁମ ମସ୍ତିଷ୍କ ହେଲା ଶୀତଳ
ସମସ୍ତେ ହେଲେ ପ୍ରକୃତିସ୍ଥ ।

ଦେବତା ମାନଙ୍କୁ ଦେଲ
ଅଜସ୍ର ଆଶିର୍ବାଦ,
ଏହି ପରମ୍ପରା ରହି ଗଲା,
ସମଗ୍ର ବିଶ୍ୱରେ,
ସନାତନୀ ଧର୍ମ ରେ ।

ଶ୍ରାବଣ ମାସରେ, ତୁମ ଲିଙ୍ଗରେ,
ଭକ୍ତ ମାନଙ୍କର,
ଜଳାଭିଷେକ ପର୍ବ ନାମରେ ।

ତ୍ୟାଗ, ନୀରାଭିମାନ,କାମନା-
ବାସନା ରହିତ, ବିନୟ ଭାବରେ
ଉପାସନା କଲେ ତୁମକୁ,
ଚତୁର ବର୍ଗ ଫଳ ମିଳେ,
ବ୍ରତୀ ମାନଙ୍କର-
ମନସ୍କାମନା ହୁଏ ପୂର୍ଣ୍ଣ,
ଜୀବନ ହୁଏ ଧନ୍ୟ ।


ଅଙ୍ଗାର ଗଡିଆ, ବାଲେଶ୍ୱର
ମୋ: ୮୮୯୫୫୭୭୮୬୦





# ସଚ୍ଚୋଟ ହେବାର ଫଳ




ମୂଳ ହିନ୍ଦୀ-ଡଃ.ପ୍ରେମଚାନ୍ଦ ଗୋସ୍ୱାମୀ
ଅନୁସୃଜନ-କସ୍ତୁରୀ ଚରଣ ରାଉତ




କୌଣସି ଏକ ରାଜ୍ୟରେ ଗୋଟିଏ ପୁରୁଣା ମନ୍ଦିର ପାଖରେ ଋଷି ସର୍ବଦାନନ୍ଦଙ୍କ ଆଶ୍ରମ ଥିଲା। ସେଠାରେ ସେ ପୂଜାର୍ଚ୍ଚନା କରିବା ସହିତ ଭକ୍ତମାନଙ୍କୁ ଉପଦେଶ ଦେଉଥିଲେ । ସେଠାକୁ ପ୍ରତିଦିନ କୁନାଳ ନାମକ ଏକ ଭକ୍ତ ତାଙ୍କ ପ୍ରବଚନ ଶୁଣିବାକୁ ଆସୁଥିଲା ।

ଦିନେ ପ୍ରବଚନ ଶୁଣିସାରି ଋଷିଙ୍କୁ ଏକୁଟିଆ ଦେଖି ସେ ପଚାରିଲା - 'ଆଜିକାଲି ମୋ ମନ ଅଶାନ୍ତ ରହୁଛି । ଶାନ୍ତି ପାଇବାକୁ ହେଲେ ମୋର କ'ଣ କରିବା ଉଚିତ ?'

ଋଷି କହିଲେ - 'ତୁମକୁ କାଶୀ ବିଶ୍ୱନାଥଙ୍କ ଦର୍ଶନ କରିବା ଉଚିତ । ସେଠାକୁ ଗଲେ ତୁମକୁ ଶାନ୍ତି ମିଳିବ ।'

କୁନାଳ ତା' ପର ଦିନ ଯାତ୍ରାରେ ବାହାରି ପଡ଼ିଲା । ସେତେବେଳେ ଯିବା ଆସିବାର ସେତେ ସୁବିଧା ନଥିଲା । କୁନାଳକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିଲା । ଖର୍ଚ୍ଚ ପାଇଁ ସାଙ୍ଗରେ ୧୦୦ ସ୍ୱର୍ଣ୍ଣମୁଦ୍ରା ସେ ନେଇଥିଲା ।

ରାସ୍ତାରେ ତା'ର ଜୋତା ଫାଟିଗଲା । ସେ ଦେଖିଲା ଗୋଟିଏ ଗଛ ତଳେ ଚମାରଟିଏ ଜୋତା ମରାମତି କାମ କରୁଛି । କୁନାଳ ନିଜ ଜୋତା ମରାମତି କରିବାକୁ ଦେଲା । ଚମାରଟି ଜୋତା ମରାମତି କରିବା ସହିତ ତାକୁ ଯାତ୍ରାର କାରଣ ପଚାରିଲା। କୁନାଳ କାଶୀ ଯାଉଛି ବୋଲି କହିଲା। ଏ କଥା ଜାଣି ଚମାରଟି ଖୁସି ହେଲା। ଜୋତା ମରାମତି ପାଇଁ କୁନାଳ ଏକ ସ୍ୱର୍ଣ୍ଣମୁଦ୍ରା ଦେଲା। ଚମାର ସେଇ ସ୍ୱର୍ଣ୍ଣମୁଦ୍ରାଟି ତା' ତରଫରୁ କାଶୀ ବିଶ୍ୱନାଥଙ୍କ ପାଦ ତଳେ ଚଢେଇ ଦେବାକୁ କୁନାଳକୁ କହିଲା।

କୁନାଳ ନିଜ ଗାମୁଛାରେ ଚମାରର ସ୍ୱର୍ଣ୍ଣମୁଦ୍ରାଟି ବାନ୍ଧି ଆଗକୁ ଚାଲିଲା। ରାସ୍ତାରେ ମଙ୍ଗଳ ସିଂହ ନାମକ ଏକ ଡାକୁ ସହିତ ଭେଟ ହେଲା। ସେ ତାକୁ ଡରେଇ ଧମକେଇ ସବୁ ସ୍ୱର୍ଣ୍ଣମୁଦ୍ରା ଛଡ଼େଇନେଲା। ଡାକୁ ଗାମୁଛାରେ ବନ୍ଧା ହୋଇଥିବା ସ୍ୱର୍ଣ୍ଣମୁଦ୍ରାଟି ନେବାକୁ ଚାହିଁଲା। କୁନାଳ କହିଲା - 'ଭାଇ, ଏଇ ସ୍ୱର୍ଣ୍ଣମୁଦ୍ରାଟି ଜଣେ ଚମାର ତରଫରୁ କାଶୀ ବିଶ୍ୱନାଥଙ୍କୁ ସମର୍ପଣ କରିବି। ସେ ମୋତେ ବିଶ୍ୱାସରେ ଦେଇଛନ୍ତି। ଦୟାକରି ଏହାକୁ ଛଡ଼େଇ ନିଅନ୍ତୁ ନାହିଁ।

ଡାକୁ ମଙ୍ଗଳ ସିଂହ ଭାବିଲା - 'ଯଦି ସାଧାରଣ ଚମାରଟିଏ ବିଶ୍ୱନାଥଙ୍କ ମନ୍ଦିରରେ ନିଜ ତରଫରୁ କିଛି ସମର୍ପଣ କରିବାକୁ ପଠେଇ ପାରିଲା, ତା'ହେଲେ ମୋ ତରଫରୁ ବି କିଛି ପଠେଇବା ଉଚିତ୍ ।' ଏହା ଭାବିଲା କ୍ଷଣି ତା'ର ମନ ବଦଳିଗଲା । ସେ ସବୁ ସ୍ୱର୍ଣ୍ଣମୁଦ୍ରା କୁନାଳକୁ ଫେରେଇ ଦେଇ କହିଲା - 'ଏ ସବୁ ସ୍ୱର୍ଣ୍ଣମୁଦ୍ରା ମୋ ତରଫରୁ ତୁମେ ଭଗବାନ ବିଶ୍ୱନାଥଙ୍କ ଚରଣରେ ସମର୍ପଣ କରିଦେବ ।'

ଡାକୁର କାମ କରିଦେବ ବୋଲି କଥା ଦେଇ କୁନାଳ ଆଗକୁ ବଢିଲା। ଦିନେ ସେ ଜଙ୍ଗଲ ରାସ୍ତାରେ ଯାଉଥିବା ସମୟରେ, ଗୋଟେ ରାକ୍ଷସ ତା' ଆଗରେ ଠିଆ ହୋଇ କହିଲା - 'ମୁଁ ବହୁତ ଦିନ ହେଲା ଭୋକିଲା ଅଛି । ତୋତେ ଖାଇ ମୁଁ ମୋର ଭୋକ ମେଣ୍ଟେଇବି ।'

କୁନାଳ ରାକ୍ଷସକୁ କହିଲା - 'ମୁଁ କାଶୀ ବିଶ୍ୱନାଥଙ୍କ ଦର୍ଶନ କରିସାରି ଏଇ ରାସ୍ତାରେ ଫେରିବି । ସେତେବେଳେ ମୋତେ ଖାଇ ତୁମ ଭୋକ ମେଣ୍ଟେଇବ । ଏବେ ତୁମେ ମୋତେ କାଶୀ ଯିବାକୁ ଦିଅ । 'ରାକ୍ଷସ କଥା ମାନି ତାକୁ ଯିବାକୁ ଦେଲା ।

ଦୀର୍ଘ ପଥ ଯାତ୍ରାକରି କୁନାଳ କାଶୀ-ବିଶ୍ୱନାଥଙ୍କ ମନ୍ଦିରରେ ପହଞ୍ଚିଲା । ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଚମାର ତରଫରୁ ଓ ବାକି ସ୍ୱର୍ଣ୍ଣମୁଦ୍ରା ଡାକୁ ମଙ୍ଗଳ ସିଂହ ତରଫରୁ ଠାକୁରଙ୍କୁ ସମର୍ପଣ କଲା । କିଛି ଦିନ ସେଠାରେ ରହି ଖୁସି ମନରେ ପୁଣି ଘରକୁ ଫେରି ଆସିଲା ।

ରାକ୍ଷସକୁ ଦେଇଥିବା କଥା ଅନୁସାରେ ଭେଟିବା ପାଇଁ ତା' କୁଡ଼ିଆକୁ ଗଲା । ତା' କୁଡ଼ିଆ ସ୍ଥାନରେ ଏକ ବିରାଟ ପ୍ରାସାଦ ଠିଆ ହୋଇଥିଲା । ରାକ୍ଷସ ସେଠିକାର ରାଜା ହେଇ ଆଦିବାସୀଙ୍କ ଉପରେ ଶାସନ କରୁଥିଲା । କୁନାଳ ପଚାରିବାରୁ ରାକ୍ଷସ କହିଲା ଯେ ଏବେ ସେ ମଣିଷମାନଙ୍କୁ ଖାଇବା ଛାଡ଼ି ଦେଇଛି ଏବଂ ତାଙ୍କର ସେବା କରୁଛି। କୁନାଳକୁ କାଶୀ-ବିଶ୍ୱନାଥଙ୍କ ମନ୍ଦିର ଯିବାକୁ ଦେଇଥିବାର ପୁଣ୍ୟ ଯୋଗୁଁ ତାହାକୁ ଏସବୁ ସୁଖ ମିଳିଛି । ଏ କଥା ଶୁଣି ଖୁସି ମନରେ କୁନାଳ ଆଗକୁ ଚାଲିଲା ।

ରାସ୍ତାରେ ଡାକୁ ମଙ୍ଗଳ ସିଂହ ସହିତ ଦେଖା ହେଲା । ଡାକୁ କୁନାଳକୁ ଦେଖି କହିଲା - 'ଭାଇ, ବିଶ୍ୱନାଥଙ୍କ କୃପାରୁ ରାଜା ଏହି ବନଟି ମୋତେ ଦେଇଦେଲେ । ଏବେ ତୁମର ସ୍ୱର୍ଣ୍ଣମୁଦ୍ରା ମୋଠାରୁ ଫେରେଇ ନିଅ। କିଛି ଦିନ ଏଠାରେ ରହିବ ଏବଂ ଯେବେ ତୁମ ଇଚ୍ଛା ହେବ ସେତେବେଳେ ଖୁସି ମନରେ ଘରକୁ ଯିବ। କିଛି ଦିନ କୁନାଳ ସେଠାରେ ରହିଲା ଓ ପୁଣି ନିଜ ଘର ଅଭିମୁଖେ ବାହାରିଗଲା ।

ବାଟରେ ଚମାର ସହିତ ଦେଖା ହେଲା । ସେ ଦେଖିଲା କି ଗଛ ତଳ ବଦଳରେ ଚମାର ଏକ ବିରାଟ ଦୋକାନର ମାଲିକ ହୋଇ ଆରାମ ଚଉକିରେ ବସିଥିଲା । କୁନାଳକୁ ଆସିବାର ଦେଖି ସେ ତୁରନ୍ତ ତା' ପାଖକୁ ଆସିଲା ଓ ଖୁସିରେ କୁଣ୍ଢେଇ ପକେଇଲା । କହିଲା - 'ତୁମ ଯୋଗୁଁ ମୁଁ ତୁରନ୍ତ ବାବା ବିଶ୍ୱନାଥଙ୍କ କୃପା ଲାଭ କଲି । କିଛି ଦିନ ତଳେ ଘର ଅଗଣା ଖୋଳିବାରୁ ସ୍ୱର୍ଣ୍ଣମୁଦ୍ରାରେ ପରିପୂର୍ଣ୍ଣ ଏକ କଳସ ମିଳିଲା, ଯେଉଁଥିରେ ମୋର ଭାଗ୍ୟ ବଦଳିଗଲା ।

କୁନାଳ ଭାବିଲା - 'ଚମାର, ଡାକୁ ଓ ରାକ୍ଷସ ତିନି ଜଣଙ୍କୁ ବିଶ୍ୱନାଥଙ୍କୁ ସେବା କରିବାର ଫଳ ମିଳିଲା । ମୋର ଅବସ୍ଥା ଯେମିତିକୁ ସେମିତି। 'ଏଇଆ ଚିନ୍ତା କରି ସର୍ବଦାନନ୍ଦଙ୍କ ପାଖରେ ପହଞ୍ଚିଲା ଏବଂ ତାଙ୍କୁ ସବୁ କଥା କହିଲା ।

ସର୍ବଦାନନ୍ଦ ତାକୁ ବୁଝେଇ କହିଲେ - 'କୁନାଳ, ଚମାର ଅତି ଦରିଦ୍ର ଥିଲା । ସେବାର ଫଳ ପାଇ ସେ ଦାରିଦ୍ର୍ୟରୁ ମୁକ୍ତି ପାଇଲା । ଡାକୁ ମଙ୍ଗଳ ସିଂହକୁ ଶିଘ୍ର ଫଳ ମିଳି ନଥିଲେ , ଆହୁରି କେତେ ନିର୍ଦ୍ଦୋଷ ଲୋକଙ୍କୁ ଲୁଟିଥାନ୍ତା । ରାକ୍ଷସକୁ ବି ଶିଘ୍ର ପୁଣ୍ୟର ଫଳ ମିଳିଲା , ନହେଲେ କେତେ ଲୋକଙ୍କର ସେ ଜୀବନ ନେଇଥାନ୍ତା । ବାକି ରହିଲା ତୁମ କଥା, ତୁମକୁ ପୁଣ୍ୟ ଫଳ ମିଳିବାର ଏବେ କୌଣସି ଆବଶ୍ୟକତା ନାହିଁ । ତୁମର ଏବେ ଖାଇବା ପିଇବାରେ କିଛି ଅସୁବିଧା ନାହିଁ। ତୁମେ ଆରାମରେ ଅଛ । ହେଲେ ପ୍ରଭୁଙ୍କ ଉପରେ ବିଶ୍ୱାସ ରଖ, ଦିନେ ନା ଦିନେ ତୁମ ସଚ୍ଚୋଟପଣିଆର ଫଳ ତୁମକୁ ନିଶ୍ଚୟ ମିଳିବ ।'

ଏହା ଶୁଣି କୁନାଳ ମନରୁ ସବୁ ସନ୍ଦେହ ଦୂର ହେଇଗଲା । ସର୍ବଦାନନ୍ଦଙ୍କ କଥା ସତ ହେଲା । ଧିରେ ଧୀରେ କୁନାଳର ବ୍ୟବସାୟରେ ଉନ୍ନତି ହେଲା ଏବଂ ସେ ସହରର ଜଣେ ପ୍ରସିଦ୍ଧ ବ୍ୟବସାୟୀ ହୋଇଗଲା । ଈଈଈଈ


+ସତ୍ୟବାଦୀ ହାଇସ୍କୁଲ,ଧଣ୍ଡାମାଳ
ବଲାଙ୍ଗିର, ମୋ.୮୯୧୭୩୯୭୩୪୮


# ପରିବାରର ସଦସ୍ୟ




ମୂଳହିନ୍ଦୀ- ଚିତରଂଜନ ଗୋପ
ଅନୁସୃଜନ- ବିନୟ କୁମାର ଦାସ




ଶ୍ରେଣୀରେ ପ୍ରଥମେ ଛିଡା ହେଲା ବିକାଶ । ନିଜର ଖାତା ସାର୍‌ଙ୍କୁ ଦେଇ କହିଲା, " ମୁଁ ସବୁ ଲେଖିଦେଇଛି ସାର୍ ।"

" ବାଃ..." ସାର୍ ତା ଖାତା ନେଇ ଦେଖିବାକୁ ଲାଗିଲେ । ଖାତାରେ ସେ ନିଜ ନାମ ସହିତ ବାପା ଓ ମାଆଙ୍କ ନାମ ନିର୍ଭୁଲ ଭାବରେ ଲେଖିଥିଲା ।

" ବିକାଶ, ତୁମେ କଣ ମାତ୍ର ତୁମ ପରିବାରର ତିନିଜଣ ସଦସ୍ୟଙ୍କ ନାମ ଲେଖିଛ ? ତୁମେ ତ କହୁଥିଲ ତୁମର ଦୁଇଜଣ ଭଉଣୀ ବି ଅଛନ୍ତି ।"

" ଅଛନ୍ତି ଯେ ସାର୍..."

" ତାହେଲେ ସେମାନଙ୍କର ନାମ ଲେଖିଲ ନାହିଁ ଯେ.. ? ତୁମମାନଙ୍କୁ କୁହାଯାଇଥିଲା ପରିବାରର ସମସ୍ତ ସଦସ୍ୟଙ୍କ ନାମ ଲେଖିବା ପାଇଁ ।"

" ମୋ ଭଉଣୀ ଦୁଇଜଣ ଆମ ପରିବାରର ସଦସ୍ୟ କେମିତି ହେବେ ସାର୍ ? ସେମାନଙ୍କର ବିବାହ ହୋଇଗଲାପରେ ତ ସେମାନଙ୍କର ଅନ୍ୟ ପରିବାର ହୋଇଯିବ । ସେମାନେ ସେହି ନୂତନ ପରିବାରର ସଦସ୍ୟ ବନିଯିବେ । "

" ଓହୋ... ତୁମେ ସେଥିପାଇଁ ସେମାନଙ୍କ ନାମ ଲେଖିଲ ନାହିଁ । ହଉ.. ତୁମେ ବସ ।"

ତାପରେ ସେ ଅନ୍ୟଛାତ୍ରଛାତ୍ରୀଙ୍କ ଖାତା ଦେଖିବାକୁ ଲାଗିଲେ । ସମସ୍ତ ଛାତ୍ରଛାତ୍ରୀ ନିଜ ନିଜର ପରିବାର ସଦସ୍ୟଙ୍କ ନାମ ନିର୍ଭୁଲ ଭାବରେ ଉଲ୍ଲେଖ କରିଥିଲେ ଖାତାରେ । ସବା ଶେଷରେ ପ୍ରକୃତି ଦେଲା ତା ଖାତା । ସେ ତା ପରିବାରର ମୋଟ ପଚିଶଜଣ ସଦସ୍ୟଙ୍କ ନାମ ଲେଖିଥିଲା । ତା ନିଜ ନାମ, ବାପାମାଙ୍କ ନାମ, କକା ଖୁଡୀ ଆଉ ସେମାନଙ୍କ ପିଲାଙ୍କ ନାମ ପଢିବା ପରେ ଏକ ନାମ ପାଖରେ ଆଙ୍ଗୁଳି ରଖି ସାର୍ ତାକୁ ପଚାରିଲେ, " ପ୍ରକୃତି, ଏଇଟା କାହାର ନାମ କି ?"

"ସେଇଟା ଆମ ବୁଢୀଗାଈର ନାମ ସାର୍..।"

"ଆଉ ଏଇଟା.. ?"

" ଆମ ପୋଷା କୁକୁର.. ଆମ ସମସ୍ତଙ୍କ ପ୍ରିୟ ସେ ।"

" ଆଉ ଏଇଟା... ?"

" ଆମ ଘରେ ରହୁଥିବା ଏକ ପରକଟା ଶୁଆର ନାମ ସେଇଟା । କୋଉଠୁ ଗୋଟେ ଉଡିଆସି ଆମଘରେ ରହୁଛି । ସେ ତ ଆମ ପରିବାରର ସଦସ୍ୟ ବି ବନିଗଲାଣି ।"

"ଆଉ ଏଇଟା କାହାର ନାମ କି ?"

" ସେଇଟା ସାର୍ .. ଆମ ମଝି ଅଗଣାରେ ଥିବା ଏକ ବୁଢା ପଳାଶ ଗଛ ।"

ଏତକ ଶୁଣିବା ପରେ ସାର୍‌ଙ୍କ ମୁହଁରୁ ଆଉ ଭାଷା ବାହାରି ନଥିଲା । ତାଙ୍କର ଆଶ୍ଚର୍ଯ୍ୟଚକିତ ଆଖି ଲାଖି ରହିଥିଲା ପ୍ରକୃତିର ନିଷ୍ପାପ ମୁଖମଣ୍ଡଳ ଉପରେ ଆଉ ନିଜର ଆଙ୍ଗୁଳି ସେମିତି ଅଟକି ରହିଥିଲା ତା ଖାତାର ସେଇସବୁ ନାମ ପାଖରେ ।


+ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧


କବିତା

ତୁମ ପାଇଁ



## ମେଘ ସବାରୀରେ ବରଷା ଆସିଛି

### ପ୍ରଶାନ୍ତ କୁମାର ଦାଶ

ରାମ ସୀତା ହନୁ ଗୀତ ପଦେ ଗାଇ
ଚଷାକରେ ବିଲ ଚାଷ
ପଡିଆ ମଥାରେ କଅଁଳି ଉଠଇ
ମରିଯାଇଥିବା ଘାସ ।

ଗାଆଁ ସହରର ଚାଳରୁ ଛାତରୁ
ଖସିପଡ଼ିଲାଣି ପାଣି
ପୋଖରୀ ହୁଡାରେ ଗୀତ ଗାଇ ନାଚି
ବେଙ୍ଗୁଲୀ ଦେଖାଏ ଠାଣି ।

ବଣ ତୋଟା ହୁଙ୍କା ଦେହେ ବାଲିଛତୁ
ଫୁଟି ହୋଇଲାଣି ଭରା
ବରଷା ହେବାରୁ ମଳିଣ ପଡଇ
ଟାଆଁସିଆ ତାତି ଖରା ।

ମେଘସବାରୀରେ ବରଷା ଆସଇ
ଘଡଘଡି ଡାକ ଦେଇ
ବରଷାରେ ଭିଜି ଅପା ଚାଲିଯାଏ
ଶାଶୂଘର ବିଦାହେଇ ।

ବହି ବୋଝ ବୋହି ମୁଣ୍ଡେ ଛତା ଦେଇ
ପାଠ ପଢିଯାଏ କୁନା
ପଢାବେଳ ହେଲେ ସଜବାଜ ହୁଏ
ପାଠ ପଢିବାକୁ ମୁନା ।

କଳାମେଘ ଘୋଟି ଅଜାଡି ଦିଅଇ
ଆକାଶ ବରଷା ପାଣି
ନାଆକୁ ଫିଟାଏ ନାଉରିଆଭାଇ
ନଈ ପୁରିଯିବା ଜାଣି ।

ନାଲିପାଟ ପିନ୍ଧି ସାଧବାଣୀ ବୋହୂ
ଘାସର ପିଠିରେ ଚାଲେ
ନିଆଁରେ ଦେଖାଇ ବୋଉ ତାର ହାତ
ସେକ ଦିଏ କୁନି ଗାଲେ ।

ବରଷା ଦିଅଇ ଶୀତଳ ପରଶ
ମେଘସବାରୀରେ ଆସି
ପିଲାଙ୍କ ତିଆରି କାଗଜର ଡ଼ଙ୍ଗା
ଗାଆଁଦାଣ୍ଡେ ଯାଏ ଭାସି ।


+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ:୯୬୬୮୮୨୨୧୯୦


## ପୃଥିବୀ ମାଆର ଯତନ ନେବା

### ଦୀପକ କୁମାର ମିଶ୍ର

ପୃଥିବୀ ଅଟେ ଯେ ମାଆ ମାଟି ଆମର
ପାଳେ ପୋଷେ ଆମକୁ ସରାଗେ ତା'ର
ଗଛ,ଲତା, ଶସ୍ୟ ଆମକୁ ଦିଏ ସେ ଭେଟି
ଭାତ, ଡାଲି, ରୋଟି ସବୁ ତାହାରି ସୃଷ୍ଟି ।

ଆମେ ତାହାର ଯେତେ ନେବା ଯତନ
ସେତେ ଆନନ୍ଦେ ସ୍ନେହ଼ଁ ସେ କରେ ପ୍ରଦାନ
ତା ବିନା ସମ୍ଭବ କି କେବେ ମଣିଷ ଜୀବନ
ତାହା ଦୟାରୁ ଆମେ ପିନ୍ଧୁ ନୂଆ ବସନ ।

ପୋଖରୀ,ନଈ, ଝରଣା ତା ଗର୍ଭରୁ ଜାତ
ସେମାନେ କରନ୍ତି ମିଶି ଆମ ସଭିଙ୍କ ହିତ
ପିଲାମାନେ ଆମେ ସେଠି ଗାଧୋଉ ନିତି
ପହଁରା ପହଁରି କରି ଖୁସିହେଉ ସାଙ୍ଗସାଥି ।

ପରିବେଶକୁ ଆମେ ସର୍ବଦା ରଖିବା ସଜେଇ
ତା ହେଲେ ମାଆ ମାଟି ଆମର ଖୁସି ହୁଅଇ
ପଲିଥିନ, ଧୂଆଁକୁ ପୃଥିବୀରୁ ଦୁରେଇ ଦେବା
ଅମ୍ଳଜାନ ସ୍ତରକୁ ବାୟୁ ମଣ୍ଡଳେ ବଢ଼େଇ ଦେବା ।

ଗଛ ବୃକ୍ଷରାଜି କରିବା ମା' ପୃଷ୍ଠରେ ରୋପଣ
ବଣ ଜଙ୍ଗଲ ଘନେଇ ଖୁସିରେ ହସିବ ଜାଣ
ଏହିପରି ପୃଥିବୀର ଆମେ ନିତି ଯତନ ନେବା
ଧ୍ୱଂସ ମୁଖରୁ ଆମ ମାଟି ମାଆକୁ ବଞ୍ଚେଇଦେବା।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଆମେରେ ନୂଆ ପିଢ଼ି

### ତପନ ସାହୁ

ବୁଢିଆଣୀରୁ ଅଣିକି ଜାଲ
ଧରିବା ଚାଲ ମାଛ,
ପକ୍ଷୀର ଡେଣା ଲଗେଇ ଚାଲ
ଉଡ଼ି ଯିବା ଆକାଶ।

ଇନ୍ଦ୍ରଧନୁଠୁ ରଙ୍ଗ ଚୋରେଇ
ଆଙ୍କିଦେବା ଆମ ଦେଶ,
ଜହ୍ନ ମାମୁଁକୁ କହିବା କାନେ
ମାଟିକୁ ଓହ୍ଲେଇ ଆସ ।

ମୟୂର ଠାରୁ ଶିଖିବା ନାଚ
ବରଷା ଡାକିବା ଯାଇ,
ଚାଷୀ ଭାଇର ଉଦାସ ମୁହେଁ
ହସ ଭରିବା ପାଇଁ ।

ଏକତା ଗୁଣ ଶିଖିବା ଆସ
ପିମ୍ପୁଡ଼ି ପାଖକୁ ଯାଇ,
ସଞ୍ଚୟ କରି ରଖିଲେ କିଛି
ହଟହଟା ହେବା ନାହିଁ ।

କୋଇଲି ଠାରୁ ମାଗିବା ସ୍ୱର
ଗାଇବା ମିଠା ଗୀତ
ଏକା ସାଥୀରେ ଏକା ସ୍ୱରରେ
ଆମ ଜାତୀୟ ସଙ୍ଗୀତ ।

ପଢ଼ିଲେ ପାଠ ଗଢ଼ିବା ଦେଶ
ଚଢିବା ଜ୍ଞାନ ଶିଢ଼ି,
ରଖିବା ଟେକ ଜନ୍ମ ମାଟିର
ଆମେରେ ନୂଆ ପିଢ଼ି ।


+ବେଲଗାଁ, ଏମ୍ ରାମପୁର
କଳାହାଣ୍ଡି,
ମୋ.୯୦୧୯୩୧୧୮୬୮


## ଖେଳ ଗୀତ

### ଦିବାକର ନାୟକ

ବଜାଇବି ତୁରୀ ଗାଇବୁ ତୁ ଗୀତ
ହୋଇବ ବଢ଼ିଆ ମଜା
ନିଶ ମୋଡ଼ି ମୋଡ଼ି ଗୀତ ଶୁଣି ଆମ
ହସିବେ ପାକୁଆ ଅଜା ।

ବର ବେଶେ ସଜାଇବି କୁନା
କଣ୍ଢେଇକୁ ମୋର
ତୋ କୁନି କଣ୍ଢେଇ କନିଆଁ ହୋଇ
ବସିବ ବେଦୀ ଉପର
ସାଥୀମାନେ ହୁଳହୁଳି
ଦେବେ ପୁଣି କରତାଳି
ବିନା ଯଉତୁକେ ବାହାଘର ହେବ
ବାଜିବ ମହୁରୀ ବାଜା..
ବଜାଇବି ତୁରୀ ଗାଇବୁ ତୁ ଗୀତ
ହୋଇବ ବଢ଼ିଆ ମଜା ।

କ୍ଷୀରି ଖେଚୁଡ଼ି ଆରିସା
ସଭିଙ୍କୁ ପରଷା ହେବ
ଲଡୁ କୁରୁମା ଜିଲାପି
ଖାଇ ମନ ଭରିଯିବ
ବାହାଘର ଗଲେ ସରି
ବନ୍ଧୁମାନେ ଯିବେ ଫେରି
ଏ ମିଛିକା ବାହା ଦେଖି ଅଜା ଆମ
ଦେବେ ସତ ସତ ଖଜା
ବଜାଇବି ତୁରୀ ଗାଇବୁ ତୁ ଗୀତ
ହୋଇବ ବଢ଼ିଆ ମଜା ।


+ପାଟପୁର, କନିସି-୭୬୧୦୦୮
ଭା-ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


ଧାରାବାହିକ ଉପନ୍ୟାସ

ଭାଗ-୬

# ଗପ ହେଲେ ବି ସତ

## ରାମଚନ୍ଦ୍ର ସେଠୀ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ ଚାଲେ। ଆମ ଘରଠାରୁ ଚାରି କିଲୋମିଟର ସଡ଼କରେ ଚାଲି ଚାଲି ଯାଇ ବଣ ଭିତରେ ପଶେ। ସେତେବେଳକୁ ବଣ ଭିତରେ ପାଦଚଲା ବାଟ ପଡ଼ିଥାଏ। ସେଇ ପାଦଚଲା ବାଟରେ ଚାଲିଚାଲି ଛଅ କିଲୋମିଟର ଯାଏ ପଳାଏ। ବାଟରେ ଗଲାବେଳେ କି ଫେରିଲାବେଳେ ଗୋଟିଏ ହେଲେ ମଣିଷ ଦେଖେନି। ଦେଖେ ଖାଲି ହରୀଣ, ଠେକୁଆ, କୁଟୁରା ଓ ବଡ଼ବଡ଼ ସାପଙ୍କ ଗୋତରା ଚିହ୍ନ। ଶୁଣେ ଖାଲି ବଣକୁକୁଡ଼ା, ମୟୂର ଏବଂ ଅନାବନା ବଣ ଚଢ଼େଇଙ୍କ ଗୀତ। ଶୁଙ୍ଘେ ଖାଲି ଅନାବନା ବଣଫୁଲର ବାସ୍ନା। ନିର୍ଜନ ନିର୍ଜନ ଲାଗୁଥାଏ ବଣ। ଛଅ କିଲୋମିଟର ଦୂରରେ ବଣର ବାଟକଡ଼େ ଥାଆନ୍ତି ଠାକୁରାଣୀ। ଗୋଟିଏ ଜରି ଗଛମୂଳେ ଖଣ୍ଡେ ସିନ୍ଦୂର ବୋଳା ପଥର। ତାଙ୍କ ନାଆଁ ଡୋମଣୀ। ସିଏ ବନଦୁର୍ଗା। ତାଙ୍କୁ ଜାନୀ ପୂଜାକରେ। ମୁଁ ଯେତେବେଳେ ଯାଏ, ଦେଖେ ପଙ୍କ ପାଦତଳେ ତାଜା ବଣମଲ୍ଲୀ ଓ କନିଅର ଫୁଲ। ଧୂପଦୀପ କୁହୁଳୁ ଥାଏ। ତାଙ୍କୁ ମୁଣ୍ଡିଆ ମାରିଲେ ମଣିଷକୁ ବାଘ ଖାଏନି। ମୁଁ ମୁଣ୍ଡିଆ ମାରେ। ଆଗକୁ ଆଉ ଯାଇପାରେନି। ଆଗରେ ପଡ଼େ ବାଘଡ଼ିଆଁ ଘାଟି। ଗୋଟିଏ ବିରାଟ ଉଚ୍ଚ ପଥର ଉପରେ ବାଘ ଶୋଇଥାଏ। ତଳେ ଯିଏ ଯାଏ ତା ଉପରକୁ ଉପର ବାଘ ଝାମ୍ପ ମାରେ।

ପ୍ରତାପ ଗାଆଁପାଖକୁ ଲାଗି ଗୋଟେ ପାଣିଟାଲ। ବର୍ଷାଦିନେ ବଣ ଜଙ୍ଗଲରୁ ପାଣି ଗଡ଼ିଆସି ସେଇଠି ଜମାହୋଇ ଶାଳିଆ ନଈକୁ ବହିଯାଏ। ଖରାଦିନେ ବି ସେଇଠି ପାଣି ରହେ। ଜଙ୍ଗଲରୁ ଜନ୍ତୁମାନେ ଆସି ରାତିହେଲେ ସେଇଠି ପାଣି ପିଅନ୍ତି। ବାଘ ବି ଆସେ। ଟାଲ ଚାରିପାଖ କାଦୁଅରେ ଜୀବଜନ୍ତୁଙ୍କ ପାଦଚିହ୍ନ ସହ ବାଘର ବି ପାଦଚିହ୍ନ ପଡ଼ିଥାଏ। ଦିନବେଳେ ସେଇ ଗାଆଁର ଗୋରୁଗାଈମାନେ ସେଇଠୁ ପାଣି ପିଅନ୍ତି। ପଣ୍ଡା ପୋଡ଼ମାନେ ଗଡ଼ନ୍ତି।

ଦିନେ ଦେଖିଲି ସେଇ ପାଣିଟାଲ ପାଖରେ ଗୋଟ ସାପ ଶୋଇଚି। ବିରାଟ ସାପ। ଅନେକ ସାପଙ୍କୁ ମୁଁ ଠେଙ୍ଗାରେ ପିଟିପିଟି ମାରି ଦେଇଥିଲେ ବି ଏତେବଡ଼ ସାପ



ସେଦିନ ମୁଁ ପ୍ରଥମଥର ଦେଖିଲି। ତା ପାଟିରେ ଗୋଟେ ବାର୍‌ହା ଥିଲା। ମୁଣ୍ଡଆଡୁ ବାରହାର କାନ୍ଧଯାଏ ସିଏ ଗିଳିଥିଲେ ମଧ୍ୟ ବାକିଯାକ ପଦାକୁ ବାହାରି ଦିଶୁଥିଲା। ପରେ ଜାଣିଲି ଯେ ସେଇଟା ଅଜଗର ସାପ। ଅଜଗର ସାପମାନେ ବଡ଼ବଡ଼ ହରୀଣ ସମ୍ବର ଏପରିକି ମଣିଷମାନଙ୍କୁ ଗିଳିବାରେ ଓସ୍ତାଦ। ସିଏ ତା ଖାଦ୍ୟକୁ ଗିଳିଲାବେଳେ ତା ମୁଣ୍ଡ ଓ ପାଟିର ଆକାର ତିନିଗୁଣ ବଢ଼ିଯାଏ। ସିଏ ପ୍ରଥମେ ଶିକାରକୁ ଧରି ତା ଚାରିପାଖଯାକ ଦଉଡ଼ିପରି ଗୁଡ଼େଇ ହେଇଯାଇ ପ୍ରାୟ ନବେକେଜିର ଚାପ ତା ଉପରେ ପକାଏ। ଶିକାରଟି ଶ୍ୱାସରୁଦ୍ଧ ହେଇଆସିଲେ ସିଏ ଗିଳିବାକୁ ଆରମ୍ଭ କରେ। ଯେତେବଡ଼ ଶିକାର ହେଉ ଗିଳିଲା ବେଳେ ସିଏ ଶ୍ୱାସପ୍ରଶ୍ୱାସ ନେବାଆଣିବା କରିବାରେ କୌଣସି ଅସୁବିଧା କରେନି। ଶିକାରର ଶିଙ୍ଗ, ଖୁରା, ଚମ, ହାଡ଼ ସବୁ ଅଜଗରସାପ ଜୀର୍ଣ୍ଣ କରିପକାଏ। ଶିକାର ନପାଇ ଏମାନେ ଭୋକରେ ବର୍ଷେ ଦେଢ଼ବର୍ଷ ଯାଏ ରହିପାରନ୍ତି। ଓଜନରେ ଏମାନେ ପ୍ରାୟ ଦୁଇ କୁଇଣ୍ଟାଲଠାରୁ ବି ଅଧିକ ହେବାର ଦେଖାଯାଏ। ଲମ୍ବରେ ଏମାନେ କୋଡ଼ିଏଠାରୁ ପଚିଶଫୁଟ ପର୍ଯ୍ୟନ୍ତ ହୁଅନ୍ତି। ଆଫ୍ରିକାରେ ଦେଖାଯାଉଥିବା କୋଡ଼ିଏଠାରୁ ପଚିଶଫୁଟ ପର୍ଯ୍ୟନ୍ତ ହୁଅନ୍ତି। ଆଫ୍ରିକାରେ ଦେଖାଯାଉଥିବା ରକ୍ ପାଇଥନ୍ ବା ପାହାଡ଼ ଅଜଗର ପଂଚତିରିଶ ଫୁଟ ପର୍ଯ୍ୟନ୍ତ ଲମ୍ବ ହେବାର ଦେଖାଯାଏ। ସାପଟା ତା ଶିକାରକୁ ଗିଳୁଥିଲା, ମୁଁ ବଣରେ ପଶିଲି। (କ୍ରମଶଃ)


+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

# ରାଜ୍ୟର ଆର୍ଥିକ ଅନିୟମିତତା ସମଗ୍ର ଭାରତବର୍ଷରେ ବିରଳ : ବିଜେପି

ଭୁବନେଶ୍ୱର,୫/୦୮ (ନି.ପ୍ର): ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟରୁ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ଅପରାଧିକ ଆର୍ଥିକ ଅନିୟମିତତା ପଦାରେ ପଡିଛି । ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ରହି ରାଜ୍ୟ ସରକାର ଯେଉଁ ଭଳି ଭାବେ ଆର୍ଥିକ ଅନିୟମିତତା କରିଛନ୍ତି, ତାହା କେବଳ ଓଡିଶାରେ ନୁହେଁ ବରଂ ସମଗ୍ର ଭାରତବର୍ଷରେ ବିରଳ ବୋଲି ରାଜ୍ୟ ଉପ ସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର କହିଛନ୍ତି । ସିଏଜି ରିପୋର୍ଟ ପ୍ରସଙ୍ଗରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସମୁଦାୟ ୩୯ଟି ବିଭାଗ ମଧ୍ୟରୁ ରାଜ୍ୟର ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ମୁଖ୍ୟ ୧୨ଟି ବିଭାଗରୁ ଜଙ୍ଗଲ, ପୂର୍ତ୍ତ ଏବଂ ଜଳସେଚନ ୩ଟି ବିଭାଗକୁ ନେଇ ସିଏଜି ତାଙ୍କ ରିପୋର୍ଟରେ ବିସ୍ତୃତ ଉଲ୍ଲେଖ କରିଛନ୍ତି । ଅତୀତରେ ସିଏଜିଙ୍କ ବାରମ୍ବାର ବାରଣ କରିବା ସତ୍ତ୍ୱେ ରାଜ୍ୟ ସରକାର ବାରମ୍ବାର ଭୁଲକୁ ଦୋହରାଇବା; ଆଇନକାନୁନ ଓ ନିୟମ ଉଲ୍ଲଙ୍ଘନ କରାଯିବା; ଧାର୍ଯ୍ୟ ବଜେଟରୁ ଅଧିକ ଖର୍ଚ୍ଚ କରିବା, ଶାସନ ବ୍ୟବସ୍ଥା ଓ ପ୍ଲାନିଂର ଘୋର ଅଭାବ କାରଣରୁ ବ୍ୟାପକ ମାତ୍ରାରେ ରାଜସ୍ୱ କ୍ଷତି ହୋଇଛି ବୋଲି ସିଏଜି ନିଜ ରିପୋର୍ଟରେ ସିଧାସଳଖ ଉଲ୍ଲେଖ କରିଛନ୍ତି । ମନଇଚ୍ଛା ଏବଂ ମନ୍ଦ ଉଦ୍ଦେଶ୍ୟ ରଖିଥିବା ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନକରିବା କାରଣରୁ ୧୬୧୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି । ସିଏଜି ଭଳି ଏକ ସାମ୍ବିଧାନିକ ଅନୁଷ୍ଠାନ ପ୍ରତି ରାଜ୍ୟ ସରକାରଙ୍କ ସାମାନ୍ୟତମ ସମ୍ମାନ ନାହିଁ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

୧୯୮୪ ମସିହାରୁ ଜୁନ ୨୦୨୦ ମସିହା ସୁଦ୍ଧା ସିଏଜିଙ୍କ ଦ୍ୱାରା ୩୪୭୩ଟି ଅଭିଯୋଗ ସମାଧାନ ହୋଇନାହିଁ । ଏଥି ମଧ୍ୟରୁ କେବଳ ଗତ ୨୨ ବର୍ଷରେ ୩୨୩୨ଟି ଅଭିଯୋଗର ସମାଧାନ କରିନାହାନ୍ତି । ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିବା ୧୩୨୮ଟି ଅଭିଯୋଗର ବିଚାର ହୋଇନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି । ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ମୋଦି ସରକାର କାଂପା ପାଂଠି ଜରିଆରେ ବ୍ୟାପକ ଅର୍ଥ ଓଡିଶା ରାଜ୍ୟକୁ ପ୍ରଦାନ କରିଛନ୍ତି । ଏହି ପାଂଠିର ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇ ପାରିବ ନାହିଁ । ଏହା ସତ୍ତ୍ୱେ ସମସ୍ତ ନିୟମ ଓ ଆଇନକୁ ଜଳାଞ୍ଜଳୀ ଦେଇ ଏହି ପାଂଠିରୁ ୨୨୫.୮୪ କୋଟି ଟଙ୍କା ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରିଛନ୍ତି ଏବଂ ଏହା ଦ୍ୱାରା ରାଜ୍ୟ ସରକାର ଦଣ୍ଡନୀୟ ଅପରାଧ କରିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି । ରାଜ୍ୟ ସରକାରଙ୍କ ଅପାରଗତା ଏବଂ ୟୁସି (ବିନିଯୋଗ ପତ୍ର) ଦାଖଲ କରୁନଥିବା କାରଣରୁ କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ ହୋଇନପାରି ଫେରି ଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ରାଜ୍ୟ ସରକାର ୩୬୧୯୪ କୋଟି ଟଙ୍କାର ବିନିଯୋଗ ପତ୍ର (ୟୁସି) କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାରେ ବିଫଳ ହୋଇଛନ୍ତି । ସେଥି ମଧ୍ୟରୁ କେବଳ ୨୦୧୯-୨୦ ଆର୍ଥିକ ବର୍ଷରେ ପଂଚାୟତ ବିଭାଗର ୪୦୩ କୋଟି; ସହରାଂଚଳ ଓ ଗୃହ ବିଭାଗର ୩୧୭ କୋଟି, ରାଜସ୍ୱ ବିଭାଗର ୨୧୮ କୋଟି, ଯୋଜନା ବିଭାଗର ୨୧୪ କୋଟି, ଅନୁସୁଚିତ ଜାତି ଓ ଜନଜାତି ବିଭାଗର ୯୦ କୋଟି,ସୂଚନା ଓ ପ୍ରଯୁକ୍ତି ବିଭାଗର ୫୮ କୋଟି, ପର୍ଯ୍ୟଟନ ବିଭାଗର ୧୯ କୋଟି, ଉଚ୍ଚଶିକ୍ଷା ବିଭାଗର ୧୬ କୋଟି, ଗଣଶିକ୍ଷା ବିଭାଗର ୧୪ କୋଟି ଏବଂ ଦକ୍ଷତା ବିଭାଗର ୧୦ କୋଟି ଟଙ୍କାର ବିନିଯୋଗ ପତ୍ର ଦାଖଲ କରିନାହାନ୍ତି ରାଜ୍ୟ ସରକାର । ଏଥି ପାଇଁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ବାବଦରେ ବକେୟା ଅନୁଦାନ ପାଇବାରୁ ବଂଚିତ ହେଉଛି ଓଡିଶା ରାଜ୍ୟ । କେନ୍ଦ୍ରୀୟ ଅନୁଦାନ ଏବଂ ଅର୍ଥର ସଠିକ ବିନିଯୋଗ ନକରି ପାରିବାରୁ ୟୁସି ଦେବାରେ ବିଫଳ ରାଜ୍ୟ ସରକାର ନିଜ ଦୋଷକୁ ଲୁଚାଇବା ପାଇଁ କେନ୍ଦ୍ର ଉପରେ ଦୋଷ ଲଦିଦେଇ ଦୋମୁହାଁ ନୀତି ଆପଣାଇବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

# ତମାଖୁ ନିୟନ୍ତ୍ରଣ ଆଇନ କଠୋର ହେଉ



ଭୁବନେଶ୍ୱର ,୫/୦୮ (ନି.ପ୍ର): ଦେଶରେ ତମାଖୁ ଜନିତ ରୋଗ ଯୋଗୁଁ ବାର୍ଷିକ ୧.୩ ନିୟୁତରୁ ଅଧିକ ଲୋକ ମୃତ୍ୟୁ ବରଣ କରୁଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିକୁ ବିଚାରକୁ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ କଲଚରାଲ ସେଣ୍ଟର (ପିକକ୍) ଓ ତମାଖୁ ମୁକ୍ତ ଓଡ଼ିଶା ପାଇଁ ମିଳିତ ମଞ୍ଚ ପକ୍ଷରୁ ସାଂସଦମାନଙ୍କୁ ନେଇ ଏକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ସାଂସଦମାନେ ଯୋଗଦେଇ ମତ ରଖିଛନ୍ତି ଯେ, ଶିଶୁ ଏବଂ ଯୁବକମାନଙ୍କୁ ତମାଖୁ ଜନିତ ରୋଗ ଏବଂ କର୍କଟ ରୋଗରୁ ରକ୍ଷା କରିବା ପାଇଁ 'କୋଟ୍‌ପା' ଆଇନ୍‌ରେ ଆବଶ୍ୟକୀୟ ସଂଶୋଧନ କରିବା ସହ ଏହାକୁ ଆହୁରି କଠୋର କରିବା ଦରକାର । ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମୁନ୍ନା ଖାନ, ସୁଜିତ କୁମାର, ସୁଲତା ଦେଓ, ନିରଞ୍ଜନ ବିଶି, ମମତା ମହାନ୍ତ, ଠାକୁର ଯୁଗଲ ଲୋକଚାନ୍ଦ, ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ । ସାଂସଦମାନେ କହିଥିଲେ, ଧୂମପାନ କେବଳ ଧୂମପାନକାରୀଙ୍କୁ କ୍ଷତି ପହଞ୍ଚାଏ ନାହିଁ, ଧୂମପାନ କରୁଥିବା ଲୋକଙ୍କ ସଂସ୍ପର୍ଶରେ ଆସୁଥିବା ଲୋକଙ୍କର ମଧ କ୍ଷତି କରିଥାଏ ତମାଖୁରୁ ମିଳୁଥିବା ରାଜସ୍ୱ ତୁଳନାରେ ତମାଖୁ ଜନିତ ରୋଗରେ ଅଧିକ ଅର୍ଥ ବ୍ୟୟ ହୋଇଥାଏ । ତମାଖୁ ପରିବେଶ ଉପରେ ମଧ ପ୍ରତିକୂଳ ପ୍ରଭାବ ପକାଇଥାଏ । କୋଟପାକୁ ମଜବୁତ କରିବା ହେଉଛି ନୂତନ ପିଢିକୁ ତମାଖୁ ସେବନର ଜାଲରେ ପଡ଼ିବାରୁ ରକ୍ଷା କରିବା । ତମାଖୁ ପରିବେଶ ଉପରେ ମଧ ପ୍ରତିକୂଳ ପ୍ରଭାବ ପକାଇଥାଏ । ଆମ ପରବର୍ତ୍ତୀ ପିଢିକୁ ବଞ୍ଚାଇବାକୁ ପଡ଼ିବ । ଏହି ଅଧିବେଶନରେ ଅଂଶଗ୍ରହଣ କରିଥିବା ସାଂସଦମାନେ ଏହି ସଂଶୋଧନ ବିଲ୍ ସପକ୍ଷରେ ସେମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ନିଶ୍ଚିତ କରିଛନ୍ତି । ବିଶେଷକରି ଶିଶୁ ତଥା ଯୁବକମାନଙ୍କ ମଧ୍ୟରେ ତମାଖୁ ସେବନକୁ ରୋକିବା ଦିଗରେ କାର୍ଯ୍ୟ କରି ଜନସ୍ୱାସ୍ଥ୍ୟର ଉନ୍ନତିର ଜରୁରି ଆବଶ୍ୟକତା ଉପରେ ସେମାନେ ସେମାନଙ୍କର ମତାମତ ପ୍ରଦାନ କରିଥିଲେ ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୩୬ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୫/୦୮ (ନି.ପ୍ର): ରାଜ୍ୟରେ ଦୈନିକ କରୋନା ସଂକ୍ରମଣ କମିଛି । ଆଜି ବି ଏହା ହଜାରେ ତଳକୁ ରହିଛି । ଗତକାଲି ୮୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୩୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୮୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୪୮ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୬୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୮୩୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୨୪୨ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୯ ଜଣ, ବରଗଡ଼ରୁ ୩୦, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୩୨ ଜଣ, ବୌଦ୍ଧରୁ ୧୦ ଜଣ, କଟକରୁ ୨୦ ଜଣ, ଦେବଗଡ଼ରୁ ୬ ଜଣ, ଢେଙ୍କାନାଳରୁ ୨, ଗଜପତିରୁ ୬ ଜଣ, ଗଞ୍ଜାମରୁ ୨, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୧୪ ଜଣ, ଝାରସୁଗୁଡ଼ାରୁ ୧୬ ଜଣ, କଳାହାଣ୍ଡି ଜିଲ୍ଲାରୁ ୨୫ ଜଣ, କନ୍ଧମାଳରୁ ୧୬ ଜଣ, କେନ୍ଦ୍ରାପଡ଼ାରୁ ୭ ଜଣ, କେଉଁଝରରୁ ୮, ଖୋର୍ଦ୍ଧା ଜିଲ୍ଲାରୁ ୧୧୭, କୋରାପୁଟ ଜିଲ୍ଲାରୁ ୧୭ ଜଣ, ମୟୂରଭଞ୍ଜରୁ ୫୫ ଜଣ, ନବରଙ୍ଗପୁରରୁ ୩୩ ଜଣ, ନୟାଗଡ଼ ଜିଲ୍ଲାରୁ ୧୯ ଜଣ, ନୂଆପଡ଼ାରୁ ୨୧ ଜଣ, ପୁରୀରୁ ୭ ଜଣ, ରାୟଗଡ଼ାରୁ ୯ ଜଣ, ସମ୍ବଲପୁରରୁ ୬୨ ଜଣ, ସୋନପୁରରୁ ୧୪ ଜଣ, ସୁନ୍ଦରଗଡ଼ରୁ ୨୪୨ ଜଣ ଓ ଷ୍ଟେଟପୁଲରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୧୭, ୩୦୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩,୦୧, ୯୩୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୬୧୮୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଏକକ ବାତାୟନ ମାଧ୍ୟମରେ ୨୨୫୩ କୋଟି ଟଙ୍କାର ୧୧ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର,୫/୦୮ (ନି.ପ୍ର): ଶିଳ୍ପାୟନ ମାଧ୍ୟମରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଦୃତ ଆର୍ଥିକ ପ୍ରଗତି ହାସଲ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରଗତିଶୀଳ ଶିଳ୍ପ ନୀତି, ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା, ଓ ବ୍ୟବସାୟ ଅନୁକୂଳ ବାତାବରଣ ଯୋଗୁ ଓଡ଼ିଶା ନୂଆ ପୁଞ୍ଜିନିବେଶ ପ୍ରସ୍ତାବ ଆକର୍ଷିତ କରିବାରେ ଆଗୁଆ ରାଜ୍ୟ ହୋଇ ରହିଛି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ(ସିଙ୍ଗିଲ୍ ୱିଣ୍ଡୋ) କମିଟି ବୈଠକରେ ୧୧ ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ଦିଆଯାଇଛି । ଏହି ସବୁ ପ୍ରକଳ୍ପ ମାଧ୍ୟମରେ ୨୨୫୩.୧୫ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୩,୮୧୭ ଜଣଙ୍କ ନିମନ୍ତେ ପ୍ରତକ୍ଷ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ, ଆର୍ଥିକ ଏବଂ ଭିତିଭୂମି ସଂପର୍କିତ ବିଷୟ ଉପସ୍ଥାପନ ପୂର୍ବକ କହିଥିଲେ ଯେ ପ୍ରକଳ୍ପ ଗୁଡିକ ମୁଖ୍ୟତଃ ଆଲୁମିନିଅମ୍ ଓ ଷ୍ଟିଲ୍ ଡ଼ାଉନଷ୍ଟ୍ରିମ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ ପ୍ରକ୍ରିୟାକରଣ, ତୈଳ ଓ ଗ୍ୟାସ୍, ବୈଦୁତିକ ପଦାର୍ଥ ଉତ୍ପାଦନ ଏବଂ ମାନୁଫାକ୍ଚରିଂ ସେକ୍ଟର ଅନ୍ତର୍ଭୁକ୍ତ । ଏସବୁ ପ୍ରକଳ୍ପ ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ । ପ୍ରକଳ୍ପ ଗୁଡିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡିକର ଦ୍ୱରିତ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଆରୋପ କରିଥିଲେ । ଏଥି ପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇ ଦେବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ପ୍ରକାର ଶିଳ୍ପ ପାଇଁ ଆବଶ୍ୟକୀୟ ଜମି ଓ ଜଳର ସଠିକ୍ ଅନୁଶୀଳନ କରି ତଦନୁଯାୟୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତିଷ୍ଠା ହେବାକୁ ଥିବା ଏହି ଶିଳ୍ପାନୁଷ୍ଠାନମାନେ ଯେପରି ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବେ ତାହା ନିଶ୍ଚିତ କରାଇବା ପାଇଁ ମଧ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକର ସମୟାନୁବନ୍ଧିତ ନିର୍ମାଣ ଏବଂ ଉତ୍ପାଦନ ଆରମ୍ଭ ଉପରେ ଦୃଷ୍ଟି ରଖିବା ପାଇଁ ମୁଖ୍ୟ ଶାସନ ସଚିବ ଇପିକଲ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସବୁ ଶିଳ୍ପାନୁଷ୍ଠାନରେ ଓଡ଼ିଶାରୁ କୌଶଳ ପ୍ରାପ୍ତ(ସ୍କିଲ୍ଡ ଇନ୍ ଓଡିଶା) ଯୁବକଯୁବତୀମାନଙ୍କର ନିଯୁକ୍ତି ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା,ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜବିହାରୀ ଧଳ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୁପିନ୍ଦର ସିଂ ପୁନିଆଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପୁରୀ-ଦୀଘା, ପୁରୀ-ହାୱଡ଼ା ଶତାବ୍ଦୀ ଏକ୍ସପ୍ରେସ ପୁଣି ଚାଲିବ

ଭୁବନେଶ୍ୱର ,୫/୦୮ (ନି.ପ୍ର): ପୁରୀ- ଦୀଘା ଏକ୍ସପ୍ରେସ୍, ପୁରୀ-ହାୱଡ଼ା ଶତାବ୍ଦୀ ଏକ୍ସପ୍ରେସ୍ ପୁଣି ଚାଲିବ । ୨୨୮୯୦/୨୨୮୮୯ ପୁରୀ-ଦୀଘା-ପୁରୀ ସାପ୍ତାହିକ ଏକ୍ସପ୍ରେସ ଆସନ୍ତା ୬ ତାରିଖରୁ ପୁରୀଠାରୁ ଓ ୭ ତାରିଖରୁ ଦୀଘାଠାରୁ ଚାଲିବ । ୧୨୨୭୮/୧୨୨୭୭ ପୁରୀ-ହାୱଡ଼ା- ପୁରୀ ଶତାବ୍ଦୀ ଏକ୍ସପ୍ରେସ ଅକ୍ଟୋବର ୨ ତାରିଖଠାରୁ ଉଭୟ ପୁରୀ ଓ ହାୱଡ଼ା ଏବଂ ୨୨୮୯୦/୨୨୮୯୯ ପୁରୀ-ଦୀଘା-ପୁରୀ ଏକ୍ସପ୍ରେସ ଚଳାଚଳ କରିବ । ୨୨୮୯୦ ପୁରୀ-ଦୀଘା ଏକ୍ସପ୍ରେସ ପ୍ରତି ଶନିବାର ରାତି ୯.୦୫ ରେ ପୁରୀ ଛାଡ଼ିବ ଓ ପରଦିନ ସକାଳ ୬.୩୫ରେ ଦୀଘାରେ ପହଞ୍ଚିବ । ଫେରନ୍ତା ପଥରେ ୨୨୮୮୯ ଦୀଘା-ପୁରୀ ଏକ୍ସପ୍ରେସ ପ୍ରତି ରବିବାର ସନ୍ଧ୍ୟା ୫.୨୫ରେ ଦୀଘା ଛାଡ଼ିବ ଓ ପରଦିନ ୨.୫୫ ରେ ପୁରୀରେ ପହଞ୍ଚିବ । ୧୨୨୭୮/୧୨୨୭୭ ପୁରୀ- ହାୱଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ, ୧୨୨୭୮ ପୁରୀ- ହାୱଡ଼ା ଶତାବ୍ଦୀ ଏକ୍ସପ୍ରେସ ଦୈନିକ ପୂର୍ବାହ୍ନ ୫.୪୫ରେ ପୁରୀ ଛାଡିବ ଓ ସେହିଦିନ ଅପରାହ୍ନ ୧.୪୫ରେ ହାୱଡାରେ ପହଞ୍ଚିବ । ଫେରନ୍ତା ପଥରେ ୧୨୨୭୭ ହାୱଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ ଦୈନିକ ଅପରାହ୍ନ ୨.୧୫ରେ ହାୱଡାରୁ ବାହାରିବ ଓ ସେହିଦିନ ରାତି ୯.୫୦ରେ ପୁରୀରେ ପହଞ୍ଚିବ ବୋଲି ଦକ୍ଷିଣ ପୂର୍ବ ରେଳବାଇ ସୂତ୍ରରୁ ପ୍ରକାଶ ।

# ଓଡିଶା ଜଗରନଟ୍‌ସର ପ୍ରାୟୋଜକ ହେଲା ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ୍

ଭୁବନେଶ୍ୱର ,୫/୦୮ (ନି.ପ୍ର): ବିଶ୍ୱର ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସଲରମିତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ(ଏଏମ୍/ଏନ୍ଏସ୍ ଇଣ୍ଡିଆ) ରାଜ୍ୟ ସରକାରଙ୍କ ଓଡିଶା ସ୍ପୋର୍ଟସ୍ ଡେଭଲପମେନ୍ଟ ଆଣ୍ଡ ପ୍ରୋମୋସନ୍ କମ୍ପାନୀ (ଓଏସ୍‌ଡିପିସି) ସହ ମିଳିତ ଉଦ୍ୟମରେ କ୍ରୀଡାର ବିକାଶ ଏବଂ ଏହାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଚୁକ୍ତି ସ୍ୱାକ୍ଷର କରିଛି । ଅଲଟିମେଟ୍ ଖୋ ଖୋ ପାଇଁ ପ୍ରସ୍ତୁତ ହେଉଥିବା ଓଡିଶା ଜଗରନଟ୍ସ ପାଇଁ ମୁଖ୍ୟ ପ୍ରାୟୋଜକ ଦାୟିତ୍ୱ ମଧ ଗ୍ରହଣ କରିଛି । ମହାରାଷ୍ଟ୍ରର ପୁନେରେ ଚଳିତ ମାସ ୧୪ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ରାଜ୍ୟର ଏକମାତ୍ର ଖୋ ଖୋ ଦଳ ଓଡିଶା ଜଗରନଟ୍ସ ଏଥିରେ ଅଂଶଗ୍ରହଣ କରିବାକୁ ଯାଉଛି । ଏହି ଚୁକ୍ତିନାମା ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବସମ୍ବଳ ଏବଂ ପ୍ରଶାସନ ବିଭାଗର ଉପନିର୍ଦ୍ଦେଶକ ସିଙ୍ଗୋ ନାକାମୁରା ଏବଂ ରାଜ୍ୟ ସରକାରଙ୍କ ଓଏସ୍‌ଡିପିସିର ନିର୍ଦ୍ଦେଶକ ତଥା ସ୍ପୋର୍ଟ୍ସ ବିଭାଗର ଯୁଗ୍ମ ସଚିବ ରଞ୍ଜିତ ପରିଡାଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଭାରତର ସର୍ବ ପୁରାତନ ଖେଳର ଅନ୍ୟତମ ତଥା ସର୍ବପ୍ରଥମ ବୃତିଗତ ଖୋ ଖୋ ଲିଗ୍ ଖେଳକୁ ଆଧୁନୀକିକରଣ ଏବଂ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି । ଖୋ ଖୋକୁ ଏକ ପ୍ରାଚୀନ ଖେଳ ଭାବରେ ପ୍ରୋତ୍ସାହିତ କରିବା ଏବଂ ସର୍ବୋତ୍ତମ ଖେଳାଳିଙ୍କୁ ବୃତିଗତ ଭାବେ ଏହାକୁ ଆପଣେଇବା ପାଇଁ ପ୍ରୋତ୍ସାହିତ କରିବ ।

# ନନ୍ଦିନୀ ଶତପଥୀ ଥିଲେ ଓଡ଼ିଶାର ବହ୍ନି କନ୍ୟା

## ଷୋଡ଼ଶ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର ,୫/୦୮ (ନି.ପ୍ର): ସ୍କୁଲ୍ ଛାତ୍ରୀ ଜୀବନରୁ ସାମ୍ୟବାଦୀ ଆନ୍ଦୋଳନରେ ସାମିଲ୍ ହୋଇ ବ୍ରିଟିଶ୍ ବିରୁଦ୍ଧରେ ସଂଗ୍ରାମ କରି ରାଜ୍ୟରେ ନାରୀ ସଶକ୍ତିକରଣ ଓ ନାରୀ ସ୍ୱାଧୀନତା ପାଇଁ ଆଜୀବନ ସାଲିସ୍ ବିହୀନ ଲଢେଇ କରିଥିବା ଓଡ଼ିଶାର ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମହାନଗରପାଳ ମିହିର ମହାନ୍ତି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ପ୍ରବୀର ମହାନ୍ତି, ଉଇ ଫର ଭୁବନେଶ୍ୱରର କର୍ମକର୍ତ୍ତା, ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଡକ୍ଟର ଅଦ୍ୱୈତ କୁମାର ପାତ୍ର, ବର୍ଷୀୟାନ୍ ନାରୀ ନେତ୍ରୀ ଉଷାରାଣୀ ମହାନ୍ତି, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ରଙ୍କ ସମେତ ବହୁ ନାରୀନେତ୍ରୀ ଓ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ନନ୍ଦିନୀ ଦେବୀ ବାଲିପାଟଣାର ବିଶ୍ୱନାଥପୁର ଗ୍ରାମର ବାସିନ୍ଦା ଥାଇ କଟକ ସହରରେ ପିତା ସୁସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସୁକନ୍ୟା ଭାବରେ ଜନ୍ମ ନେଇ ଢେଙ୍କାନାଳ ଧଳପୁରର ଦେବେନ୍ଦ୍ର ଶତପଥୀଙ୍କ ଧର୍ମପତ୍ନୀ ହୋଇ ଜଣେ ଗୃହିଣୀ ଭାବରେ ନୈତିକ କର୍ତବ୍ୟ ସମ୍ପାଦନ କରିବା ସହ ଛାତ୍ରୀ ଜୀବନରୁ ସାମ୍ୟବାଦୀ ଚିନ୍ତାଧାରାରେ ନିଜକୁ ଜଡ଼ିତ କରି ବିପ୍ଳବିନୀର ଭୂମିକା ନିର୍ବାହ କରିଥିଲେ । ରେଭେନ୍ସା କଲେଜର ଛାତ୍ର ରାଜନୀତି ସହିତ ପରବର୍ତ୍ତୀ ଅବସ୍ଥାରେ କମ୍ୟୁନିଷ୍ଟ ପାର୍ଟି ଛାଡ଼ି କଂଗ୍ରେସ ଦଳରେ ଯୋଗଦେଇ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ଅନ୍ତରଙ୍ଗ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ବହନ କରି ସୁଚାରୁ ରୂପେ ସମ୍ପାଦନ କରିବା ଓ ୧୯୭୨ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରି ଜଣେ ଦକ୍ଷ ପ୍ରଶାସିକାର ଗୌରବ ବହନ କରିଛନ୍ତି । ପରବର୍ତ୍ତୀ ଅବସ୍ଥାରେ ୧୯୭୪ ମସିହାରେ ଢେଙ୍କାନାଳରୁ କଂଗ୍ରେସ ଦଳ ପ୍ରାର୍ଥୀ ୧୯୭୭ ମସିହାରେ ଢେଙ୍କାନାଳରୁ ଜନତା ପାର୍ଟି ପ୍ରାର୍ଥୀ, ୧୯୮୦ରେ କଂଗ୍ରେସ ଅର୍ସ ଦଳରୁ ନିର୍ବାଚିତ ହୋଇଥିବା ବେଳେ ୧୯୮୫ ମସିହାରେ ଜାଗ୍ରତ ଓଡ଼ିଶା ନାମକ ଏକ ଦଳ ଗଠନ କରି ଓଡ଼ିଶାରେ ବିକଳ୍ପ ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଉଦ୍ୟମ କରିଥିଲେ ଓ ସେହି ଦଳର ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ । ୧୯୯୦ ଓ ୯୫ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବରେ ଗଁଦିଆ ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବରେ ନିର୍ବାଚିତ ହୋଇ ସେ ଏକମାତ୍ର ନାରୀ ନେତ୍ରୀ ଭାବରେ ଅପରାଜେୟର ମର୍ଯ୍ୟାଦା ଲାଭ କରିଛନ୍ତି । ପ୍ରଶାସନିକ ନିଷ୍ପତି ନେବାରେ ସେ କଠୋର ଥିବା ବେଳେ ଲୋକକଲ୍ୟାଣ କାର୍ଯ୍ୟରେ ଜଣେ ମା' ଭାବରେ ସ୍ନେହମୟୀର ଭୂମିକା ନିର୍ବାହ କରୁଥିଲେ । ସେ ଥିଲେ ଓଡ଼ିଶାରେ ନାରୀ ପ୍ରଗତିର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଉଷାରାଣୀ ମହାନ୍ତିଙ୍କୁ ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# 'ଓଡ଼ିଶା ମୋ ପରିବାର'ର ରାଜ୍ୟ ସଂଯୋଜକ ହେଲେ ମିହିର ରାୟ

ଭୁବନେଶ୍ୱର,୫/୦୮ (ନି.ପ୍ର): ନିକଟରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଯୁବ ସମାଜସେବୀ ମିହିର ରାୟଙ୍କୁ "ଓଡ଼ିଶା ମୋ ପରିବାର"ର ନୂତନ ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ "ଓଡ଼ିଶା ମୋ ପରିବାର"ର ଆବାହକ ଅରୂପ ପଟ୍ଟନାୟକ ଶ୍ରୀ ରାୟଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ରାୟ ପ୍ରାୟ ୨୫ ବର୍ଷ ଧରି ଟାଇମ୍ସ ଅଫ୍ ଇଣ୍ଡିଆ ଓ ଏସିଆନ ଏଜ୍ ଭଳି ପ୍ରମୁଖ ଇଂରାଜୀ ସମ୍ବାଦପତ୍ରର ପଶ୍ଚିମ ଓଡ଼ିଶା ପ୍ରତିନିଧି ଭାବେ କାର୍ଯ୍ୟ କରିବା ସହ ରାଉରକେଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ସଂଗଠନ ସହ ସଂଯୁକ୍ତ ରହି ନିଜକୁ ସକ୍ରିୟ ଭାବେ ସମାଜସେବାରେ ନିୟୋଜିତ କରିଥିଲେ । ଏବେ "ଓଡ଼ିଶା ମୋ ପରିବାର" ଭଳି ରାଜ୍ୟର ସର୍ବବୃହତ ସ୍ୱେଚ୍ଛାସେବୀ ସଙ୍ଗଠନରେ ତାଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ଶ୍ରୀ ରାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ "ଓଡ଼ିଶା ମୋ ପରିବାର"ର ଆବାହକ ଅରୂପ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# ସୁନ୍ଦରଗଡ଼ ଜିଲ୍ଲାର ଅର୍ଥନୈତିକ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ସମୀକ୍ଷା

ଭୁବନେଶ୍ୱର,୫/୦୮ (ନି.ପ୍ର): ଆଜି ରାଉରକେଲା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷି, ଉଦ୍ୟାନକୃଷି, ପ୍ରାଣୀସଂପଦ ବିକାଶ, ମତ୍ସ୍ୟ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା ଜୀବିକା ମିଶନ ଏବଂ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ବିଭାଗ ସମୂହ ଯୋଗଦେଇଥିବାବେଳେ ବିଭିନ୍ନ ଯୋଜନା ଅଧିନରେ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମୀକ୍ଷା କରାଯାଇଥିଲା । ଜିଲ୍ଲାର ଅର୍ଥନୈତିକ ଯୋଜନା ପ୍ରସ୍ତୁତିବେଳେ ଆବଶ୍ୟକୀୟ ଅର୍ଥନୈତିକ କାର୍ଯ୍ୟକ୍ରମ ନିମନ୍ତେ ଘରୋଇ ଉଦ୍ୟୋଗୀମାନଙ୍କ ସକାଶେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ଉପରେ ସମସ୍ତ ଅଧିକାରୀଙ୍କୁ ଶ୍ରୀ ତ୍ରିପାଠୀ ସଚେତନ କରିଥିଲେ । ସେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲା ପାଇଁ କାର୍ଯ୍ୟକ୍ରମ ସ୍ଥିର କଲାବେଳେ ପାରସ୍ପରିକ ଯୋଗସୂତ୍ର ରକ୍ଷା କରି ସୁସଂଯୋଜିତ ଭାବେ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ଯୋଗାଣଶୃଙ୍ଖଳର ନକ୍ସା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ଏବଂ ଏହା ବ୍ୟବସାୟିକ କୃଷିକୁ ପ୍ରୋତ୍ସାହିତ କରିବା ଜରୁରୀ ବୋଲି ସେ କହିଥିଲେ । ଜିଲ୍ଲାରେ ଅଣପାରମ୍ପରିକ ଶସ୍ୟ ଯଥା ବାଦାମ, ମୁଗ, ସୂର୍ଯ୍ୟମୁଖୀର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ପିସିକଲଚର କ୍ଷେତ୍ରରେ ଜିଲ୍ଲା ଦିନକୁ ଦିନ ଅଧିକ ମାତ୍ରାରେ ସଫଳତା ହାସଲ କରୁଥିବାବେଳେ ଏଥିରେ ବ୍ୟକ୍ତିଗତ ହିତାଧିକାରୀ, ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଘରୋଇ ପୋଖରୀଗୁଡ଼ିକ ସାମିଲ ହୋଇପାରିଛନ୍ତି । ଆଞ୍ଚଳିକ ବିକାଶ ପାଇଁ ଦଳଗତ ମନୋଭାବ ନେଇ କାର୍ଯ୍ୟ କରିବା, କ୍ଲଷ୍ଟର ଆପ୍ରୋଚକୁ ଆପଣାଇବା, ନୂତନ ବ୍ରାଣ୍ଡିଂ ସୃଷ୍ଟି କରିବା ଏବଂ ବଜାର ସହ ସଂଯୁକ୍ତ କରିବା ଆଦି କରାଯାଇ ଏହି ଧାରାକୁ ବଞ୍ଚାଇ ରଖିବା ଉପରେ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ତ୍ରିପାଠୀ ରାଉରକେଲା ଗସ୍ତ ସମୟରେ ଆଜି ସେକଫର ୨୧ର ଓଏସ୍‌ଏପି କଲୋନୀରେ ନବନିର୍ମିତ କଲ୍ୟାଣ ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ । ଏହାକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରଦତ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ବହୁ ଦିନ ଧରି ସ୍ଥାନୀୟ ବାସିନ୍ଦାଙ୍କ ସମେତ ସ୍ଥାନୀୟ ବିଧାୟକ ଏହାର ନିର୍ମାଣ ପାଇଁ ଦାବି କରିଆସୁଥିଲେ । ଏହା ଏଣିକି ବିଭିନ୍ନ ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ସ୍ଥାନୀୟ ଲୋକଙ୍କ ଚାହିଦା ପୂରଣ କରିବାରେ ପ୍ରମୁଖ ସ୍ଥଳୀ ହେବ । କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ଅବସରରେ ସେଠାରେ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଏହି କାର୍ଯ୍ୟ ପାଇଁ ଲାଠିକଟା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସେ ପ୍ରଶଂସା କରିଥିଲେ । ଏହାପରେ ସେ ବିର୍ସା ମୁଣ୍ଡା ଖେଳପଡ଼ିଆଠାରେ ନିର୍ମାଣାଧିନ ଫୁଟ୍‌ବଲ୍ ଷ୍ଟାଡିୟମ୍, ଦୌଡ଼କୁଦ ଟ୍ରାକ୍, ସନ୍ତରଣାଗାର ଏବଂ ବହୁମୁଖୀ କ୍ରୀଡ଼ା କାର୍ଯ୍ୟକ୍ରମ ସମେତ ବହୁତଳ ଯାନପାର୍କିଂ ପ୍ରଭୃତି ପରିଦର୍ଶନ କରିଥିଲେ ଓ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପ ନିମନ୍ତେ ସର୍ବମୋଟ ୧୪୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଆଗାମୀ ନଭେମ୍ବର, ୨୦୨୨ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ଏବଂ ଏହି କ୍ରୀଡ଼ା ଭିତିଭୂମି କ୍ରୀଡ଼ାବିତ୍‌ମାନଙ୍କୁ ତାଙ୍କର ପ୍ରତିଭା ବିକାଶ ଦିଗରେ ଯଥେଷ୍ଟ ସାହାଯ୍ୟ କରିବ ବୋଲି ଜଣାପଡ଼ିଛି ।

## ୧୦ମ ଶ୍ରେଣୀର ଭୂଗୋଳ ଓ ଜୀବ ବିଜ୍ଞାନ ପୁସ୍ତକ ଯୋଗାଇବାକୁ ବିଜେପିର ଦାବି

ଜଳେଶ୍ୱର, ୦୫/୮(ନି.ପ୍ର): ଶିକ୍ଷାବର୍ଷର ୪ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଅଦ୍ୟାବଧି ୧୦ମ ଶ୍ରେଣୀର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଭୂଗୋଳ ଓ ଜୀବ ବିଜ୍ଞାନ ପୁସ୍ତକ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଯୋଗାଇ ନ ପାରିବା କ୍ଷୁବ୍ଧର ବିଷୟ । ଆସନ୍ତା ୨ ମାସ ପରେ ଛାତ୍ରଛାତ୍ରୀଙ୍କ ଷାଣ୍ମାସିକ ପରିକ୍ଷା ଥିବା ବେଳେ ଅଦ୍ୟାବଧି ୨ ପୁସ୍ତକରେ ଶିକ୍ଷାଦିଆନଯିବା ଅନୁତାପର ବିଷୟ । ଅତିଶୀଘ୍ର ଜଳେଶ୍ୱରର ସମସ୍ତ ବିଦ୍ୟାଳୟରେ ପୁସ୍ତକ ଦ୍ୱୟ ଯୋଗାଇ ଦେବାକୁ ଫାଲଗୁନୀ ପାଣିଗ୍ରାହୀ, ରାମକୃଷ୍ଣ ସାହୁ, ସତ୍ୟବ୍ରତ ପଣ୍ଡା, ଅରୁଣ କୁମାର ବେଜ, ଅନନ୍ତ କୁମାର ଦାସ, ଗୌରୀଶଂକର ଦଳାଇ, ଦେବଯାନୀ ଅଣ୍ଡିଆ ସୁମନ୍ତ ରଣା, ଜଗନ୍ନାଥ ଗୋଛାୟତ ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଇଓ ଲଲାଟେନ୍ଦୁ ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ମଣ୍ଡଳସ୍ତରୀୟ ପାନୀୟଜଳ ମାନ ପରୀକ୍ଷଣ ଓ ପରିମଳ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର, ୦୫/୮(ନି.ପ୍ର): ଜଳେଶ୍ୱରସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ପରିମାଳ ଖଣ୍ଡ ପକ୍ଷରୁ ଆଜି ପଂଚାୟତ ସମିତି ସମ୍ମିଳନୀକକ୍ଷରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସବୁ ପଂଚାୟତର ଥିବା ଏମ୍‌ବିକେ ମାନେ ଯୋଗ ଦେଇ ଜଳ ଯୋଗାଣ, ପରିମଳ ଓ ମାନ ପରୀକ୍ଷଣ ସଂପର୍କରେ ତାଲିମ ନେଇଥିଲେ । ଜଳେଶ୍ୱର ବ୍ଲକର ଓଏଲଏମ୍‌ର ବିପିଏମ୍ ମଧୁମିତା ଦାସ, କନିଷ୍ଠଯନ୍ତ୍ରୀ ବିଭୁ ପଦାରବିନ୍ଦ ବେହେରା ପ୍ରଶିକ୍ଷଣ ଦେବା ସହିତ ପ୍ରତ୍ୟେକଙ୍କୁ କିଟ୍ ଓ ସମସ୍ତ ଆସବାପତ୍ର ଯୋଗାଇ ଦେଇଥିଲେ । ଗ୍ରାମାଂଚଳରେ ପେଟରୋଗ ବ୍ୟାପିବା, ଝାଡାବାନ୍ତି ଇତ୍ୟାଦି ଲାଗି ପାନୀୟଜଳର ମାନ ପରୀକ୍ଷା କରି କର୍ତ୍ତୃପକ୍ଷଙ୍କୁ ଜଣାଇବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ମାନସ ଜେନା ଏଥିରେ ଅଧ୍ୟକ୍ଷତା କରି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି ମଧ୍ୟ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ପ୍ରତି ପଂଚାୟତରୁ ଆସିଥିବା ଏମ୍‌ବିକେ ମାନେ ଗ୍ରାମାଂଚଳର ସିଆର୍‌ପିଙ୍କୁ ପ୍ରଶିକ୍ଷଣ ଦେଇ ଶୁଦ୍ଧ ପିଇବାପାଣି ସଂପର୍କରେ ସଚେତନ କରାଇବା ଲାଗି ବ୍ୟବସ୍ଥା ହୋଇଛି ।

# ଦାବି ପୂରଣ ନେଲେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ



ଭଦ୍ରକ,୦୫/୦୮ (ନି.ପ୍ର): ଗାଁସାଥୀ (ମେଟ୍)ମାନେ ବିଭିନ୍ନ ଦାବି ନେଇ ଆଜି ଜିଲ୍ଲାପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ହୋଇଥିଲା । ଗତ ୨୮ ତାରିଖ ଗାଁସାଥୀମାନଙ୍କର ବିଭିନ୍ନ ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନର ହୋଇଥିବା ଆଲୋଚନାର ପ୍ରସିଡିଂରେ କେତେକ ତଥ୍ୟକୁ ସାମିଲ କରାଯାଇ ନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଏଥି ସହିତ ଭଣ୍ଡାରିପୋଖରୀ ବ୍ଲକର ତେସିଂଗା ଗ୍ରାମରେ ମନରେଗା କାର୍ଯ୍ୟରେ ହୋଇଥିବା ମହାଦୁର୍ନୀତି ଏବଂ ବାସୁଦେବପୁର ବ୍ଲକର ବ୍ରାହ୍ମଣୀଗାଁ ପଞ୍ଚାୟତର ଜିଆର୍‌ଏସ୍ ଗାଁସାଥୀଙ୍କୁ ଦୁର୍ବ୍ୟବହାର କରିବା ଆଦି ବିଭିନ୍ନ ଘଟଣାକୁ ବିକ୍ଷୋଭ ସଭାରେ ଉପସ୍ଥାପନ କରାଯାଇଥିଲା । ଗାଁସାଥୀ (ମେଟ୍) ମିଳିତ କ୍ରିୟାନୁଷ୍ଠାନ କିମଟି ରାଜ୍ୟ ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳ ଏଥିରେ ଯୋଗ ଦେଇ ଭଣ୍ଡାରିପୋଖରୀ ବିଡ଼ିଓଙ୍କୁ ତୁରନ୍ତ ବଦଳି କରିବା ସହ ଦୁର୍ନୀତିର ତଦନ୍ତ ଉପଜିଲ୍ଲାପାଳଙ୍କ ଦ୍ୱାରା କରାଯିବା, ଦୀର୍ଘ ୨ ବର୍ଷ ଧରି ଗାଁସାଥୀଙ୍କ ବକେୟା ଥିବା ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯିବାକୁ ଦାବି କରିଥିଲେ । ବିକ୍ଷୋଭ ସଭାରେ ପ୍ରମୋଦ ସାମଲ, ମନୋଜ ପାଢୀ, ଭରତ ବାରିକ, ଅମର ମଳିକ, ଅକ୍ଷୟ ଜେନା, ଅର୍ଜୁନ ମଣ୍ଡଳ, ବିକାଶ ନାୟକ, ସୁଷମା ସାହୁ, କଳ୍ପନା ପଣ୍ଡା, ରବିନ୍ଦ୍ର ମାଝୀ, ମମତା ଜେନା, ଲୀଳାବତୀ ମଲ୍‌ଇକ ପ୍ରମୁଖ ଆନ୍ଦୋଳରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦୀର୍ଘ ସମୟ ଆନ୍ଦୋଳନ ପରେ ଜିଲ୍ଲାପପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ସି.ଡି.ଓ. କମ୍ ଇ.ଓ. ଇନ୍ଦ୍ରମଣି ନାୟକ, ବରିଷ୍ଠ ନେତା ମଳୟ ଜେନା, ମନରେଗା ଏମ୍.ସି. ସସ୍ମିତା ଜେନା ଆନ୍ଦୋଳନ ସ୍ଥଳକୁ ଆସି ଗାଁସାଥୀଙ୍କୁ ଦାବିକୁ ଶୁଣିବା ସହିତ ଖୁବ୍ ଶୀଘ୍ର ସେ ନିଜେ ଏହାର ଦାୟିତ୍ୱ ନେଇ ଦାବି ପୂରଣ କରିବାକୁ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସେହିଭଳି ଅଗଷ୍ଟ ୧୫ରୁ ବ୍ଲକ ସ୍ତରରେ ଆନ୍ଦୋଳନ ତଥା ଗାଁସାଥୀ(ମେଟ୍)ଙ୍କୁ ସମସ୍ତ ଦୃଷ୍ଟିକୋଣରୁ ସଶକ୍ତ କରିବା ଲାଗି ସଂଘ ନିଷ୍ପତି ନେଇଛି । ଏହି କ୍ରମରେ ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ ଘେରାଓ କରାଯିବ ବୋଲି ଶ୍ରୀ ବିଶ୍ୱାଳ ଶୁଣାଇଛନ୍ତି ।

## ହରଘର ତ୍ରିରଙ୍ଗା : ବିକ୍ରିପାଇଁ ଦାୟିତ୍ୱ ନେଲା ଡାକବିଭାଗ

ଜଳେଶ୍ୱର, ୦୫/୮(ନି.ପ୍ର): ଦେଶ ସ୍ୱାଧିନତାର ୭୫ବର୍ଷ ପୁର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ ବେଳେ ହରଘର ତ୍ରୀରଙ୍ଗା ସ୍ଳୋଗାନ କାର୍ଯ୍ୟକାର ଲାଗି ବ୍ୟାପକ ଜାତୀୟ ପତାକା ଆବଶ୍ୟକତା ପଡୁଥିବାରୁ ଡାକ ବିଭାଗ ଏହାର ଆବଣ୍ଟନ ଲାଗି ବ୍ୟବସ୍ଥା କରିଛି । ପ୍ରତିଘରେ ଜାତୀୟ ପତାକା ଉଡିବାକୁ ଥିବାରୁ ବ୍ୟାପକ ଆବଶ୍ୟକତା ଦୃଷ୍ଟିରୁ ପ୍ରତ୍ୟେକ ମୁଖ୍ୟ ଓ ସହ ଡାକଘରେ ଏହାର ବିକ୍ରିର ବ୍ୟବସ୍ଥା ହୋଇଛି । ୨୫ ଇଞ୍ଚ ଲମ୍ବ ଓ ୨୦ ଇଞ୍ଚି ପ୍ରସ୍ଥ ବିଶିଷ୍ଟ ଏହି ପତାକାର ମୂଲ୍ୟ ୨୫ଟଙ୍କା ରଖାଯାଇଥିବା ବେଳେ ବ୍ୟାପକ ବିକ୍ରି ଆରମ୍ଭ ହୋଇଛି । ଆଜି ଦିତନ ତମାମ ଜଳେଶ୍ୱର ମୁଖ୍ୟ ଡାକଘର ଓ ସମସ୍ତ ଉପଡାକଘରେ ଏହା କିଣିବାପାଇଁ ଭିଡ ଜମିଥିଲା । ଏହାର ସୁଯୋଗ ନେବାକୁ ଡାକ ବିଭାଗ ପକ୍ଷରୁ ମୁଖ୍ୟ ଡାକ ଅଧିକାରୀ ରାମେଶ୍ୱର ହେମ୍ବ୍ରମ ଓ ଯୁଗଳକିଶୋର ପ୍ରଧାନ ପ୍ରମୁଖ କହିଛନ୍ତି ।

## ରାଜୁ ସ୍ୱାଇଁ ହେଲେ ନୀଳଗିରି ନିର୍ବାଚନ ମଣ୍ଡଳିଯୁବ ବିଜେଡି ସଭାପତି

ନୀଳଗିରି, ୦୫/୦୮ (ନି.ପ୍ର): ନୀଳଗିରି ଅଂଚଳର ଯୁବ ଚେହେରା ରାଜୁ ସ୍ୱାଇଁ ନୀଳଗିରି ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ରୂପେ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟମକେଶ ରାୟ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଜିଲ୍ଲା ସଭାପତି ରବିନ୍ଦ୍ର ଜେନା, ନୀଳଗିରି ନିର୍ବାଚନ ମଣ୍ଡଳୀ ନେତା ସନ୍ତୋଷ ଖଟୁଆ ତାଙ୍କ ଉପରେ ଭରସା ରଖି ଏଭଳି ଗୁରୁ ଦାୟିତ୍ୱ ଦେଇଥିବାରୁ ତାଙ୍କୁ ଧନ୍ୟବା ଦେବା ସହିତ ଆଗାମୀ ଦିନରେ ତୃଣମୁଳ ସ୍ତରରୁ ବିଜୁ ଯୁବଜନତାକୁ ନୀଳଗିରି ନିର୍ବାଚନ ମଣ୍ଡଳୀରେ କ୍ରିୟାଶୀଳ କରିବା ପାଇଁ ପ୍ରେସ ଇସ୍ତାହାରରେ କହିଛନ୍ତି ।

# ଜଗତସିଂହପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ବୃକ୍ଷରୋପଣ




ପାରାଦୀପ, ୦୫/୦୮ (ନି.ପ୍ର): ବିଜୁ ଜନତା ଦଳ (ବିଜେଡି) ପ୍ରତିଷ୍ଠାର ୨୫ ବର୍ଷ ପୂର୍ତୀ ଅବସରରେ ଜଗତସିଂହପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଆୟୋଜିତ ହୋଇଥିଲା । ପାରାଦୀପ ଉପକଣ୍ଠ ଉଦୟବଟ ଧାମ ପରିସରରେ ଏହି ମେଗା ବୃକ୍ଷରୋପଣର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଜୁ ଜନତା ଦଳର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୁଜଙ୍ଗ ବ୍ଲକ୍ ଅଧକ୍ଷା ନୀନାରାଣୀ ସାହୁ,ଜିଲ୍ଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି,କୁଜଙ୍ଗ ୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା କନକପ୍ରଭା ବେହେରା, ପାରାଦୀପ ବିଜୁ ମହିଳା ଜନତା ଦଳ ପାରାଦୀପ ନଗର ସଭାନେତ୍ରୀ ଚପଳା ସ୍ୱାଇଁ, କୁଜଙ୍ଗ ବ୍ଲକ୍ ମହିଳା ସଭାନେତ୍ରୀ ପୁଷ୍ପଲତା ବେହେରା, ପାରିଷଦ ପ୍ରଭାତୀ ନାୟକ, ପାରାଦୀପ ନଗର ଯୁବ ଜନତା ଦଳ ସଭାପତି ଆଲୋକ ମହାପାତ୍ର ପ୍ରମୁଖ ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ମହାପାତ୍ର ।

## ଖୋର୍ଦ୍ଧାରେ କ୍ରସର ସ୍ଲିପ୍ ଠପ

ଖୋର୍ଦ୍ଧା, ୦୫/୦୮ (ନି.ପ୍ର): ଖୋର୍ଦ୍ଧା କ୍ରସର ୟୁନିଟ ପୁରା ଠପ । ଆଜି କ୍ରସର ଅଞ୍ଚଳ ଖୋର୍ଦ୍ଧା ଅଞ୍ଚଳ ଚାଲିଛି ହା ହା କାର । କ୍ରସର ମାଲିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଋଣ କରି ଏବେ ସମୂହ ହାତ ବାନ୍ଧି ବସିଛନ୍ତି । ଆଗରୁ ଜଗନ୍ନାଥ ଜମିରେ ମାଙ୍କଡ଼ା , କଳାମୁଗୁନି ଖଣି, ମୋରମ ଖଣି, କ୍ରସର ଜଗନ୍ନାଥ ଯାଗାରେ ରାସ୍ତା କଡ଼ରେ ଚାଲିଛି, ଗ୍ରାମ ବାସୀ, ବୁଦ୍ଧି ଯିବି, ବରିଷ୍ଠ ନାଗରିକ ଏହି ଦକ୍ଷ ତହସିଲଦାର ଖୋର୍ଦ୍ଧା ଗୁହାରୀ ଜଣାଇଛନ୍ତି । ଏବେ କ୍ରସର ସଭାପତି, ଉପସଭାପତି, ସାଧାରଣ ସଂପାଦକ ଆହ୍ୱାନ କ୍ରମେ, କ୍ରସର ୟୁନିଟ ପୁରା ଠପ । ତହସିଦାରଙ୍କ ପ୍ରକୋପ ରୁକ୍ଷ ବେବହାର ପାଇଁ ଅର୍ଣିଦିଷ୍ଟ ଦିନ ପାଇଁ ୟୁନିଟ୍ ବନ୍ଦ । କଳା ମୁଗୁନି ମେଡାଲ, ଚିପ୍ସ, ଅଭାବ ଯୋଗୁ ରାସ୍ତା ଘାଟ, ଘର, କାମ ବନ୍ଦ । ବରଷା ଦିନ ଯୋଗୁ ରାସ୍ତା ଖାଲ ଢିପ ହୋଇ ପଡ଼ିଛି ।

# ଦଶମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା



ବସ୍ତା, ୦୫/୦୮ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରି ଗ୍ରାମର ସ୍ୱର୍ଗତ ଅଜିତକୁମାର ପତିଙ୍କର ଦଶମ ଶ୍ରାଦ୍ଧ ବାର୍ଷିକିରେ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସରକାରୀ ଓକିଲ ପ୍ରଣବ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ମୂଖ୍ୟ ଅତିଥି ସମବାୟ ବିତ୍ତ ଅଜୟ ସାମଲ, ମୂଖ୍ୟବକ୍ତା ଶିକ୍ଷାବିତ ଜଗଦିଶ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ପରମାନନ୍ଦ ପ୍ରଧାନ, ସୁବେଶ ନାୟକ, ଉମାକାନ୍ତ ପ୍ରଧାନ, ଭାଗବତଦାସ, ସାମ୍ବାଦିକ ସଞ୍ଜୟକୁମାର ସାମଲ, ବିଜୟକୁମାରଭୂୟାଁ, ରବିନାରାୟଣ ସାହୁ, ଦୈତାରୀ ଦଳେଇ, ଗ୍ରାମବାସୀ ପରିବାରବର୍ଗ ଉପସ୍ଥିତ ଥିଲେ । ବିକ୍ରମକୁମାରପଣ୍ଡା ଅତିଥି ପରିଚୟ ପ୍ରଦାନକରିଥିଲେ । ସ୍ୱର୍ଗତ ପତି ଦିର୍ଘ ବର୍ଷଧରି କଂଗ୍ରେସ ଦଳରେ ଥାଇ ଶ୍ରୀରାମପୁର ପଞ୍ଚାୟତରେ ୪ଥର ସରପଞ୍ଚ ରହି ନିଜ ପଞ୍ଚାୟତ ବାସୀଙ୍କର ପ୍ରିୟଭାଜନ ହୋଇ ବହୁ ଉନ୍ନତି ମୂଳକ କାର୍ଯ୍ୟକରିବାସହିତ ପ୍ରତ୍ୟେକ ଲୋକଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି ଆଜି ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ତାଙ୍କର ଅମର ଆତ୍ମାର ସଦ ଗତି କାମନା କରିବାସହିତ ନିରବ ପ୍ରାର୍ଥନା କରିଥିଲେ । କାର୍ଯ୍ୟକ୍ରମକୁ ବଡପୁଅ ଅସିତପତିଙ୍କପୁଅ ଅମିତ କୁମାର ପତି ଓ ଲିପୁ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା....

ଓଡ଼ିଶାର ୧୪ଟି ଜିଲ୍ଲା ଜନଜାତି ବହୁଳ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳ ଯଥା ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଜପତି, କନ୍ଧମାଳ, ଦେବଗଡ଼ ଏବଂ ସୋନପୁର ଇତ୍ୟାଦି ୧୪ଟି ଜିଲ୍ଲାକୁ ମାତ୍ର ୬ ହଜାର ୬୪୮ ଘର ଆବଣ୍ଟନ କରାଯାଇଛି । ବାତ୍ୟା ଏବଂ ବନ୍ୟାଦ୍ୱାରା ପ୍ରଭାବିତ ଥିବା ପରିବାର ଗୁଡ଼ିକ ପରମାନେଟ୍ ୱେଟିଂ ଲିଷ୍ଟ କିମ୍ବା ଆବାସ ପ୍ଲସ ପ୍ଲାଟଫର୍ମରେ ସାମିଲ ହେବା ପାଇଁ ଅପେକ୍ଷା କରିଛନ୍ତି । ଜିଓ ଟ୍ୟାଗିଂରେ କିମ୍ବା ଆବାସ ପ୍ଲସ ସଫ୍ଟୱୟାରରେ ଆଧାର ଓ ଜବ୍ କାର୍ଡ ସଂଯୋଗୀକରଣରେ ବିଳମ୍ବ ଭଳି ବୈଷୟିକ ଆଧାରରେ ତ୍ରୁଟି ଲାଗି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯୋଗ୍ୟ ହିତାଧିକାରୀ ପରମାନେଟ୍ ୱେଟିଂ ଲିଷ୍ଟରେ ଥାଇ ମଧ ବାସଗୃହ ପାଇପାରିନାହାନ୍ତି । ଏହାବ୍ୟତିତ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ଲସ ପ୍ଲାଟଫର୍ମରୁ ବଞ୍ଚିତ ରଖାଯାଇଛି । ଓଡ଼ିଶା ସରକାର ଦାବୀ କରିଛନ୍ତି ଯେ ଦକ୍ଷିଣ ପଶ୍ଚିମ ଜିଲ୍ଲାର ୫.୦୯ ଲକ୍ଷ ହିତାଧିକାରୀ ସମେତ ମୋଟ ୬.୬୫ ଲକ୍ଷ ହିତାଧିକାରୀ ଷ୍ଟେଟ୍ ରୁରାଲ ହାଉସିଂ ପୋର୍ଟାଲରେ ଯୋଡ଼ାଯାଇଛି । ରାଜ୍ୟ ସରକାର ଫୋନି ସ୍ପେଶାଲ ୱିଣ୍ଡୋ ସମୟରେ ଆବାସ ପ୍ଲସ ପ୍ଲାଟଫର୍ମରେ ୫.୫ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିଥିବା ବେଳେ ହିତାଧିକାରୀଙ୍କ ତାଲିକାକୁ ତଦାରଖ କରିବାକୁ ହେବ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ରାଜ୍ୟର ନିଜସ୍ୱ ଗୃହ ଯୋଜନାରେ ହିତାଧିକାରୀଙ୍କ ଯେପରି ନକଲ ନ ହୁଏ, ସେ ଦିଗରେ ବ୍ୟାପକ ତଦାରଖ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ପ୍ରତିଶୋଧର ନିଆଁରେ....

ଲୁହ ଝରିବ । ପିଛା କରି ବାଟ ସାରା ହଇରାଣ କରୁଥିବା ଟ୍ରକ ଡ୍ରାଇଭରକୁ ପାନେ ଦେବା ପାଇଁ ଶ୍ରୀତିକା ଓ ସୋନାଲି ଦେଖାଇଥିଲେ ସାହସ । ହେଲେ ସେମାନେ ଜାଣିନଥିଲେ ଯେ ତାଙ୍କୁ ପିଛା କରୁଥିବା ଡ୍ରାଇଭର ମଣିଷ ନୁହେଁ, ଥିଲା ଜଣେ ଜହ୍ଲାଦ । ଯାଜପୁର ଜିଲ୍ଲା ଜେନାପୁର ଥାନା ବରଡ଼ା ଛକ ନିକଟରେ ଟ୍ରକ ମଡାଇ ମାଆ-ଝିଅକୁ ମାରି ପ୍ରତିଶୋଧ ପୂରଣ କରିଥିଲା ଅଭିଯୁକ୍ତ । ଅଶ୍ଳୀଳ ଇଙ୍ଗିତର ପ୍ରତିବାଦ ଯୋଗୁଁ ଏପରି ହତ୍ୟାକାଣ୍ଡ ହୋଇପାରେ ବିଶ୍ୱାସ କରିପାରୁନାହାନ୍ତି ମୋନାଲିସା । ମାଆ ଓ ଭଉଣୀକୁ ହରାଇ ସେ ଏକୁଟିଆ ହୋଇଯାଇଛନ୍ତି । କହିଛନ୍ତି, ଭଉଣୀ ସୋନାଲି ଥିଲେ ଭାରି ସାହାସୀ । ଅନ୍ୟାୟ ସହି ପାରୁନଥିଲେ । କିନ୍ତୁ ଏଥିପାଇଁ ଯେ ତାଙ୍କୁ ଜୀବନ ହରାଇବାକୁ ପଡ଼ିବ, ସେ ତାକୁ ଗ୍ରହଣ କରିପାରୁନାହାନ୍ତି । ଅଭିଯୁକ୍ତକୁ ଫାଶୀ ଖୁଣ୍ଟରେ ଝୁଲାଇ ଦେବାକୁ ଦାବି କରିଛନ୍ତି ମୋନାଲିସା । ମୋନାଲିସା ମଧ ମାଆ ଓ ଭଉଣୀ ସୋନାଲିଙ୍କ ସହ ମାମୁଁ ଘରକୁ ଯାଇଥିଲେ । ସ୍କୁଟିରେ ତିନି ଜଣ ହୋଇଯିବାରୁ ମାଆ ତାଙ୍କୁ ପରେ ଆସିବାକୁ କହିଥିଲେ । ଦୁର୍ଘଟଣାର ଖବର ପାଇବା ପରେ ଘରକୁ ଆସିଛନ୍ତି, ହେଲେ ମୋନାଲିସାଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡିଛି । ବାପା ଅଶୋକ ଚକ୍ରବର୍ତ୍ତୀ, ମାଆ ଓ ଭଉଣୀଙ୍କ ସହ ହସଖୁସିରେ ଦିନ କାଟୁଥିଲେ ମୋନାଲିସା । ବାପା ରୋଗଗ୍ରସ୍ତ, ସେ କିଛି କାମ କରିପାରନ୍ତିନି । ମାଆ ବ୍ଲକରେ ଜୀବିକା ମିସନରେ ସ୍ୱଳ୍ପ ଦରମାରେ କାମ କରୁଥିଲେ, ଭଉଣୀ ପିଜି କରୁଥିବା ବେଳେ ଡୁବୁରି ୟୁନିୟନ ବ୍ୟାଙ୍କରେ ବ୍ୟାଙ୍କ ମିତ୍ର ଭାବେ କାମ ମଧ କରୁଥିଲେ । ସେମାନଙ୍କ ରୋଜଗାରରେ ଚଳୁଥିଲା ଘର, ଆଉ ମୋନାଲିସାଙ୍କ ପାଠପଢ଼ା । ଏବେ ଭାଙ୍ଗିପଡ଼ିଛି ପୂରା ପରିବାର ।

## କଂଗ୍ରେସର ଦେଶବ୍ୟାପୀ....

ଓହ୍ଲାଇ ଆସିଥିଲେ ହଜାର ହଜାର କଂଗ୍ରେସ ନେତା ଓ କର୍ମୀ । ଆଉ ପ୍ରିୟଙ୍କାଙ୍କ ସହ ପଦଯାତ୍ରା କରିଥିଲେ । ପ୍ରିୟଙ୍କା ଗାନ୍ଧି ବ୍ୟାରିକେଡ ଉପରେ ଚଢ଼ି ପଦଯାତ୍ରା କରିଥିଲେ । ଆଉ ପୋଲିସ ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା । ତାପରେ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ ପ୍ରିୟଙ୍କା । ଆଉ ଶେଷରେ ପ୍ରିୟଙ୍କାଙ୍କୁ ଅଟକ ରଖିଥିଲା ପୋଲିସ । ଦରଦାମ ବୃଦ୍ଧି ଓ ବିଭିନ୍ନ ପ୍ରସଙ୍ଗକୁ ନେଇ ଓଡିଶାରେ ମଧ ପ୍ରତିବାଦ କରିଛି କଂଗ୍ରେସ । ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ, ନେତା ଓ କର୍ମୀମାନେ ଶୋଭାଯାତ୍ରା କରିବା ସହ ପ୍ରତିବାଦ କରିଛନ୍ତି । ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ରେଡ୍ ଚାଲିଥିବାରୁ ଗାନ୍ଧୀ ପରିବାରକୁ ସୁରକ୍ଷା ଦେବା ପାଇଁ କଂଗ୍ରେସର ଏହି ପ୍ରତିବାଦ ବୋଲି କହିଛି ବିଜେପି । ଦରଦାମ ବୃଦ୍ଧି ଓ ବେରୋଜଗାରୀ ବୃଦ୍ଧିକୁ ନେଇ ଗତ କିଛି ଦିନ ହେଲା ସ୍ୱର ଉଠାଇ ଆସୁଛନ୍ତି ରାହୁଲ ଗାନ୍ଧୀ । ସଂସଦରୁ ସଡକ ପର୍ଯ୍ୟନ୍ତ ପ୍ରତିବାଦ କରୁଛନ୍ତି । କିନ୍ତୁ ଏହାକୁ ମିଛ ବାହାନା ବୋଲି କହି ଏଡାଇ ଆସୁଛନ୍ତି କେନ୍ଦ୍ର ସରକାର ।

## ପୁଣି ଝଟକା ଦେଲା ରିଜର୍ଭ ....

ରିପୋ ରେଟ୍ ବା ସୁଧହାର ୫୦ ବେସିସ୍ ପଏଣ୍ଟ ବା ୦.୫ ପ୍ରତିଶତ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ୩ ଥର ରେପୋ ରେଟ୍ ବୃଦ୍ଧି ପାଇଁ ୫.୪୦ ପ୍ରତିଶତରେ ପହଁଚିଛି । ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟିରେ ଏହି ନିଷ୍ପତି ନିଆଯାଇଛି । ସୁଧହାର ବୃଦ୍ଧିର ସିଧାସଳଖ ପ୍ରଭାବ ପଡ଼ିବ ସାଧରଣ ଲୋକଙ୍କ ଉପରେ । କାରଣ ଗୃହଋଣ, କାର୍ ଓ ପର୍ସନାଲ ଲୋନର ମାସିକ କିସ୍ତି ମଧ ବୃଦ୍ଧି ପାଇବ । ଫିକ୍ସଡ୍ ଡିପୋଜିଟ୍ କରିଥିଲେ, ଅଧିକ ସୁଧ ପାଇବେ ଗ୍ରାହକ । ମନେ କରନ୍ତୁ ଆପଣ ୩୦ ଲକ୍ଷ ଟଙ୍କାର ଗୃହଋଣ ନେଇଛନ୍ତି । ଅବଧି ରହିଛି ୨୦ ବର୍ଷ । ବାର୍ଷିକ ୮ ପ୍ରତିଶତ ହିସାବରେ ସୁଧ ଦେବାକୁ ପଡୁଛି । ଫଳରେ ଆପଣଙ୍କୁ ମାସିକ କିସ୍ତି ବାବଦରେ ୨୫,୦୯୩ ଟଙ୍କା ଦେବାକୁ ପଡୁଛି । ଯଦି ୦.୫ ପ୍ରତିଶତ ସୁଧହାର ବୃଦ୍ଧି ପାଇବ, ତେବେ ମାସିକ କିସ୍ତି ୨୬,୦୩୫ ଟଙ୍କା ଗଣିବାକୁ ପଡ଼ିବ । ଅର୍ଥାତ ମାସିକ ୯୪୨ ଟଙ୍କା ଅଧିକ ଦେବାକୁ ପଡ଼ିବ । ଚଳିତ ଆର୍ଥିକ ବର୍ଷରେ ୩ଥରରେ ୧.୪୦ ପ୍ରତିଶତ ସୁଧହାର ବଢ଼ାଇଛି ରିଜର୍ଭ ବ୍ୟାଙ୍କ । ସାରା ବିଶ୍ୱରେ ମୁଦ୍ରାସ୍ଫୀତି ଚିନ୍ତାଜନକ ଥିବା ବେଳେ ଭାରତରେ ସ୍ଥିତି ସୁଧାରିବାକୁ ଅଂଟା ଭିଡିଛି କେନ୍ଦ୍ରୀୟ ବ୍ୟାଙ୍କ ।

## ଦିଲ୍ଲୀରେ ମୋଦୀଙ୍କୁ ....

ଯୋଗ ଦେଇଥିଲେ ମମତା । ବିଭିନ୍ନ ପ୍ରସଙ୍ଗରେ ସଂସଦରେ କେନ୍ଦ୍ର ସରକାରଙ୍କୁ ଦୃଢ଼ ବିରୋଧ କରିବା ପାଇଁ ଦଳୀୟ ସାଂସଦଙ୍କୁ ସେ ପରାମର୍ଶ ଦେଇଛନ୍ତି । କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିରୋଧ କରି ଆସୁଛନ୍ତି ମମତା । ତେଣୁ ଦୁଇ ନେତାଙ୍କ ସାକ୍ଷାତ ଆଲୋଚନା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ପିଏମଓ ପକ୍ଷରୁ ଟ୍ୱିଟ୍ କରି ଦୁଇ ନେତାଙ୍କ ଭେଟଘାଟ ସଂପର୍କରେ ସୂଚନା ଦିଆଯାଇଛି । ତେବେ କଣ ଆଲୋଚନା ହେଲା, ଏ ନେଇ କିଛି ସୂଚନା ଦିଆଯାଇନାହିଁ ।

# ବୈଜ୍ଞାନିକଙ୍କ ଜଳବାୟୁ ସମସ୍ୟା ମୁକ୍ତ ଅଭିଯାନ



ବାରିପଦା,୦୫/୦୮: ଓଡ଼ିଶାର ଗୌରବ ମାନବ ଜାତିର ମହାନାୟକ ବିଶ୍ୱର ମହାନତମ ବୈଜ୍ଞାନିକ ଶ୍ରୀମାନ ଶ୍ୟାମ ସୁନ୍ଦର ରାଠି ୫ ବର୍ଷ ଭିତରେ ପୃଥିବୀକୁ ଜଳବାୟୁ ପରିବର୍ତ୍ତନ ସମସ୍ୟା ମୁକ୍ତ କରିବାର ମହାଅଭିଯାନ ପ୍ରାରମ୍ଭ କରିଛନ୍ତି । ଓଡ଼ିଶାର ଗୌରବ ବିଶ୍ୱବ୍ୟାପୀ କରିବା ସହ ପ୍ରଦୂଷଣ ଓ ବନ୍ୟା ଜନିତ କାରଣରୁ ଜୀବନ ହରାଉଥିବା ଦେଶର ୪୦ ଲକ୍ଷ ନାଗରିକଙ୍କ ଜୀବନ ରକ୍ଷା କରିବା, ବନ୍ୟା ଓ ମରୁଡ଼ି ଦାଉରୁ ୫୦ ଲକ୍ଷ କୋଟି ଟଙ୍କାର ସମ୍ପତିକୁ ବଞ୍ଚାଇବା, ବନ୍ୟାରେ ବୁଡୁଥିବା ୫ କୋଟି ଘରକୁ ବନ୍ୟାରୁ ଉଦ୍ଧାର କରିବା, ପୃଥିବୀକୁ ଜଳବାୟୁ ପରିବର୍ତ୍ତନର ସମସ୍ୟା ମୁକ୍ତ କରିବା ଏବଂ ମାନବ ଜାତିର ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ଓଡିଶାବାସୀ ଗୁରୁ ଦାୟିତ୍ୱ ନେବାର ଅନୁରୋଧ ସେ କରିଛନ୍ତି । ସେ ତାଙ୍କର ରିସର୍ଚ୍ଚରେ ପାଇଛନ୍ତି ଯେ ପମ୍ପ ଲଗାଇ ଭୂଗର୍ଭ ଜଳର ଅତ୍ୟଧିକ ଦୋହନରୁ ଭୂଗର୍ଭ ଜଳ କ୍ରମାଗତ କମିବାରେ ଲାଗିଛି ଏବଂ ଗଛ ଲତା ମାନଙ୍କର ଖାଦ୍ୟାଭାବ ହେବା ଯୋଗୁ ଗଛ ଲତା ମାନଙ୍କର ଅଭିବୃଦ୍ଧି ଶିଥିଳ ହେବା ସହ ବହୁ ସଂଖ୍ୟାରେ ଗଛ ଲତା ମୃତ୍ୟୁ ବରଣ କରନ୍ତି । କେବଳ ଭୂଗର୍ଭ ଜଳ କମିବା କାରଣରୁ ପ୍ରତିଦିନ ୧୫ବର୍ଗକିମି ଅଞ୍ଚଳ ଗଛଲତା ଶୂନ୍ୟ ହେବା ସହ ୮୦% ଗଛଲତା ଖାଦ୍ୟ ଅଭାବ ଯୋଗୁଁ ଅଭିବୃଦ୍ଧି ହରାଇ ବସିଛନ୍ତି । ଏହା ଦ୍ୱାରା ପୃଥିବୀର ପ୍ରକୃତିଗତ ଫିଲ୍ଟ୍ରେସନ ବ୍ୟବସ୍ଥା ନଷ୍ଟଭ୍ରଷ୍ଟ ହେବା କାରଣରୁ ଜଳବାୟୁ ପରିବର୍ତ୍ତନ ସମସ୍ୟା ଉପୁଜିଛି । ମାନବ ଜାତି ୫,୦୦୦ ବର୍ଷ ପୁରୁଣା ନଦୀ ବନ୍ଧ ଯୋଜନାକୁ ତ୍ୟାଗକରି ଆଧୁନିକ ବିଜ୍ଞାନର ଜଳ ଭଣ୍ଡାରଣ ବ୍ୟବସ୍ଥା ମଷକୁ ଆପଣେଇ ନେଲେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ଅନ୍ତ ଘଟିବାସହ ବିଶ୍ୱରୁ ବନ୍ୟା, ମରୁଡ଼ି ଓ ଜଳସମସ୍ୟାର ଅନ୍ତ ଘଟିବ । ମନୁଷ୍ୟ ତାହାର ଆବଶ୍ୟକ ହେଉଥିବା ଜଳ ବନ୍ୟା ଜଳରୁ ପାଇଯିବ ଏବଂ ପମ୍ପ ଲଗାଇ ଭୂଗର୍ଭ ଜଳ ଦୋହନ ପ୍ରଥା ବନ୍ଦ ହେଲେ ଜଳବାୟୁ ପରିବର୍ତ୍ତନ ସମସ୍ୟାର ଅନ୍ତ ଘଟିବ । ଏହି ମହାନ କାମ ପାଇଁ ସେ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ସହଯୋଗ ମାଗିଛନ୍ତି ।

# ଘରୋଇ ଔଷଧ ଦୋକାନରେ ଶୋଷଣରେ ଶିକାର ହେଉଛନ୍ତି ରୋଗୀ

## ବାଲିଆପାଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା




ବାଲିଆପାଳ, ୦୫/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଇଡକୋ ଠାରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଠିକ ଭାବରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉ ନଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ ବର୍ତମାନ ସୁଦ୍ଧା ସେହି ସମସ୍ୟାର ସମାଧାନ ହୋଇପାରି ନାହିଁ । ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟ ସେବା । କେବଳ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ପାଣୀଗ୍ରାହୀ ଠିକ ଭାବରେ ନିଜର କାର୍ଯ୍ୟ ସଂପାଦନ କରୁଥିବା ବେଳେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଡାକ୍ତର ବେଣୁଧର ହୁଇ ବିଭିନ୍ନ ସମୟରେ ପରିବାର ନିୟନ୍ତ୍ରଣ ଅପରେସନ କରିବା ପାଇଁ ବାହାରେ ରହୁଛନ୍ତି । ଅନ୍ୟ ୪ ଜଣ ଏମବିବିଏସ ଡାକ୍ତର ଏଠାରେ ନିୟୋଜିତ ହୋଇଥିଲେ ମଧ କୌଣସି ସମୟରେ ରୋଗୀ ଦେଖିବାର ଦେଖାଯାଏ ନାହିଁ । ଯାହା ଫଳରେ ରୋଗୀମାନେ ବାଧ ହୋଇ ଘରୋଇ ଔଷଧ ଦୋକାନକୁ ଆସୁଥିବା ଡାକ୍ତର ମାନଙ୍କ ପାଖକୁ ଯିବାକୁ ବାଧ ହୋଇଥାନ୍ତି । ବାଲିଆପାଳ ବ୍ଲକର ଥିବା ଅଧିକାଂଶ ଔଷଧ ଦୋକାନୀ ସପ୍ତାହର ପ୍ରତ୍ୟେକ ଦିନ ୨ରୁ ୩ ଜଣ ବିଶେଷଜ୍ଞ ଡାକ୍ତର ଆଣି ରୋଗୀମାନଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ ହୋଇଛି । ଆସୁଥିବା ଡାକ୍ତରମାନେ ଆବଶ୍ୟକତା ନ ଥାଇ ରୋଗୀମାନଙ୍କୁ ବିଭିନ୍ନ ପରୀକ୍ଷା କରାଇବା ପାଇଁ ନିର୍ଦ୍ଦିଷ୍ଟ ପାଥଲ୍ୟାବ ଗୁଡ଼ିକୁ ପଠାଉଥିବାର ଅଭିଯୋଗ ହୋଇଛି । ଗରିବ ରୋଗୀମାନଙ୍କ ପାଇଁ ସରକାର ନିଶୁଳ୍କ ରୋଗୀ ସେବା ସହିତ ବିନା ମୂଲ୍ୟରେ ଔଷଧର ବ୍ୟବସ୍ଥା କରିଥିଲେ ମଧ ଡାକ୍ତର ଖାନାକୁ ଡାକ୍ତରଆସୁନଥିବା ଯୋଗୁଁ ବାଧ ହୋଇ ଘରୋଇ ଔଷଧ ଦୋକାନକୁ ଆସୁଥିବା ଡାକ୍ତର ମାନଙ୍କ ପାଖକୁ ଚିକିତ୍ସା ପାଇଁ ଯାଉଛନ୍ତି । ଆଉ ଔଷଧ ଦୋକାନୀମାନେ ସୁଯୋଗର ଫାଇଦା ଉଠାଇ ଗରିବ ରୋଗୀମାନଙ୍କୁ ଶୋଷଣ କରୁଛନ୍ତି । ଔଷଧ ଦୋକାନୀମାନେ ମାଇକ ଓ ପ୍ରଚାର ପତ୍ର ମାଧ୍ୟମରେ ଡାକ୍ତର ମାନଙ୍କ ନାମ ଓ ପଦର ବହୁଳ ପ୍ରଚାର କକରୁଛନ୍ତି । ଯାହା ଫଳରେ ସାଧାରଣ ରୋଗୀଟିଏ ଭଲ ଚିକିତ୍ସା ପାଇବା ଆଶାରେ ଔଷଧ ଦୋକାନୀ ମାନଙ୍କ ଦ୍ୱାରା ବିଛାଯାଇଥିବା ଜାଲରେ ପଡି ବହୁ ଖର୍ଚ୍ଚାନ୍ତରେ ପଡୁଛନ୍ତି । ସରକାରଙ୍କ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ବାଲିଆପାଳରେ ବାଟବଣା ହେବା ପରି ମନେ ହେଉଛି । ସରକାରଙ୍କ କୋଟି କୋଟି ଟଙ୍କାର ସ୍ୱାସ୍ଥ୍ୟ ଯୋଜନାର ସୁଫଳ ବାଲିଆପାଳ ଜନସାଧାରଣଙ୍କ ନିକଟରେ କେବେ ପହଂଚିବ ତାହା ସମୟ କହିବ । ତେବେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପୁଜିଥିବା ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ଜିଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ କେତେ ଯତ୍ନଶୀଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ ଏସୋସିଏସନ ୯ଦଫା ଦାବିପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ

ନୀଳଗିରି, ୦୫/୦୮ (ନି.ପ୍ର): ନୀଳଗିରି ବ୍ଲକ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରସ ଏସୋସିଏସନ ପକ୍ଷରୁ ୯ଦଫା ସମ୍ବଳିତ ଏକ ଦାବୀପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ନୀଳଗିରି ଆଇ.ସି.ଡି.ଏସ. ଶାଖା ତରଫରୁ ୨୩୦ଜଣ କର୍ମୀ ଓ ସହାୟିକା ଉକ୍ତ ଦାବୀପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀ ମଧରେ ରନ୍ଧନ ଗ୍ୟାସ କିଣା ଦୁର୍ନିତୀ, କର୍ମୀ ଓ ସହାୟିକାମାନଙ୍କୁ ଦୁର୍ବ୍ୟବହାର, ପୋଷାକ କିଣାରେ ଦୁର୍ନିତୀ, ପିଲାଙ୍କୁ ଖାଦ୍ୟ ବାବଦରେ ଦିଆଯାଉଥିବା ଅର୍ଥର ନିଅଂଟିଆ ଯୋଗୁଁ ଏହାର ପୁର୍ନବିଚାର କରି ଉଚିତ ମୂଲ୍ୟ ପ୍ରଦାନ ପିଲାମାନଙ୍କୁ ସଠିକ୍ ହେପାଜାତ ନିଆ ନ ଯାଇ ଅଫିସରଙ୍କ ନିର୍ଦ୍ଦେଶରେ ଅନ୍ୟ ଅଲିଖିତ କାର୍ଯ୍ୟାଦେଶ ଯୋଗୁଁ ଶିଶୁ ଅବହେଳା ହେଉଥିବା ଆଦି ୯ଦଫା ଦାବୀପତ୍ରରେ ଦର୍ଶାଯାଇଛି । ଏହି ଶୋଭାଯାତ୍ରାରେ ସଂଘ ସଭାପତି ସୌଭାଗ୍ୟବତୀ ରାୟ, ସଂପାଦକ ଲଳିତା ମଂଜରୀ ସିଂ, ସଂଘର ଉପଦେଷ୍ଟା ଚିତରଂଜନ ଷଡ଼ଙ୍ଗୀ, ବ୍ରଜକିଶୋର ପାଣିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ବଢୁଥିବା ହିନ୍ଦୁ ବିରୋଧ କାର୍ଯ୍ୟକଳାପକୁ ବିଶ୍ୱ ହିନ୍ଦୁ ପରିଷଦର ତୀବ୍ର ନିନ୍ଦା

ଭଦ୍ରକ,୦୫/୦୮ (ନି.ପ୍ର): ରାଜ୍ୟରେ ସର୍ବାଧିକ ସମ୍ବେଦନଶୀଳ ଜିଲ୍ଲା ଭାବରେ ପରିଗଣିତ ଭଦ୍ରକ ଜିଲ୍ଲାରେ ଦିନକୁ ଦିନ ହିନ୍ଦୁ ଜନମାନସ ହିନ୍ଦୁ ଧାର୍ମିକ ଭାବନାକୁ ଅରାଷ୍ଟ୍ରୀତତ୍ତ୍ୱ ମୌଳବାଦୀ ଗୋଷ୍ଠୀଙ୍କ ପକ୍ଷରୁ ଆଘାତ ଆକ୍ରମଣକୁ ବିଶ୍ୱ ହିନ୍ଦୁ ପରିଷଦ ନିନ୍ଦା କରୁଛି ଏବଂ ଏହାର ଜବାବ ଦେବାକୁ ପରିଷଦ ପ୍ରସ୍ତୁତ ଅଛି ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ପଣ୍ଡିତ ମହେଶ କୁମାର ସାହୁ କହିଛନ୍ତି । କିଛି ମାସ ପୂର୍ବରୁ ପୁରୁଣାବଜାର ଅଞ୍ଚଳର ଧନାଟୋଲା ଗ୍ରାମ ଉପରେ ଶହ ଶହ ସଂଖ୍ୟାଲଘୁ ସମ୍ପ୍ରଦାୟର ଅସାମାଜିକ ଯୁବକଙ୍କର ଆକ୍ରମଣ ଏବଂ ଜୀବନରୁ ମାରିଦେବାକୁ ଧମକ ଦିଆଯିବା ଘଟଣା ପରେ ମଧ୍ୟ ସମ୍ପୃକ୍ତ ଯୁବକମାନେ ଖୋଲାଖୋଲି ବୁଲୁଛନ୍ତି । ଗୁଜିଦରଡ଼ା ପଞ୍ଚାୟତରେ କାଉଡ଼ିଆ ଭାଇମାନଙ୍କ ଉପରେ ଅତର୍କିତ ଆକ୍ରମଣ ଘଟଣାରେ ପ୍ରଶାସନ ଚୁପ । ଏଇ କେଇଦିନ ତଳେ ସହରର ଛାତ ଉପରେ ଖୋଲାଖୋଲି ଗୋ-ମାଂସ ରାନ୍ଧି ବିକ୍ରି କରିବା ଘଟଣା ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଛି । ଏଠି ପ୍ରଶ୍ନ ଉଠେ ଜିଲ୍ଲା ପ୍ରଶାସନ କରୁଛି କଣ ? ଜିଲ୍ଲା ଗୁଇନ୍ଦା ବିଭାଗ ଜିଲ୍ଲା ପୁଲିସ ନିରବ କାହିଁକି ? ଦୈନନ୍ଦିନ ଶହ ଶହ ଟ୍ରକ ବେଆଇନ୍ ଭାବେ ଭଦ୍ରକ ଜିଲ୍ଲାରୁ ଗୋ-ଚାଲାଣ ହେଉଛି । ପ୍ରଶାସନ କାହା ଇଙ୍ଗିତରେ ଆଖି ବୁଜି ଦେଇଛି ? ଯଦି ଏସବୁ ଘଟଣା ବଜାୟ ରହିବ ତେବେ ନିଶ୍ଚିତ ଆଗାମୀ ଦିନରେ ପରିସ୍ଥିତି ବିଗିଡି ଯିବ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ଏବଂ ଏଥିପାଇଁ ସମ୍ପୂର୍ଣ୍ଣ ଭାବରେ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ହିଶ୍ୱ ହିନ୍ଦୁ ପରିଷଦ ତରଫରୁ ଚେତାଇ ଦିଆଯାଇଛି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଜରଙ୍ଗ ଦଳର ରାଜ୍ୟ ସଂଯୋଜକ ଅମ୍ବିକା ଦାସ, ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ସହ ସତସଙ୍ଗ ପ୍ରମୁଖ ଗୋବିନ୍ଦ ରାଉତ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ କାହ୍ନୁ ଚରଣ ସିଂ, ଉପସଭାପତି ନିରଞ୍ଜନ ସାହୁ, କୈଳାସ ଦାସ, ସହସମ୍ପାଦକ ଶ୍ରୀକାନ୍ତ ଲେଙ୍କା, ବାସନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପାରାଦୀପରେ ସିବିଆଇ ରେଡ୍ ଜାରି : ଦ୍ୱିତୀୟ ଦିନରେ ହେପାଜତକୁ ଗଲେ ଦୁଇ କମ୍ପାନୀ ଅଧିକାରୀ



ପାରାଦୀପ, ୦୫/୦୮ (ନି.ପ୍ର): ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସ୍ଏଲ୍)ର ପାରାଦୀପ ବଡପଡିଆସ୍ଥିତ କାର୍ଯ୍ୟାଳୟର ଜଣେ ଅଧିକାରୀ ଓ କରମଚାନ୍ଦ ଥାପର୍ କମ୍ପାନୀ (କେସିଟି)ର ଜଣେ ଅଧିକାରୀଙ୍କୁ ଶୁକ୍ରବାର ଦିନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ନିଜ ହେପାଜତ୍‌କୁ ନେଇଛି । ଗୁରୁବାର ଦିନ ସିବିଆଇ ଓଏସଏଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ କଟକ ଓଡିଆ ବଜାର ଘର, କଟକ ଲିଙ୍କ ରୋଡ୍‌ସ୍ଥିତ ଓଏସଏଲର ମୁଖ୍ୟ କାର୍ଯ୍ୟାଳୟ ସମେତ ପାରାଦୀପ ବଡପଡିଆସ୍ଥିତ କାର୍ଯ୍ୟାଳୟରେ ଏକ ସମୟରେ ସିବିଆଇ ପକ୍ଷରୁ ରେଡ୍ କରାଯାଇଥିଲା । ପାରାଦୀପ ବନ୍ଦରରେ କେଇଲା ପ୍ଲଟ୍ ଆବଂଟନରେ ଦୂର୍ନିତୀ ଅଭିଯୋଗ ହୋଇଥିଲା । ଏହାକୁ ନେଇ ଗୁରୁବାର ଦିନ ରାତିରେ ମହିମାଙ୍କୁ ମଧୁବନସ୍ଥିତ ୧୦୦ ମିଲିୟନ୍ ଟନ୍ ଗେଷ୍ଟ ହାଉସ୍‌ରେ ଜେରା କରିଥିଲା । ଏହି ଅନିୟମିତା ଅଭିଯୋଗରେ ପାରାଦୀପ ବନ୍ଦରର ମୁଖ୍ୟ ବୈଦ୍ୟୁତିକ ଓ ଯାନ୍ତିକ ଯନ୍ତ୍ରୀ (ସିଇଏମ୍‌ଇ) ସରୋଜ କୁମାର ଦାସ ଓ ତାଙ୍କ ସହଯୋଗୀ ସୁମନ୍ତ ରାଉତ(ବନା)ଙ୍କୁ ସିବିଆଇ ପାରାଦୀପରୁ ଭୂବନେଶ୍ୱର ସାଙ୍ଗରେ ନେଇଯାଇଥିଲେ । ଶୁକ୍ରବାର ଦିନ ଓଏସଏଲ୍‌ର ବରିଷ୍ଠ ଅଧିକାରୀ ସତ୍ୟନାରାୟଣ ସାହୁ ଓ କେସିଟିର ବରିଷ୍ଠ ଅଧିକାରୀ ଶୁଭ୍ରାଶଙ୍ଖା ମିତ୍ରଙ୍କୁ ସିବିଆଇ ହେପାଜତ୍‌କୁ ନେଇଛି । ପାରାଦୀପରେ ସିବିଆଇର ରେଡ୍ ପରେ ଅନ୍ୟମାନଙ୍କ ମନରେ ଛନକା ପଶିଛି । ଏହା ପରେ ସିବିଆଇର ରେଡ୍ କାହା ଉପରେ ହେବ ତାକୁ ନେଇ ସାଧାରଣରେ ଉତ୍ସୁକତା ଦେଖା ଦେଇଛି ।

# ଦରବୃଦ୍ଧି-ଉତ୍କଟ ବେକାରୀକୁ ନେଇ ଜିଲ୍ଲା କଂଗ୍ରେସର ବିକ୍ଷୋଭ



ବାଲେଶ୍ୱର,୦୫/୦୮ (ନି.ପ୍ର): ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଓ ଉତ୍କଟ ବେକାରୀ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶିତ ହେଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରିଲକ୍ଷିତ ହୋଇଛି । ଅଖିଳ ଭାରତୀୟ କଂଗ୍ରେସ କମିଟିର ନିଷ୍ପତ୍ତି ତଥା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ କ୍ରମେ ବାଲେଶ୍ୱରରେ କଂଗ୍ରେସ କର୍ମୀମାନେ ଶୁକ୍ରବାର ଜିଲାପାଳଙ୍କ ଅଫିସ ଘେରାଓ କରିଥିଲେ । ଏହି ପରିପ୍ରେକ୍ଷୀରେ ଗାନ୍ଧୀସ୍ମୃତି ଭବନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି ସଭାପତିତ୍ୱ କରିବା ସହିତ ସାମ୍ପ୍ରତିକ ଦେଶର ଅଚଳାବସ୍ଥାକୁ ନେଇ ଉଭୟ ମୋଦି ଓ ନବୀନ ସରକାରକୁ ଦାୟୀ କରିଥିଲେ । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ବଢ଼ି ଚାଲିଥିବା ବେଳେ ସାଧାରଣ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ପାଇବାରେ ଲାଗିଛି । ଏଭଳି ସ୍ଥିତି କେନ୍ଦ୍ର ସରକାର ମୁଢ଼ି ଉପରେ ଭାଟ ଲାଗୁ କରିବା କେଉଁ ନ୍ୟାୟର ବୋଲି ସେ ପ୍ରଶ୍ନ କରିଥିଲେ । ଏଥିରେ ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ଓ ସୁରେନ୍ଦ୍ର ପରମାଣିକ, ପିସିସି ସମ୍ପାଦକ ସତ୍ୟଶିବ ଦାସ, ବିଜନ ନାୟକ, ମହିଳା କଂଗ୍ରେସ ଜିଲା ପ୍ରଜ୍ଞାପାରମିତା ମହାନ୍ତି, ବିକାଶ ଦାସ, ଗୋପୀନାଥ ପାଢ଼ୀ, ବାସନ୍ତି ସାମଲ, ରଞ୍ଜନ ଦାସ, ଦେବଦତ୍ତ ଦାସ, ଗୌତମ ସାହୁ, ଜ୍ୟୋସ୍ନା ସେନାପତି, ତରୁଣ ଦାସ ପ୍ରମୁଖ କଂଗ୍ରେସ ନେତାମାନେ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେପି ଓ ବିଜେଡି ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଦରବୃଦ୍ଧ ଓ ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ନ ଦେଇ ଇଡି ଓ ସିବିଆଇକୁ ହାତବାରିସି କରି ଅନ୍ୟାନ୍ୟ ଦଳର ନେତାଙ୍କ ଉପରେ ଭିତ୍ତିହୀନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସାମ୍ବିଧାନକୁ ଅବମାନନା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଆଗାମୀ ଦିନରେ ଦେଶବାସୀ ତଥା ଓଡ଼ିଶାବାସୀ ଏହାର ଉଚିତ ଜବାବ ଦେବେ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଥିଲେ । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ୨ଶହରୁ ଅଧିକ କଂଗ୍ରେସ କର୍ମୀଙ୍କୁ ପୁଲିସ ଗାଡ଼ିରେ ନେଇ ଅନ୍ୟତ୍ର ଛାଡ଼ିଦେଇଥିଲା । ଜିଲା କଂଗ୍ରେସ କମିଟି, ଛାତ୍ର କଂଗ୍ରେସ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ତଥା ବହୁ ସଦସ୍ୟ ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମଲି ହୋଇଥିଲେ ।

# ଖଇରବଣି ଆଶ୍ରମରେ ୨ୟ ଶ୍ରେଣୀ ଛାତ୍ରର ମୃତ୍ୟୁ, କ୍ଷତିପୂରଣ ଦାବି

ନୀଳଗିରି, ୦୫/୦୮ (ନି.ପ୍ର): ନୀଳଗିରି ବ୍ଲକ ଧୋବଶିଳା ପଂଚାୟତ ଖଇରବଣି ଆଶ୍ରମ ହଷ୍ଟେଲରେ ୨ୟ ଶ୍ରେଣୀରେ ଅଧ୍ୟୟନ ଛାତ୍ରର ମୃତ୍ୟୁକୁ ନେଇ ଉକ୍ତ ଅଂଚଳରେ ଉତେଜନା ଦେଖା ଯାଇଛି । ସୂଚନା ଅନୁଯାଇ ଖଇରବଣି ଆଶ୍ରମରେ ହଷ୍ଟେଲ ରହି ପଢୁଥିବା ଉକ୍ତ ବିଦ୍ୟାଳୟ ନିକଟ ରାବଡ଼ିସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂଙ୍କ ୭ବର୍ଷର ଶିଶୁ ପୁତ୍ର ତପୁ ସିଂ ଙ୍କ ଦେହ କିଛି ଦିନ ପୂର୍ବରୁ ଅସୁସ୍ଥ ଥିଲା । ବିଦ୍ୟାଳୟ କର୍ତ୍ତୁପକ୍ଷ ଉକ୍ତ ଛାତ୍ରକୁ ଗୁରୁବାର ପୂର୍ବାହ୍ନରେ ଉକ୍ତ ଛାତ୍ରର ଅଭିଭାବକଙ୍କୁ ପୁଅର ଅସୁସ୍ଥତା ଜଣାଇ ଘରକୁ ଛାଡ଼ିଥିଲେ । ମାତ୍ର ଜ୍ୱର ନ ଛାଡ଼ିବାରୁ ତପୁର ବାପା ଶୁକ୍ରବାର ପୂର୍ବାହ୍ନରେ ପୁଅକୁ ନୀଳଗିରି ହସପିଟାଲକୁ ଆଣି ଚିକିତ୍ସା କରାଇଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଛାତ୍ରର ମୃତ୍ୟୁ ଘଟିଥିଲା । ଛାତ୍ରର ମୃତ୍ୟୁ ପରେ ପରିବାର ସହିତ ଅଂଚଳବାସୀ ବିଦ୍ୟାଳୟ କର୍ତ୍ତୁପକ୍ଷଙ୍କ ଅବହେଳା ପାଇଁ ଛାତ୍ରର ମୃତ୍ୟୁ ହୋଇଥିବା କହିଛନ୍ତି । ଏ ନେଇ ବିଦ୍ୟାଳୟ ପରିସରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିବାରକୁ କ୍ଷତିପୂରଣ ଦେବାକୁ ଅଂଚଳବାସୀ ଦାବୀ କରିବା ସହିତ ଦାୟତ୍ୱ ଅବହେଳା କରିଥିବା ହଷ୍ଟେଲ ସୁପରିଂଟେଣ୍ଡେଂଟ କୁ ବରଖାସ୍ତ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଥିଲେ । ସେଠାରେ ପ୍ରଶାସନ ପକ୍ଷରୁ ନୀଳଗିରି ତହସିଲଦାର, ଏଡି.ଡବ୍ଲୁ. ଡବ୍ଲୁ.ଓ., ସି.ଆର.ସି., ଏବିଇଓ., ବିଆରସିସି, ସ୍ଥାନୀୟ ସରପଂଚ ଏବଂ ସ୍ଥାନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଘଟଣାସ୍ଥଳରେ ପହଂଚି ପ୍ରତିବାଦୀକାରୀଙ୍କ ସହ ଆଲୋଚନା କରିଥିଲେ । ଉଭୟ ପକ୍ଷଙ୍କ ଆଲୋଚନା ପରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ବହିଷ୍କାର କରିବା ସହ ରେଡକ୍ରସ ତରଫରୁ ୧୦ହଜାର, ସ୍କୁଲ କର୍ତ୍ତୁପକ୍ଷ ତରଫରୁ ୧୦ହଜାର ଓ ଚନ୍ଦ୍ରବିନ୍ଦୁ ଦାସ ଙ୍କ ପକ୍ଷରୁ ୫ହଜାର, ସହ ଡେଥ୍ ସାର୍ଟିଫିକେଟ ଆସିବା ପରେ ସରକାରଙ୍କ ପକ୍ଷରୁ କ୍ଷତିପୁରଣ ଦେବାର ଆଲୋଚନା ହୋଇଥିଲା । ପରେ ମୃତ ଛାତ୍ରକୁ ଅପରାହ୍ନରେ ପୋଷ୍ଟମୋର୍ଟମ କରିବା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ଜଣାପଡ଼ିଛି ।

## ଗୋପାଳଗାଁ ସାବିତ୍ରୀ ନୋଡାଲ ହାଇସ୍କୁଲ ଆଲୁମିନି ବୈଠକ

ବାଲେଶ୍ୱର,୦୫/୦୮ (ନି.ପ୍ର): ଗୋପାଳଗାଁ ସାବିତ୍ରୀ ନୋଡାଲ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ନବଗଠିତ ଆଲୁମିନିର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆଲୁମିନି ସଭାପତି ତଥା ଆଜିକାଲି ଖବରକାଗଜର ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ରୂପାନ୍ତରୀଣ ୫-ଟି ଯୋଜନାରେ ଏହି ବିଦ୍ୟାଳୟ ସାମିଲ ହୋଇଥିବା ନେଇ ବୈଠକରେ ଉପସ୍ଥିତ ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ । ଏହାର କାର୍ଯ୍ୟକୁ ଆଗେଇ ନେବା ସାଙ୍ଗକୁ ବିଦ୍ୟାଳୟର ଉନ୍ନତି ପାଇଁ ଏହି ଆଲୁମିନି ସହ ଯୋଡ଼ିହେବା ଓ ସହଯୋଗର ହାତ ବଢ଼ାଇବା ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କୁ ଏହି ବୈଠକରେ ନିବେଦନ କରାଯାଇଛି । ଏହି ଅବସରରେ ସଭାପତି ଶ୍ରୀ ମହାନ୍ତି ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଥିଲେ । ସଂଗଠନର ଉପ-ସଭାପତି ଅଜିତ କୁମାର ମହାନ୍ତି, ସମ୍ପାଦକ ଦର୍ପନାରାୟଣ ଦାସଙ୍କ ସମେତ ପୁରାତନ ଛାତ୍ର ତଥା ସ୍ଥାନୀୟ କାଉନସିଲର କାର୍ତ୍ତିକ ଚନ୍ଦ୍ର ସାହୁ, ଦେବଜିତ ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମ୍ପାଦକ ଦର୍ପନାରାୟଣ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଟିଏମ୍‌ଏସ୍ ଆନୁକୂଲ୍ୟରେ କଳାକାର ଦକ୍ଷତା ଚୟନ




ଭଦ୍ରକ,୦୫/୦୮ (ନି.ପ୍ର): ସ୍ଥାନୀୟ ଶହୀଦ୍ ସ୍ମୃତି ଭବନରେ ସିଟିଏମ୍‌ଏସ୍ (କଲ୍‌ଚୁରାଲ ଟିମ୍ ମ୍ୟାନେଜମେଣ୍ଟ ସିଷ୍ଟମ୍) ଆନୁକୂଲ୍ୟରେ କଳାକାର ଦକ୍ଷତା ଚୟନ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍‌କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇ ଯାଇଛି । ଗତ ଜୁଲାଇ ୧୩ ଓ ୧୪ ତାରିଖ ପାଲା ଓ ଦାସ୍‌କାଠିଆ ଦକ୍ଷତା ଚୟନ ହୋଇଥିବା ବେଳେ ଗତ ୩ ତାରିଖରୁ ୫ ତାରିଖ ଯାଏ ଘୋଡାନାଚ, ଘଣ୍ଟବାଦ୍ୟ, ଓଡ଼ିଶୀ ନୃତ୍ୟ, ଭଜନ ସଂଗୀତ, ସୁଗମ ସଂଗୀତ, ମୋଗଲ ତାମ୍‌ସା ଆଦି ମାଧମରେ ଦକ୍ଷତା ଚୟନ କରାଯାଇଥିଲା । ପାଲା ଓ ଦାସ୍‌କାଠିଆର ବିଚାରକ ଭାବେ ଗାୟକ ବାଗୀଶ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ଗାୟକ ଦୀନବନ୍ଧୁ ଦାସ ଯୋଗ ଦେଇଥିବା ବେଳେ ଅନ୍ୟ ବିଭାଗର ବିଚାରକ ଭାବେ ଗୁରୁ ଅନିରୁଦ୍ଧ ପରିଡ଼ା, ଗୁରୁ ତରଣୀସେନ ରାଉତ, ଅଜିତାନନ୍ଦ ଦେବଗୋସ୍ୱାମୀ, କେଶବ ଚନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା,ବ୍ଲକ ଓ ନଗର କଳାକାର ସଂସ୍କୃତି ସଂଘର ଉପସଭାପତିମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।

# ବାଲେଶ୍ୱରରେ ଗଡ଼ିଲା ଡାଇରିଆ ସଚେତନତା ରଥ

ବାଲେଶ୍ୱର,୦୫/୦୮ (ନି.ପ୍ର): ରାଜ୍ୟରେ ସମ୍ପ୍ରତି ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଗୁରୁତ୍ୱ ଦେଇ ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆରମ୍ଭ ହୋଇଛିଠନ ସଚେତନତା ଅଭିଯାନ । ଏନେଇ ଜିଲାରେ ପରିକ୍ରମା ପାଇଁ ଦୁଇଟି ସଚେତନତା ରଥକୁ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ଡାଇରିଆ ସହିତ ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ସୁସ୍ଥ ହେବା ଓ ନିରୋଗ ରହିବା ନିମନ୍ତେ ସଚେତନ କରିବ । ଡାଇରିଆ ରୋଗଠାରୁ ଦୂରେଇ ରହିବା ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା, ପରିଚ୍ଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେବା ଏବଂ ନିୟମିତ ହାତ ଧୋଇବା ଓ ସଫା ରଖିବାର ବାର୍ତ୍ତା ପ୍ରଚାର କରିବ । ଅନୁରୂପ ଭାବେ ମ୍ୟାଲେରିଆ ଓ ଡେଙ୍ଗୁର ପ୍ରତିକାର ନିମନ୍ତେ ମଶାରୀ ବ୍ୟବହାର କରିବା ଏବଂ ବାଡ଼ିଘର ପରିଷ୍କାର ରଖିବା ପାଇଁ ଏହା ଲୋକଙ୍କୁ ସଚେତନ କରିବ । ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ଆଗୁଆ ପଦକ୍ଷେପ ଦ୍ୱାରା ଆମ ଜିଲାରେ ଏହି ସବୁ ରୋଗର ପ୍ରଭାବକୁ ପ୍ରତିହତ କରାଯାଇପାରିବ ବୋଲି ଜିଲାପାଳ ଶ୍ରୀ ଶିନ୍ଦେ ଆଶା ପ୍ରକାଶ କରିଛନ୍ତି । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳସେନ ଜଗଦେବ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଶଶାଙ୍କ ଶେଖର ଚୌଧୁରୀ, ପୌରପାଳିକା ସ୍ୱାସ୍ଥ୍ୟ ଅଧିକାରୀ ଡା. ସପନ କୁମାର ମହାନ୍ତି , ଡିପିଏମ ଅନୀଲ କୁମାର ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ଓ ସୂଚନା ଅଧିକାରୀ ଶ୍ରୀକାନ୍ତ ସେଠୀଙ୍କ ସମେତ ଅନ୍ୟାନ୍ୟ ବହୁ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୮୩୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୫/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୩୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୬୪୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୬୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୧୯୩୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୧୮୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୮୮ ଜଣ ସଂଗରୋଧରୁ ଓ ୩୪୮ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨, ବାଲେଶ୍ୱର ଜିଲ୍ଲାରେ ୯, ବରଗଡ ଜିଲ୍ଲାରେ ୩୦, ଭଦ୍ରକ ଜିଲ୍ଲାରେ ୪, ବଲାଙ୍ଗୀର ଜିଲ୍ଲାରେ ୩୨, ବୌଦ୍ଧ ଜିଲ୍ଲାରେ ୧୦, କଟକ ଜିଲ୍ଲାରେ ୨୦ . ଦେବଗଡ, ଜିଲ୍ଲାରେ ୬, ଢେଙ୍କାନାଳ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପ୍ରସ୍ତାବିତ ୫ଟି ବିଦ୍ୟାଳୟକୁ ବାଲେଶ୍ୱର ଜିଲ୍ଲାପାଳ ପରିଦର୍ଶନ



ବାଲିଆପାଳ, ୦୫/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳ ଶୁକ୍ରବାର ବାଲିଆପାଳ ବ୍ଲକର ପ୍ରସ୍ତାବିତ ୫ଟି ଅନ୍ତର୍ଭୁକ୍ତ ୧୬ ଟି ବିଦ୍ୟାଳୟରୁ ଆଠାଟି ବିଦ୍ୟାଳୟ ବୁଲି ଦେଖିଛନ୍ତି । ଏହି ୮ଟି ବିଦ୍ୟାଳୟର କାର ?ୟ୍ୟ ତୁରନ୍ତ ଆରମ୍ଭ କରିବାକୁ ସେ ମଧ ନିର୍ଦ୍ଦେଶ ଦେଇଛନ୍ତି । ଶିକ୍ଷା ବିଭାଗ ୫ଟିରେ ଅନ୍ତର୍ଭୁକ୍ତ ହେବା ପରେ ସରକାର ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଅଗ୍ରାଧିକାର ଦେଉଛନ୍ତି । ସେହି ନିୟମକୁ ଦୃଷ୍ଟି ରଖି ୫ଟି ବିଦ୍ୟାଳୟରେ ରୂପାନ୍ତରୀତ କରୁଛନ୍ତି । ଯେଉଁ ସ୍କୁଲରେ ସ୍ମାର୍ଟ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଘର ରହିଛି ଉକ୍ତ ବିଦ୍ୟାଳୟକୁ ୫ଟି ସ୍କୁଲରେ ରୂପାନ୍ତରୀତ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ବାଲିଆପାଳ ବ୍ଲକରେ ୧୪ଟି ସ୍କୁଲ କୁ ୫ଟି ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯାଇଥିଲା । ତୃତୀୟ ପର ?ୟାୟରେ ୧୬ ଟି ବିଦ୍ୟାଳୟକୁ ୫ଟିରେ ଅନ୍ତର୍ଭୁକ୍ତ କରିବାପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦେବା ପରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ବାଲିଆପାଳ ବ୍ଲକ ଗସ୍ତରେ ଆସି ବାଲିଆପାଳ ବ୍ଲକର ପ୍ରସ୍ତାବିତ ୧୬ ଟି ବିଦ୍ୟାଳୟ ମଧ୍ୟରୁ ବାଲିଆପାଳ ବ୍ଲକର ହାସିମପୁର,ଶ୍ରୀରାମପୁର, ଦେଭୋଗ, ରାଣୀଖୁଡି, ଡଗରା, ଅଳାଡ଼ିହା, ପ୍ରତାପପୁର ପ୍ରଭୃତି ଆଠଟି ବିଦ୍ୟାଳୟର ସ୍ଥିତ ବୁଲି ଦେଖିବା ପରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କଥା ବାଲିଆପାଳ ବିଡ଼ିଓ ଦୀପକ କୁମାର ଦାଶ କହିଛନ୍ତି । ଅନ୍ୟ ୮ଟି ବିଦ୍ୟାଳୟକୁ ଜିଲ୍ଲାପାଳ ଆସନ୍ତା ସପ୍ତାହରେ ପରିଦର୍ଶନ କରିବାର ସୂଚନା ରହିଛି ।

# ରେଳ ଓଭରବ୍ରିଜ୍ କାର୍ଯ୍ୟ ହୋଇନାହିଁ ବନ୍ଦ : ୨୦୨୩ ମାର୍ଚ୍ଚ ସୁଦ୍ଧା ହେବ କାର୍ଯ୍ୟକ୍ଷମ

ଜଳେଶ୍ୱର, ୦୫/୮(ନି.ପ୍ର): ୫୭ ରାଜ୍ୟ ରାଜପଥର ଜଳେଶ୍ୱର ସହର ମଧ୍ୟରେ ନିର୍ମାଣ ଚାଲିଥିବା ୪୫ ନଂ ରେଳ ଓଭରବ୍ରିଜ୍‌ର କାର୍ଯ୍ୟ ବନ୍ଦ ହୋଇ ନାହିଁ । ବର୍ଷାଦିନ ଯୋଗୁଁ କାମ ଧିମେଇଥିବା ବେଳେ ୨୦୨୩ ମାର୍ଚ୍ଚ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର-ଚନ୍ଦନେଶ୍ୱର-ଦୀଘା ସଡକ ପଥର ଜଳେଶ୍ୱର ସହର ମଧ୍ୟରେ ଏକ ରେଳଓଭର ବ୍ରିଜ୍ କାର୍ଯ୍ୟ ୨୦୧୯ ମସିହାରୁ ଆରମ୍ଭ ହୋଇଛି । ଫଳରେ ଦୀର୍ଘବର୍ଷ ଧରି ୫୭ ରାଜ୍ୟ ରାଜପଥରେ ସମସ୍ତ ଯାନ ଚଳାଚଳ ଦୀର୍ଘ ସମୟ ଧରି ବ୍ୟାହତ ହେଉଛି । ଯାନ ଗୁଡିକୁ ଦୀର୍ଘସମୟ ଅପେକ୍ଷାରତ ହେବାକୁ ପଡୁଥିବାରୁ ରୋଗୀ, ଗର୍ଭବତୀ ମହିଳା, ସ୍କୁଲ, କଲେଜ ଓ କାର୍ଯ୍ୟାଳୟକୁ ଯାଉଥିବା ବ୍ୟକ୍ତି ଦୀର୍ଘ ସମୟ ଅଟକି ରହୁଛନ୍ତି । ୬୨ କୋଟି ଟଙ୍କା ବ୍ୟୟରେ ଏହି ରେଳ ଓଭରପୋଲ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଶେଷ ହେଉନଥିବା ବେଳେ ଏହାର ଶ୍ରମିକ, ସୁରକ୍ଷାକର୍ମୀ, ଯନ୍ତାଂଶ ଓ ଆସବାପତ୍ର ଅନ୍ୟତ୍ର ଚାଲି ଯାଉଥିବାରୁ କାର୍ଯ୍ୟ ବନ୍ଦ ହେବା ସଂପର୍କରେ ଏକ ଗୁଜବ ପ୍ରଚାରିତ ହୋଇଥିଲା । କିନ୍ତୁ ରେଳ ଓଭରବ୍ରିଜ୍ କାର୍ଯ୍ୟ ଅଦ୍ୟାବଧି ଚାଲିଛି ଓ ଚାଲିବ, ଏଥିରେ ମୋଟ ୨୫ଟି ପିଲର ଥିବା ବେଳେ ପୋଲର ଦୁଇ ମୁଣ୍ଡରେ ୨ଟି ପିଲର ମଧ୍ୟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ରେଳ ବିଭାଗ ୪ଟି ପିଲର କାର୍ଯ୍ୟ ସାରିଥିବା ବେଳେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ମୋଟ ୧୩୫ଟି ଗାଡର ତିଆରି କରିବାକୁ ଚୁକ୍ତିପତ୍ରରେ ଉଲ୍ଲେଖ ରହିଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଶୋକ କୁମାର ପଣ୍ଡା ଓ ସହକାରୀ ଯନ୍ତ୍ରୀ ନିହାରକାନ୍ତି ବେହେରା ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ମୋଟ ୧୩୫ଟି ଗାଡର ହେବାକୁ ଥିବା ବେଳେ ସେଥିରୁ ୬ଟି ଷ୍ଟିଲରେ ନିର୍ମିତ ଏହା ଅନ୍ୟସ୍ଥାନରୁ ଅଣାଯିବାକୁ ଥିବା ବେଳେ ୧୨୯ଟି କଂକ୍ରିଟ ଗାର୍ଡର ମଧ୍ୟର ୧୧୯ଟିର କାର୍ଯ୍ୟ ଶେଷ ହୋଇଛି । ବ୍ୟବହୃତ ଯନ୍ତାଂଶ ଅନ୍ୟତ୍ର ଯିଥିବା ବେଳେ ନୂତନ ଯନ୍ତ୍ର ଘଟଣାସ୍ଥଳକୁ ଆସବା ସଂପର୍କରେ ସେମାନେ ସୂଚନା ଦେଇଛନ୍ତି । ୨୦୨୨ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ହେବାକୁ ନୂତନ ଆଦେଶ ଥିବା ବେଳେ ଏକହା ନିର୍ମାଣ ଶେଷ ହେବାକୁ ୨୦୨୩ ମାର୍ଚ୍ଚ ହେବ ବୋଲି ସେମାନେ ସ୍ପଷ୍ଟ ଭାବେ କହିଛନ୍ତି । ୧୩ ଡିସିମିଲ ସ୍ଥାନ କ୍ରୟ କରିବାକୁ ବାକିଥିବା ବେଳେ ଏଥିଲାଗି କାର୍ଯ୍ୟ ବନ୍ଦ ହେବ ନାହିଁ ବୋଲି କହିଛନ୍ତି । ଉଡନ୍ତା ବୋଲିର ଦୁଇପଟେ ରାସ୍ତା ଓ ଜଳ ନିଷ୍କାସନ ନାଳ ଅକ୍ଟୋବର ମାସରେ ଶେଷ ହେବ ବୋଲି ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ବହୁ ପ୍ରଚେଷ୍ଟା ଫଳରେ ୨୦୧୭-୧୮ରେ ବାଲେଶ୍ୱର ଜିଲାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ ୫ଟି ରେଳ ଓଭରବ୍ରିଜ୍ ନିର୍ମାଣ ହେବାର ସ୍ଥିର ହୋଇ ଟେଣ୍ଡର ହୋଇଥିବା ସଂପର୍କରେ ରାଜ୍ୟ ପର୍ଯ୍ୟଟନ, ଅବକାରୀ ଓ ଭାଷା ସାହିତ୍ୟର ମନ୍ତ୍ରୀର ତଥା ଜଳେଶ୍ୱର ବିଧାୟକ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରେ କହିଛନ୍ତି । କୋଭିଡ ୧୯ ଭୟାବହତା, ଜମି ମାଲିକଙ୍କ ଠାରୁ ଜମି କିଣିବାରେ ବିଳମ୍ବଏବଂ ବର୍ଷାରୁତୁ ହୋଗୁଁ କାର୍ଯ୍ୟରେ କିଛିଟା ବିଳମ୍ବ ଘଟିଥିଲେ ମଧ୍ୟ ଏହା ବନ୍ଦ ହୋଇନାହିଁ ଓ ୨୦୨୩ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ ହେବାକୁ ଠିକାଦାର ଆଶିର୍ବାଦ କନ୍‌ଷ୍ଟ୍ରକ୍‌ସନକୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ପାତ୍ର କହିଛନ୍ତି ।

# ପ୍ରତିଟି ଗ୍ରାମ ପଞ୍ଚାୟତ ହେବ ବାଲ୍ୟବିବାହ ମୁକ୍ତ



ଉଦଳା, ୦୫/୦୮ (ନି.ପ୍ର): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ତରଫରୁ ଆକ୍ସନଏଡ଼ ଭୁବନେଶ୍ୱରର ଆୟୋଜନରେ ଚଳିତ ଅଗଷ୍ଟ ୫ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ବ୍ଲକସ୍ତରୀୟ "ଶିଶୁ ମିତ୍ର ଗ୍ରାମ/ଗ୍ରାମ ପଞ୍ଚାୟତ ଓ ବାଲ୍ୟ ବିବାହ ନିଷେଧ" ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦଳା ସି.ଡ଼ି.ପି.ଓ ଆଲଦୀ ମାର୍ଣ୍ଡି ଆଲୋଚନା ଚକ୍ରରେ ଅଧକ୍ଷତା କରିବା ସହ ବାଲ୍ୟବିବାହର ଭୟାବହତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆକ୍ସନଏଡ଼ର ଜିଲ୍ଲା କୋର୍ଡ଼ିନେଟର ପ୍ରକାଶ ତାଙ୍କର ବକ୍ତବ୍ୟରେ ଶିଶୁ ମିତ୍ର ଗ୍ରାମ କ'ଣ? ଏହା କାହିଁକି ଗଠନ କରାଯାଉଛି ? ଇତ୍ୟାଦି ବର୍ଣ୍ଣନା କରିବା ସହ, ଆଗାମୀ ଦିନରେ ପ୍ରତି ପଞ୍ଚାୟତକୁ ବାଲ୍ୟବିବାହ ମୁକ୍ତ ପଞ୍ଚାୟତ ରୂପେ ଘୋଷଣା କରାଯିବାର ଯୋଜନା ରହିଛି ବୋଲି ଅବଗତ କରାଇଥିଲେ । ଭୀମତାଳି ଗ୍ରାମର ନାଏବ ସରପଞ୍ଚ ରଣଜିତ୍ ପଣ୍ଡା କିପରି ତାଙ୍କର ନିଜର ଉଦ୍ୟମରେ ନିଜ ଗ୍ରାମରୁ ଏକ ବାଲ୍ୟ ବିବାହକୁ ବନ୍ଦ କରିପାରିଥିଲେ ତାର ଅନୁଭବ ବ୍ୟକ୍ତ କରିଥିଲେ । ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର ସଦସ୍ୟ ରୁପାଏ ବାସ୍କେ ଓ ସୁବ୍ରତ କୁମାର ମହାନ୍ତି, ଭୀମତାଳି ଗ୍ରାମ ସରପଞ୍ଚ ବିଜୟା ମୁର୍ମୁ, ବଡ଼ସିଙ୍ଗାରିଆର ସରପଞ୍ଚ ସୁନାରାମ ଟୁଡ୍ଡୁ, ଖଲାଡ଼ି ସରପଞ୍ଚ ସସ୍ମିତା ବାରିକ୍ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ବହୁ ସଂଖ୍ୟାରେ ୱାର୍ଡ ମେମ୍ବର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ମିଶନ ଶକ୍ତି ମହିଳା ଓ ସୁପରଭାଇଜର ମାନେ ଉପସ୍ଥିତ ଥିଲେ । ୟୁନିସେଫ୍‌ର ବ୍ଲକ କୋର୍ଡିନେଟର କୈଳାସ ନାୟକ ପ୍ରାରମ୍ଭରେ ଅତିଥିପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo